ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ ନିଷ୍କର୍ଷ
Approved by DAVP Govt. of India

# ନିଷ୍କର୍ଷ NISHKARSHA

RNI REGD. No. : ODIODI/2020/78909
QR Code Scan for Play NTv(24X7) Channel on Your Mobile Phone
Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in
YouTube
NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE- 09 ♦ CUTTACK ♦ WEEKLY ♦ 02 TO 08 - MARCH 2026♦ 8 PAGE ♦ RATE- 5/- ■ ବର୍ଷ - ୦୬ ♦ ସଂଖ୍ୟା -୦୯ ♦ କଟକ♦ ସାପ୍ତାହିକ ♦୦୨ ରୁ ୦୮-ମାର୍ଚ୍ଚ ୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

# ଆମର ସାମୂହିକ ଲକ୍ଷ୍ୟ ହେଉଛି ବିକଶିତ ଭାରତ : ପ୍ରଧାନମନ୍ତ୍ରୀ

**ମଦୁରାଇ(ଏଜେନ୍ସି) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାମିଲନାଡୁର ମଦୁରାଇରେ ୪,୪୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବହୁବିଧ ବିକାଶ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି । ପବିତ୍ର ନଗରୀ ମଦୁରାଇରେ ଏକ ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜି ତାମିଲନାଡୁର ବିକାଶ ଯାତ୍ରାରେ ଏକ ଗର୍ବର ଅଧ୍ୟାୟ । ଏହି ପ୍ରକଳ୍ପଗୁଡ଼ିକ ସଂଯୋଗୀକରଣକୁ ପରିବର୍ତ୍ତନ କରିବା, ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ଏବଂ ଯୁବକମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ରାଜ୍ୟର ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ପରିବର୍ତ୍ତନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଉଚ୍ଚମାନର ଭିତ୍ତିଭୂମି ନିର୍ମାଣ ମୌଳିକ ଭାବରେ ଲୋକଙ୍କୁ ସଶକ୍ତ କରିବ । ଏହି ବିକାଶର ଅର୍ଥ ହେଉଛି କୃଷକମାନଙ୍କ ପାଇଁ ବଜାରରେ ପହଞ୍ଚିବା ପାଇଁ ଉତ୍ତମ ରାସ୍ତା, ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକଙ୍କ




ପାଇଁ ସହଜ ଯାତ୍ରା ଏବଂ ବ୍ୟବସାୟ ପାଇଁ ଦ୍ରୁତ ପରିବହନ, ଶ୍ରୀ ମୋଦୀ ଆଲୋକପାତ କରିଥିଲେ । ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ବାର ବର୍ଷ ମଧ୍ୟରେ, ଭାରତ ସରକାର ତାମିଲନାଡୁର ରାଜପଥ ନେଟୱାର୍କରେ ଗୁରୁତ୍ୱପୂର୍ଣ୍ଣ ନିବେଶ କରିଛନ୍ତି, ୨୦୧୪ ପରଠାରୁ ଚାରି ହଜାର କିଲୋମିଟରରୁ ଅଧିକ ରାଜପଥ ନିର୍ମାଣ କରାଯାଇଛି । ସେ ଦୁଇଟି ପ୍ରମୁଖ ଜାତୀୟ ରାଜପଥ ପ୍ରକଳ୍ପ, ମାରକକନମ-ପୁଡୁଚେରୀ ସେକ୍ସନର ଚାରି ଲେନ ପାଇଁ ଶିଳାନ୍ୟାସ ବିଷୟରେ ଉଲ୍ଲେଖ କରିଥିଲେ, ଯେଉଁଥିରେ କୋଟି କୋଟି ଟଙ୍କାରୁ ଅଧିକ ନିବେଶ ଅନ୍ତର୍ଭୁକ୍ତ । ଉପକୂଳ ପର୍ଯ୍ୟଟନ ଏବଂ ବାଣିଜ୍ୟକୁ ସୁଦୃଢ଼ କରିବା ପାଇଁ ୨,୧୦୦ କୋଟି ଟଙ୍କା ଏବଂ ପରମାକୁଡି-ରାମନାଥପୁରମ ରାସ୍ତାକୁ ଚାରି ଲେନ କରିବା ପାଇଁ ୧,୮୦୦ କୋଟି ଟଙ୍କାରୁ ଅଧିକ ନିବେଶ ସହିତ, ପରବର୍ତ୍ତୀ ପ୍ରକଳ୍ପ ରାମେଶ୍ୱରମ ଏବଂ ଧନୁଷକୋଡି ଭଳି ସ୍ଥାନଗୁଡ଼ିକୁ ପହଞ୍ଚାଇବାରେ ଯଥେଷ୍ଟ ଉନ୍ନତି ଆଣିବ, ତୀର୍ଥଯାତ୍ରୀଙ୍କ ପାଇଁ ଯାତ୍ରାର ସହଜତା ଏବଂ କୃଷି ତଥା ସାମୁଦ୍ରିକ ଉତ୍ପାଦ ପାଇଁ ସୁଗମ ପରିବହନ ସୁନିଶ୍ଚିତ କରିବ ।

ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଗତ ଦଶନ୍ଧି ମଧ୍ୟରେ, ଭାରତୀୟ ରେଳ ଏକ ଐତିହାସିକ ପରିବର୍ତ୍ତନ ଦେଇ ଗତି କରିଛି, ଏକ ଆଧୁନିକ, ଦକ୍ଷ ଏବଂ ଲୋକ-କୈନ୍ଦ୍ରିକ ପରିବହନ ବ୍ୟବସ୍ଥା ଭାବରେ ଉଭା ହୋଇଛି । ଏହି ପରିବର୍ତ୍ତନ ବିଶେଷ ଭାବରେ ତାମିଲନାଡୁରେ ଦୃଶ୍ୟମାନ, ଯେଉଁଠାରେ ବର୍ତ୍ତମାନର ସରକାର ଦାୟିତ୍ୱ ଗ୍ରହଣ କରିବା ପରଠାରୁ ରେଳ ବଜେଟ ଆବଣ୍ଟନ ପ୍ରାୟ ନଅ ଗୁଣ ବୃଦ୍ଧି ପାଇଛି, ଶ୍ରୀ ମୋଦୀ କହିଥିଲେ । ପ୍ରଧାନମନ୍ତ୍ରୀ ସୂଚାଇଥିଲେ ଯେ ୨୦୦୯ ରୁ ୨୦୧୪ ମଧ୍ୟରେ ହାରାହାରି ବାର୍ଷିକ ଆବଣ୍ଟନ ୮୮୦ କୋଟି ଟଙ୍କା ଥିଲା, ୨୦୨୬-୨୭ ବର୍ଷ ପାଇଁ ଏହା ୭୬୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦେଇଥିଲେ ଯେ ତାମିଲନାଡୁର ଏକ ସମୃଦ୍ଧ ଇତିହାସ ଏବଂ ଐତିହ୍ୟ ରହିଛି । ସେ ଘୋଷଣା କରିଥିଲେ ଯେ ଆଦିଚାନାଲ୍ଲୁର ଭଳି ଐତିହାସିକ ସ୍ଥାନଗୁଡ଼ିକୁ ବିଶ୍ୱ ଐତିହ୍ୟ ଗନ୍ତବ୍ୟସ୍ଥଳରେ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ସରକାରୀ ନିର୍ଦ୍ଦେଶକୁ ବେଖାତିର

# ଅଫିସର ଦେଉ ନାହାଁନ୍ତି ସମ୍ପତ୍ତି ତାଲିକା

**ଭୁବନେଶ୍ୱର(ଏନ୍.ଏମ୍.) :** ସରକାରୀସ୍ତରରେ ଭିଜିଲାନ୍ସ, ଇଡି ଚଢାଉ ଚାଲିଛି । ବାହାରୁଛି ପୁଳାପୁଳା ଟଙ୍କା । ଏସବୁ କ'ଣ ସର୍ବସାଧାରଣଙ୍କ ଅର୍ଥ ନୁହେଁକି ? ଏଭଳି ସର୍ବସାଧାରଣଙ୍କ ଅର୍ଥକୁ ଶୋଷଣ କରି ରଖିଥିବା ବାବୁମାନେ ବହୁ ହୁସିଆର ଅଛନ୍ତି । କିଛି ଧରା ପଡୁଛନ୍ତି ଏବେ ମଧ ଆହୁରି ଅନେକ ଧରାପଡ଼ି ନାହାଁନ୍ତି । ତାରିଖ ପରେ ତାରିଖ ଘୁଞ୍ଚି ଚାଲିଛି । କିନ୍ତୁ ସମ୍ପତ୍ତି ତାଲିକାର ହିସାବ ଦେଉନାହାନ୍ତି ସରକାରୀ ବାବୁ । ଲାଗୁଛି ସରକାରଙ୍କୁ ଯେପରି ଅଫିସରଙ୍କ ଭୟ ନାହିଁ । ସେଥିପାଇଁ ତ ବାରମ୍ବାର ବେଖାତିର ମନୋଭାବ ଦେଖାଇ ଚାଲିଛନ୍ତି ଅଫିସର । ଆଉ ସଠିକ୍ ସମୟରେ ସମ୍ପତ୍ତି ତାଲିକା ଦେଇନଥିଲେ ବି କାର୍ଯ୍ୟାନୁଷ୍ଠାନ ଶୂନ । ଡେଡଲାଇନ୍ ସରୁଥିଲେ ବି ଦରମା ବନ୍ଦ କରି ସସପେଣ୍ଡ କରୁନାହାନ୍ତି । ଯେହେତୁ କାର୍ଯ୍ୟାନୁଷ୍ଠାନ ଶୂନ, ସେଥିପାଇଁ ବାବୁଙ୍କର ଭୟ ଛାଡ଼ିଯାଇଛି । ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଘନଘନ ଚଢ଼ାଉ କରୁଛି ଭିଜିଲାନ୍ସ । କୋଟି କୋଟି ଟଙ୍କା ବାବୁଙ୍କ ଘରୁ ବାହାରୁଛି ତଥାପି ବାବୁଙ୍କ ପ୍ରତି ସରକାରଙ୍କ ଦରଦ ପ୍ରବଳ । ସରକାର କାର୍ଯ୍ୟାନୁଷ୍ଠାନ କଥା ତ କହୁଛନ୍ତି, ନେବା ବେଳକୁ କୁନ୍ଥକୁନ୍ଥ । ସମ୍ପତ୍ତି ତାଲିକା ନଦେଲେ, କିଛି ସରକାରୀ ବିଭାଗରେ ପ୍ରମୋସନ୍ ହେଉନାହିଁ । ତେଣୁ ସବୁ ବିଭାଗରେ କାହିଁକି ଏହାକୁ କାର୍ଯ୍ୟକାରୀ କରାଯିବନି ବୋଲି ଉଠିଲାଣି ପ୍ରଶ୍ନ । ପୂର୍ବତନ ପ୍ରଶାସକଙ୍କ ମତରେ, ସବୁ ଜିଲ୍ଲାରେ ଭିଜିଲାନ୍ସ ମନିଟରିଂ କରିବାର ଆବଶ୍ୟକତା ରହିଛି । ଏହାଦ୍ୱାରା ନା କେବଳ ବାବୁଙ୍କ ଭିତରେ ଭୟ ରହିବ, ବରଂ ସେମାନେ ସରକାରଙ୍କ ସ୍କାନରରେ ବି ରହିବେ । ହେଲେ ପ୍ରଶ୍ନ ବାବୁଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନେବାକୁ ଜୁ' ଜୁଟାଇ ପାରୁନାହାନ୍ତି ସରକାର ?

## ଠିକାଦାରଙ୍କ ଜିଦ୍ ଆଗରେ ନଇଁବେନି ସରକାର

# ଚେତାବନୀ ଦେଲେ ମନ୍ତ୍ରୀ

**ଭୁବନେଶ୍ୱର(ଏନ୍.ଏମ୍.) :** ଠିକାଦାରମାନଙ୍କ ଆନ୍ଦୋଳନ ଯୋଗୁ ରାଜ୍ୟତମାମ ବିକାଶମୂଳକ କାର୍ଯ୍ୟ ଠପ୍ ପଡ଼ିଥିବାବେଳେ ଆଜି ସରକାର ଓ ଠିକାଦାର ମହାସଂଘ ମୁହାଁମୁହିଁ ହୋଇଛନ୍ତି । ନେଗେଟିଭ୍ ଟେଣ୍ଡର ପ୍ରକ୍ରିୟାକୁ ବିରୋଦ କରି 'ନିଖିଳ ଓଡ଼ିଶା ଠିକାଦାର ମହାସଂଘ'ର ସଦସ୍ୟମାନେ ପିଏମଜିଠାରେ ଆମରଣ ଅନଶନରେ ବସିଥିବାବେଳେ ରାଜ୍ୟ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି କଡ଼ା ଚେତାବନୀ ଦେଇଛନ୍ତି । ସରକାର କୌଣସି ଜିଦ୍ ଆଗରେ ନଇଁବେ ନାହିଁ ଓ ସରକାରଙ୍କୁ ଠିକାଦାର ନୁହେଁ ବରଂ ଲୋକପ୍ରତିନିଧି ଚଳାଇବେ ବୋଲି ସ୍ପଷ୍ଟ କରିଛନ୍ତି । ଏପଟେ ଠିକାଦାର ମହାସଂଘର ସଭାପତି ଅନିଲ ମହାଲିକ 'ଯଦି ଦରଦ ଅଛି ତା'ହେଲେ ଦାବି ଶୁଣ' ବୋଲି କହି ସରକାରଙ୍କୁ ଗଣମାଧ୍ୟମ ଜରିଆରେ କହିଛନ୍ତି ।

ଆନ୍ଦୋଳନ ବାହାନାରେ ଯଦି କେହି କାର୍ଯ୍ୟରତ ଅନ୍ୟ ଛୋଟ ବା ବଡ଼ ଠିକାଦାରଙ୍କୁ କାମ କରିବାରେ ବାଧା ସୃଷ୍ଟି କରନ୍ତି, ତେବେ ସରକାର ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ ସର୍ତକ କରାଇ ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ଠିକାଦାର ମହାସଂଘ ଉପସ୍ଥାପନ କରୁଥିବା ଦାବିଗୁଡ଼ିକ ସମ୍ପୂର୍ଣ୍ଣ ଅଯୌକ୍ତିକ । ବିଶେଷ କରି ୧୪.୯୯ ପ୍ରତିଶତ 'ଲେସ୍' ବା ନେଗେଟିଭ୍ ଟେଣ୍ଡର ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଉଠାଇଦେବା

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

# ପାକିସ୍ତାନରେ ଜାତିସଂଘ କାର୍ଯ୍ୟାଳୟ ଜାଳି ଦେଲେ ପ୍ରତିବାଦକାରୀ



**ଇସଲାମାବାଦ(ଏଜେନ୍ସି) :** ଅୟାତୋଲ୍ଲା ଖେମିନିଙ୍କ ମୃତ୍ୟୁ ପରେ ପାକିସ୍ତାନରେ ନିଆଁ ଜଳୁଛି । ଲୋକମାନେ ରାସ୍ତାକୁ ଓହ୍ଲାଇ ଆମେରିକା ବିରୋଧରେ ତୀବ୍ର ବିରୋଧ ପ୍ରଦର୍ଶନ କରୁଥିବାବେଳେ କରାଚୀ ଓ ଲାହୋରଠାରେ ଆମେରିକା ବାଣିଜ୍ୟିକ ଦୂତାବାସ ବାହାରେ ଭୀଷଣ ସଂଘର୍ଷ ଦେଖିବାକୁ ମିଳିଛି । ପାକିସ୍ତାନର ସିହା ବହୁଳ ଅଞ୍ଚଳରେ ହିଂସାତ୍ମକ ସଂଘର୍ଷ, ବ୍ୟାପକ ପୋଡ଼ାଜଳା ଦେଖିବାକୁ ମିଳିଛି । ପାକିସ୍ତାନର ଉତ୍ତରରେ ଥିବା ଗିଲଗିଟ୍-ବାଲ୍ଟିସ୍ତାନର ସ୍କାଡୁଠାରେ ଥିବା ଜାତିସଂଘ କାର୍ଯ୍ୟାଳୟରେ ବିକ୍ଷୋଭକାରୀ ନିଆଁ ଲଗାଇ ଦେବା ସହିତ ଆଖାପାଖ କୋଠାରେ ଭଙ୍ଗାରୁଜା କରିଛନ୍ତି । ଏଥିରେ ଜାତିସଂଘ କାର୍ଯ୍ୟାଳୟ କିଛି ଅଂଶ ପୋଡ଼ି ଯାଇଛି । ଏହା ପୂର୍ବରୁ ପ୍ରତିବାଦକାରୀ କରାଚୀଠାରେ ଆମେରିକା ଦୂତାବାସଠାରେ ବ୍ୟାପକ ପୋଡ଼ାଜଳା କରିଥିବାବେଳେ ଆମେରିକା ସାମୁଦ୍ରିକ ସୁରକ୍ଷା କର୍ମୀଙ୍କ ଗୁଳିରେ ୧୨ ଜଣ ପାକିସ୍ତାନ ନାଗରିକଙ୍କର ମୃତ୍ୟୁ ହୋଇଥିବାବେଳେ ୬୦ ଜଣ ଆହତ ହୋଇଛନ୍ତି । ଲାହୋର, ପେଶାୱର ଓ ଅନ୍ୟ ସହରରେ ଆମେରିକା ବିରୋଧୀ ପ୍ରତିବାଦ ଜୋର ଧରିଥିବାବେଳେ ଇସଲାମାବାସ୍ଥିତ ଦୂତାବାସ ପକ୍ଷରୁ ଆମେରିକା ଏହାର ନାଗରିକଙ୍କୁ ଜନଗହଳିପୂର୍ଣ୍ଣ ସ୍ଥାନକୁ ନଯିବାକୁ ପରାମର୍ଶ ଦେଇଛି ।

# ଇରାନ ଆକ୍ରମଣ ପାଇଁ ଟ୍ରମ୍ପଙ୍କୁ ଉସୁକାଇଥିଲେ ସାଉଦି ପ୍ରିନ୍ସ !



**ନୂଆଦିଲ୍ଲୀ(ଏନ୍.ଏମ୍.) :** ସାଉଦି ଯୁବରାଜ ମହମ୍ମଦ ବିନ୍ ସଲମାନ ଗତ ମାସରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏକାଧିକ ଥର ବ୍ୟକ୍ତିଗତ ଫୋନ୍ କଲ୍ କରିଥିଲେ । ସେ ସର୍ବସାଧାରଣରେ କୂଟନୈତିକ ସମ୍ପର୍କକୁ ସମର୍ଥନ କରୁଥିଲେ ମଧ ଇରାନ ଉପରେ ଆକ୍ରମଣ କରିବାକୁ କୁଆଡ଼େ ଟ୍ରମ୍ପଙ୍କୁ ଉସୁକାଇଥିଲେ ବୋଲି ୱାସିଂଟନ ପୋଷ୍ଟ ରିପୋର୍ଟ କରିଛି ।

ଜାନୁଆରିରେ ଯୁବରାଜ କହିଥିଲେ ଯେ, ସେ ତାଙ୍କ ଦେଶର ବାୟୁସୀମା କିମ୍ବା ଅଞ୍ଚଳକୁ ଇରାନ ଉପରେ ଆକ୍ରମଣ ପାଇଁ ବ୍ୟବହାର କରିବାକୁ ଦେବେ ନାହିଁ । ସାଉଦି ଆରବ ଇରାନର ସାର୍ବଭୌମତ୍ୱକୁ ସମ୍ମାନ ଦିଏ କହି ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ସେ ୱାସିଂଟନ ଓ ତେହେରାନକୁ ଅନୁରୋଧ କରିଥିଲେ । ଆଣବିକ ଆଲୋଚନା ବନ୍ଦ ହେବା ଏବଂ ଇରାନ ଏହାର ଆଣବିକ କାର୍ଯ୍ୟକଳାପ ପୁନଃ ଆରମ୍ଭ କରିଥିବା ଦାବି କରିବା ପରେ ଶନିବାର ଆମେରିକା ଓ ଇସ୍ରାଏଲ ମିଳିତ ଆକ୍ରମଣ ଆରମ୍ଭ କରିଥିଲେ । ଟ୍ରମ୍ପ କହିଛନ୍ତି ଯେ 'ଭାରୀ ଓ ପିନପଏଣ୍ଟ ବୋମା ଆକ୍ରମଣ' ସପ୍ତାହ ପର୍ଯ୍ୟନ୍ତ କିମ୍ବା ଯେତେ ଦିନ ଆବଶ୍ୟକ ହେବ ଜାରି ରହିବ । ଏହି ଆକ୍ରମଣ ପରେ ଇରାନ ୟୁଏଇର ଆବୁଧାବି ଓ ଦୁବାଇ, କତରର ଦୋହା ଓ ସାଉଦି ଆରବର ରିୟାଦ ଉପରେ ପ୍ରତିଶୋଧ ପରାୟଣ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ଏନସିଆରଟି ପାଠ୍ୟପୁସ୍ତକ ବିବାଦ

# ଅସନ୍ତୋଷ ବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ନୂଆଦିଲ୍ଲୀ (ଏଜେନ୍ସି) :** ନୂତନ ଏନସିଆରଟି ଶ୍ରେଣୀ ୮ ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକରେ 'ନ୍ୟାୟପାଳିକାରେ ଦୁର୍ନୀତି' ଉପରେ ଏକ ଅଧ୍ୟାୟ ଯୋଡା ଯାଇଥିଲା, ଯାହା ବିବାଦ ସୃଷ୍ଟି କରିଛି । ଏନସିଆରଟି ପାଠ୍ୟପୁସ୍ତକ ବିବାଦ ଉପରେ ପ୍ରଧାନମନ୍ତ୍ରୀ ମୋଦି ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସୂତ୍ର ଅନୁଯାୟୀ, ମଙ୍ଗଳବାର କ୍ୟାବିନେଟ୍ ବୈଠକରେ ପ୍ରଧାନମନ୍ତ୍ରୀ ମୋଦି ଏହି ପ୍ରସଙ୍ଗରେ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ । ସେ କହିଥିଲେ ଯେ ପିଲାମାନଙ୍କୁ କ'ଣ ପଢ଼ାଯାଉଛି ତାହା ଉପରେ ସତର୍କତାର ସହ ନଜର ରଖିବା ଉଚିତ । ଏହି ବୈଠକ ପରେ ପ୍ରଧାନମନ୍ତ୍ରୀ ମୋଦି ଇସ୍ରାଏଲ ଅଭିମୁଖେ ଯାତ୍ରା କରିଛନ୍ତି । ସୂତ୍ର ଅନୁଯାୟୀ, ବୈଠକ ସମୟରେ ପ୍ରଧାନମନ୍ତ୍ରୀ ସ୍ପଷ୍ଟ ଭାବରେ ତାଙ୍କର ଆପତ୍ତି ପ୍ରକାଶ କରି କହିଥିଲେ, 'ଆମେ ଅଷ୍ଟମ ଶ୍ରେଣୀର ଛୋଟ ପିଲାମାନଙ୍କୁ ନ୍ୟାୟିକ ଦୁର୍ନୀତି ବିଷୟରେ କ'ଣ ଶିକ୍ଷା ଦେଉଛୁ ? ଏହା କ'ଣ ସେମାନଙ୍କ ବୟସ ଏବଂ ବୁଝିମଣା ପାଇଁ ଉପଯୁକ୍ତ ?' ଯଦିଓ ଏହି ବିଷୟରେ ଏପର୍ଯ୍ୟନ୍ତ କୌଣସି ସରକାରୀ ବିବୃତ୍ତି ଜାରି କରାଯାଇ ନାହିଁ । କ୍ୟାବିନେଟ ବୈଠକରେ ଉଠାଯାଇଥିବା



ପ୍ରସଙ୍ଗ ଶିକ୍ଷା ନୀତି ଏବଂ ପାଠ୍ୟକ୍ରମ ସମ୍ପର୍କରେ ଏକ ନୂତନ ବିତର୍କ ସୃଷ୍ଟି କରିଛି । ଠିକ୍ ସେହିପରି ଏନସିଆରଟି ଶ୍ରେଣୀ ୮ ପାଠ୍ୟପୁସ୍ତକରେ 'ନ୍ୟାୟପାଳିକାରେ ଦୁର୍ନୀତି' ଅଧ୍ୟାୟକୁ ନେଇ ସୃଷ୍ଟି ହୋଇଥିବା ବିବାଦ ସମ୍ପର୍କରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, 'ଯାହା ଘଟିଛି ସେଥିପାଇଁ ମୁଁ ଗଭୀର ଦୁଃଖିତ, ଏବଂ ନ୍ୟାୟପାଳିକାକୁ ଅପମାନିତ କରିବାର କୌଣସି ଉଦ୍ଦେଶ୍ୟ ନଥିଲା ।' ସେ କହିଛନ୍ତି ଯେ ଉତ୍ତରଦାୟିତ୍ୱ ପ୍ରତିଷ୍ଠା କରାଯିବ । ନ୍ୟାୟପାଳିକା ଦୁର୍ନୀତି ଉପରେ ଅଧ୍ୟାୟ ପ୍ରସ୍ତୁତ କରିବାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । 'ଆମେ ନ୍ୟାୟପାଳିକାକୁ ସମ୍ପୂର୍ଣ୍ଣ ସମ୍ମାନ କରୁ । କୋର୍ଟଙ୍କ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା

# ନିର୍ଦ୍ଦୋଷରେ ଖଲାସ ହେଲେ କେଜ୍ରିୱାଲ

**ନୂଆଦିଲ୍ଲୀ(ଏଜେନ୍ସି) :** କୋର୍ଟଙ୍କୁ ନିର୍ଦ୍ଦୋଷରେ ଖଲାସ ହେବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ବିଜେପିକୁ ଟାର୍ଗେଟ କରିଛନ୍ତି । ଲୋକେ ପଚାରୁଛନ୍ତି, ଜେଲରୁ ଆସିବା ପରେ ଅରବିନ୍ଦ କେଜ୍ରିୱାଲ ଗାଏବ ହୋଇଗଲେ । ମୁଁ କୌଣସି ନେତା ନୁହେଁ । ଏମିତି ଅଭିଯୋଗ ମୋ ଉପରେ ପ୍ରଭାବ ପକାଉଛି । ଆଜି ମୋତେ ଶାନ୍ତି ମିଳିଛି । ଆପଣ ସବୁକିଛି କରି ଦେଖି ନେଲେ, ହେଲେ ଅରବିନ୍ଦ କେଜ୍ରିୱାଲଙ୍କ କିଛି କରି ପାରିଲେନି । ଏବେ ଗୋଟିଏ ମାତ୍ର ବାଟ ରହିଛି, କେଜ୍ରିୱାଲଙ୍କ ହତ୍ୟା କରିଦିଅ ନଚେତ ଆମଠାରୁ ଅଧିକ ସ୍କୁଲ ଓ ମୋହଲ୍ଲା କ୍ଲିନକ ନିର୍ମାଣ କରିଦିଅ । କେଜ୍ରିୱାଲଙ୍କ ସହ ମନୀଷ ସିସୋଦିଆ, ସଞ୍ଜୟ ସିଂହ, ସୌରଭ ଭାରଦ୍ୱାଜ ଏବଂ ଦୁର୍ଗେଶ ପାଠକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେପି ଗତ ୪ବର୍ଷ ହେବ ମଦ ଦୁର୍ନୀତି କଥା କହୁଛି । ଆମ ନ୍ୟାୟିକ ବ୍ୟବସ୍ଥା ଐତିହାସିକ ନିଷ୍ପତ୍ତି ଦେଇଛନ୍ତି । ଜଜ୍ ସାହେବଙ୍କୁ ଧନ୍ୟବାଦ । ଆଜି ଯେତେବେଳେ ସମସ୍ତଙ୍କୁ ଧମକ ଦିଆଯାଉଛି, ସେ ସେମୟରେ ଜଜ୍ ସାହେବ ବହୁତ ସାହସ ଦେଖାଇଛନ୍ତି । କେଜ୍ରିୱାଲ କହିଛନ୍ତି, ପୂରା ଦେଶର ଲୋକେ ସମର୍ଥନ



ଦେଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ । ଗତ ୪ ବର୍ଷରେ ଇଡି, ସିବିଆଇର ବ୍ୟବହାର କରି ମୋ ଉପରେ ମଦ ଦୁର୍ନୀତିର ଅଭିଯୋଗ ଲଗାଇଥିଲେ । ଆଜି କୋର୍ଟଙ୍କୁ ନିଷ୍ପତ୍ତି ନେବାର ଥିଲା କି ମାମଲା ଚଲାଇବାକୁ ପାଇଁ ଆବଶ୍ୟକ ପ୍ରମାଣ ରହିଛି କି ନାହିଁ । କେଜ୍ରିୱାଲ କହିଛନ୍ତି, କୋର୍ଟ ୬୦୦ପୃଷ୍ଠାର ଆଦେଶରେ କହିଛନ୍ତି, ଗୋଟିଏ ବି ପ୍ରମାଣ ନାହିଁ । ଏହା ପୂରା ଷଡଯନ୍ତ୍ର ଥିଲା । ଦେଶକୁ କ୍ଷମା ମାଗିବା ଉଚିତ । ସେମାନେ ଦେଖିଲେ ଦିଲ୍ଲୀରେ ହରାଇ ପାରିବେ ନାହିଁ । ତେଣୁ ଏମିତି ଅକ୍ଷମଣୀୟ ଷଡଯନ୍ତ୍ର ରଚିଲେ । ସେମାନେ ଜାଣିଥିଲେ କେଜ୍ରିୱାଲ ଜଣେ ସଚ୍ଚୋଟ ଲୋକ, ତାଙ୍କ ସଚ୍ଚୋଟତା ଉପରେ ଆକ୍ରମଣ କରାଯାଉ । ଭ୍ରଷ୍ଟାଚାରର ଅଭିଯୋଗ ଲଗାଇ ସେମାନେ ୧୦୦ କୋଟି ଟଙ୍କା ଖାଇଗଲେ । କୋର୍ଟଙ୍କ ନିର୍ଦ୍ଦେଶ ଏହା ପ୍ରମାଣିତ କରୁଛି ଅରବିନ୍ଦ କେଜ୍ରିୱାଲ, ମନୀଷ ସିସୋଦିଆ, ସଞ୍ଜୟ ସିଂହ ଏବଂ ଦୁର୍ଗେଶ ପାଠକ ସମ୍ପୂର୍ଣ୍ଣ ସଚ୍ଚୋଟ ।

କେବଳ ବିଜେପି ନୁହେଁ, ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସକୁ ବି ଟାର୍ଗେଟ କରିଛନ୍ତି କେଜ୍ରିୱାଲ । ସେ କହିଛନ୍ତି, ଆମ ପରିବାର ବହୁତ କିଛି ସହିଛି । ଆମେ ଓ ଆମ ପରିବାର ଗୁରୁତ୍ୱପୂର୍ଣ୍ଣ ନୁହେଁ । ହେଲେ ଦିଲ୍ଲୀବାସୀ ଏହାର ପରିଣାମ ଭୋଗୁଛନ୍ତି । ମୋଦି ଜୀଙ୍କୁ ଚ୍ୟାଲେଞ୍ଜ ଦେଉଛି, ଆଜି ନିର୍ବାଚନ କରନ୍ତୁ, ୧୦ରୁ ଅଧିକ ସିଟ ଜିତିପାରିବେନି । ଆଗକୁ କହିଛନ୍ତି, ଆଜି ଆମେରିକା ଆମକୁ ଆଖି ଦେଖାଉଛି । ଟ୍ରମ୍ପ ପ୍ରତିଦିନ ଗାଳି ଦେଉଛନ୍ତି, ହେଲେ ମୋଦି ଜୀ ପୂରା ଚୁପ୍ । ସେ ପ୍ରଶ୍ନ କରିଛନ୍ତି, କେଜ୍ରିୱାଲ, ସିସୋଦିଆ ଜେଲ ଯାଆନ୍ତୁ ହେଲେ ରୋବର୍ଟ ଭଦ୍ରା, ରାହୁଲ ଗାନ୍ଧୀ, ସୋନିଆ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## DECLARATION FROM-1

I, Smt. Manasi Sahoo declare that I am the printer and publisher of the Newspaper "**NISHKARSHA**" printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha) and published from At-Badachanchoo, Po-Nakhara, Via-Choudwar, Dist-Cuttack-754025 (Odisha) and the particulars in respect of the said News paper is given below are true to the best of my knowledge and belief.

1. Title of the Newspaper: **NISHKARSHA**
2. Language : Odia
3. Periodicity : Weekly
4. Place of Publication : At-Badachanchoo, Po-Nakhara, Via-Choudwar, Dist-Cuttack-754025(Odisha)
5. Publisher's Name : **Smt. Manasi Sahoo**
   (a) Nationality : Indian
   (b) Address : At-Badachanchoo, Po-Nakhara, Via-Choudwar, Dist-Cuttack-754025(Odisha)
6. Printer's Name : **Smt. Manasi Sahoo**
   (a) Nationality : Indian
   (b) Address : At-Badachanchoo, Po-Nakhara, Via-Choudwar, Dist-Cuttack-754025(Odisha)
7. Editors' Name : **Sri Tapan Kumar Sahoo**
   (a) Nationality : Indian
   (b) Address : At-Badachanchoo, Po-Nakhara, Via-Choudwar, Dist-Cuttack-754025(Odisha)
8. Owner's Name : **NISHKARSHA MEDIA ENTERTAINMENT AND PUBLICATION**
   (a) Nationality : Indian
   (b) Address : At-Badachanchoo, Po-Nakhara, Via-Choudwar, Dist-Cuttack-754025 (Odisha)
9. Place of Printing : Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha)

Sd/- **Smt. Manasi Sahoo**
Printer & Publisher

# 'ଗ୍ରେମୀ'ରେ ଚମକିଲା ଭାରତ
## ଶକ୍ତିକୁ ମିଳିଲା ବେଷ୍ଟ ଗ୍ଲୋବାଲ୍ ମ୍ୟୁଜିକ୍ ଆଲବମ୍ ଆୱାର୍ଡ




**ନୂଆଦିଲ୍ଲୀ(ଏଜେନ୍ସି) :** ବିଶ୍ୱର ସର୍ବଶ୍ରେଷ୍ଠ ଗ୍ଲୋବାଲ୍ ମ୍ୟୁଜିକ୍ ପ୍ରଦର୍ଶନୀ 'ଗ୍ରେମୀ'ରେ ଚମକିଲା ଭାରତ। ୬୬ତମ ଗ୍ରେମୀ ଆୱାର୍ଡରେ ଶଙ୍କର ମହାଦେବନ୍ ଏବଂ ଜାକିର ହୁସେନଙ୍କ ଫ୍ୟୁଜନ ବ୍ୟାଣ୍ଡ 'ଶକ୍ତି'କୁ ମିଳିଛି ପୁରସ୍କାର। ବେଷ୍ଟ ଗ୍ଲୋବାଲ୍ ମ୍ୟୁଜିକ୍ ଆଲବମ୍ ଆୱାର୍ଡରେ ପୁରସ୍କୃତ ହୋଇଛି 'ଶକ୍ତି' ବ୍ୟାଣ୍ଡ। ଏହି ବ୍ୟାଣ୍ଡର ଲାଟେଷ୍ଟ ଆଲବମ୍ 'ଦିସ୍ ମୋମେଣ୍ଟ' ପାଇଁ ଗ୍ରେମୀ ଆୱାର୍ଡ ମିଳିଛି। ଶକ୍ତି ବ୍ୟାଣ୍ଡ ଜନ୍ ମ୍ୟାକ୍ ଲୋଗଲିନ୍, ଜାକିର ହୁସେନ୍, ଶଙ୍କର ମହାଦେବନ୍, ଭି. ସେଲଭାଗଣେଶ ଏବଂ ଗଣେଶ ରାଜାଗୋପାଲାନଙ୍କ ସହଯୋଗରେ ପ୍ରସ୍ତୁତ ହୋଇଥିଲା। ଦୀର୍ଘ ୪୫ ବର୍ଷ ପରେ ଶକ୍ତି ବ୍ୟାଣ୍ଡ ନିଜର ପ୍ରଥମ ଆଲବମ୍ ରିଲିଜ୍ କରିଥିଲା। ଆଉ ଶେଷରେ ବିଶ୍ୱର ଏହି ସର୍ବଶ୍ରେଷ୍ଠ ମ୍ୟୁଜିକ୍ ଆୱାର୍ଡରେ ସମ୍ମାନିତ ହୋଇଛି। ୧୯୭୩ ମସିହାରେ ଇଂରାଜୀ ଗୀତାର ବାଦକ ଜନ୍ ମ୍ୟାକଲୋଲିନ୍, ଭାରତୀୟ ଭାୟୋଲିନ ବାଦକ ଏଲ. ଶଙ୍କର, ତବଲା ବାଦକ ଜାକିର ହୁସେନ ଏବଂ ଟି.ଏଚ. ବିକକୁ ବିନାୟକରାମଙ୍କ ସହ ମିଶି ଫ୍ୟୁଜନ ବ୍ୟାଣ୍ଡ ଶକ୍ତିର ଆରମ୍ଭ କରିଥିଲେ। ଲସ୍ ଏଞ୍ଜେଲ୍ସରେ ଗ୍ରେମୀ ଆୱାର୍ଡ ଆୟୋଜନ କରାଯାଇଥିଲା। ଶଙ୍କର ମହାଦେବନ ଏବଂ ଜାକିର ହୁସେନଙ୍କ ସମେତ ତାଙ୍କ ଟିମ୍ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଶଙ୍କର ମହାଦେବନ ସଂଗୀତ ଶିଳ୍ପର ସର୍ବଶ୍ରେଷ୍ଠ ପୁରସ୍କାର ଗ୍ରେମୀ ଆୱାର୍ଡ ବିଜୟୀ ହେବା ପରେ ଖୁସିବ୍ୟକ୍ତ କରିଛନ୍ତି। ସେ ଏହି ସଫଳତା ପାଇଁ ଭଗବାନ, ତାଙ୍କ ପରିବାର, ପତ୍ନୀ ଏବଂ ଫ୍ୟାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ତିନି ତିନି ଥର ଗ୍ରେମୀ ଆୱାର୍ଡ ବିଜେତା ରିକି କେଜ୍ ଶକ୍ତି ଟିମକୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ଗ୍ରେମୀ କାର୍ଯ୍ୟକ୍ରମ ସମୟର କିଛି ଭିଡିଓ ଏବଂ ଫଟୋ ସେୟାର କରି ବ୍ୟାଣ୍ଡକୁ ଅଭିନନ୍ଦନ ଜଣାଇଛନ୍ତି।

# ଜ୍ୟାକିଙ୍କ କନିଆଁ ସାଜିବେ ରାକୁଲ, ଗୋଆରେ ପଡିବ ହାତଗଣ୍ଠି



**ମୁମ୍ବାଇ(ଏଜେନ୍ସି) :** ପୁଣି ବି-ଟାଉନରେ ବାଜିବ ଶାହାନାଇ। ହତକୁ ଦି ହାତ ହେବାକୁ ଯାଉଛନ୍ତି ଫିଲ୍ମ ଇଣ୍ଡଷ୍ଟ୍ରିର ସବୁଠାରୁ ଚର୍ଚ୍ଚିତ ଯୋଡି। ଅଭିନେତ୍ରୀ ରାକୁଲ ପ୍ରିତ ସାଜିବେ ବଧୂ। ଅଭିନେତା ତଥା ପ୍ରଡ୍ୟୁସର ଜ୍ୟାକି ଭଗନାନୀଙ୍କ ଧରିବେ ହାତ। ଏଥିପାଇଁ ଆରମ୍ଭ ହୋଇଗଲାଣି ଜୋରସୋର୍ରେ ପ୍ରସ୍ତୁତି।

ଅଖଣ୍ଡ ପାଠ ପରେ ଜ୍ୟାକି ଓ ରାକୁଲଙ୍କ ଆରମ୍ଭ ହୋଇଛି ବିବାହ ପ୍ରସ୍ତୁତି। ଗୋଆରେ ଆସନ୍ତା ୨୧ ତାରିଖରେ ଉଭୟଙ୍କ ହେବ ଗ୍ରାଣ୍ଡ ୱେଡ୍ଡିଂ। ହିନ୍ଦୁ ରୀତିନୀତି ଅନୁସାରେ ପଡିବ ହାତଗଣ୍ଠି। ହୋମ ନିଆଁକୁ ସାକ୍ଷୀ ରଖି ସାତଫେରା ନେବେ ରାକୁଲ ଓ ଜ୍ୟାକି। ତେବେ ଉଭୟଙ୍କ ଏହି ବିବାହ ବେଶ୍ ପ୍ରଇଭେଟ୍ ରହିବ। ଏହି ବିବାହରେ କେବଳ ପରିବାର ଲୋକେ ଓ ଘନିଷ୍ଠ ବନ୍ଧୁବାନ୍ଧବ ହିଁ ସାମିଲ ହେବ। ୧୯ ଓ ୨୦ ଫେବ୍ରୁଆରୀରେ ରାକୁଲ ଓ ଜ୍ୟାକିଙ୍କ ପ୍ରି-ୱେଡ୍ଡିଂ ଫଙ୍କସନ୍ ଆରମ୍ଭ ହେବ। ପ୍ରାୟ ତିନି ଦିନ ଯାଏଁ ବିବାହ ଉତ୍ସବ ଚାଲିବ। ବିବାହ ପରେ ୨୨ ଫେବ୍ରୁଆରୀରେ ମୁମ୍ବାଇରେ ଆୟୋଜିତ ହେବ ଗ୍ରାଣ୍ଡ ୱେଡ୍ଡିଂ ରିସେପ୍ସନ୍। ଏଥିରେ ବଲିଉଡ ଓ ସାଉଥର ଅନେକ ଫିଲ୍ମ ଷ୍ଟାର୍ ସାମିଲ ହେବେ। ବିବାହ ଚର୍ଚ୍ଚା ଭିତରେ ଉଭୟ ରାକୁଲ ଓ ଜ୍ୟାକି ବ୍ୟାଚୁଲର୍ ଟ୍ରିପ୍ରେ ନିଜ ପରିବାର ଓ ସାଙ୍ଗମାନଙ୍କ ସହ ଥାଇଲାଣ୍ଡ ଯାଇ ମଜା ନେଇଛନ୍ତି। ଏହି ବ୍ୟାଚୁଲର ଟ୍ରିପର ଫଟୋ ଏବେ ସାମ୍ନାକୁ ଆସିଛି, ଯାହା ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ୨୦୨୧ରେ ଜ୍ୟାକି-ରାକୁଲ ସୋଶାଲ ମିଡିଆରେ ନିଜ ସମ୍ପର୍କକୁ ଅଫିସିଆଲ ଭାବେ ଘୋଷଣା କରିଥିଲେ। ସେହିଦିନ ଠାରୁ ବି-ଟାଉନର ସମସ୍ତ ପାର୍ଟି ଓ ଫଙ୍କସନରେ ରାକୁଲ ଓ ଜ୍ୟାକି ପ୍ରାୟ ଏକାଠି ନଜର ଆସନ୍ତି।

# ଭାଙ୍ଗିଲା ୧୨ ବର୍ଷର ବୈବାହିକ ସମ୍ପର୍କ, ଭରତଙ୍କ ଠାରୁ ଭିନ୍ନ ହେଲେ ଈଶା



**ମୁମ୍ବାଇ(ଏଜେନ୍ସି) :** ସେଲିବ୍ରିଟିମାନଙ୍କ ବ୍ୟକ୍ତିଗତ ବ୍ୟାପାର ବିଷୟରେ ଜାଣିବା ପାଇଁ ସର୍ବଦା ଦର୍ଶକମାନେ ବ୍ୟାକୁଳ ଥାଆନ୍ତି। ସବୁବେଳେ ସେଲିବ୍ରିଟିଙ୍କ ଉପରେ ଫ୍ୟାନମାନେ ମଧ୍ୟ ନଜର ରଖିଥାନ୍ତି। ତେବେ ବର୍ତ୍ତମାନ ଏଭଳି ଏକ ଖବର ନଜରକୁ ଆସିଛି ଯେଉଥିରେ ଦର୍ଶକ ଦ୍ୱନ୍ଦରେ ରହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଭାଙ୍ଗିଲା ୧୨ ବର୍ଷର ସମ୍ପର୍କ। ଯାହା ଚର୍ଚ୍ଚା ହେଉଥିଲା ଶେଷରେ ତାହା ସତ ହେଲା। ସ୍ୱାମୀଙ୍କ ଠାରୁ ଭିନ୍ନ ହେଲେ ବଲିଉଡର ହି' ମ୍ୟାନ୍ ଧର୍ମେନ୍ଦ୍ର ଓ ହେମା ମାଳିନୀଙ୍କ ଝିଅ ଈଶା ଦେଓଲ। ସେ ସ୍ୱାମୀ ଭରତ ତଖ୍ତାନୀଙ୍କୁ ଛାଡପତ୍ର ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଆପୋଷ ସହମତିରେ ଅଲଗା ହେବା ପାଇଁ ଉଭୟ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଏହି ଖବର ସାମ୍ନାକୁ ଆସିବା ପରେ ବି-ଟାଉନରେ ହଇଚଇ ସୃଷ୍ଟି ହୋଇଯାଇଛି। ଭରତ ଓ ଈଶା ଛାଡପତ୍ର ନେବାକୁ ଯାଉଛନ୍ତି। ଏନେଇ ଖୋଦ୍ ଉଭୟ ଏକ ବୟାନ ଜାରି କରି ଘୋଷଣା କରିଛନ୍ତି। ଜାରି ହୋଇଥିବା ବୟାନରେ ଈଶା ଓ ଭରତ କହିଛନ୍ତି, 'ଆମେ ପାରସ୍ପରିକ ସମ୍ମତି ସହିତ ଅଲଗା ହେବାକୁ ନିଷ୍ପତ୍ତି ନେଇଛୁ। ଆମ ଜୀବନର ଏହି ପରବର୍ତ୍ତନ ଯୋଗୁ ଆମର ଦୁଇ ପିଲାଙ୍କ ହିତ ଏବଂ କଲ୍ୟାଣ ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମର ଗୋପନୀୟତାକୁ ସମ୍ମାନ ଦିଆଯିବ ବୋଲି ଆଶା।' ଶେଷଥର ପାଇଁ ଈଶା ନିଜ ବିବାହ ଆନିର୍ଭସରୀରେ ଭରତଙ୍କ ସହ ଏକ ଫଟୋ ପୋଷ୍ଟ କରିଥିଲେ। ଏହାଥିଲା ଏକ ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ଫଟୋ। ଏହାର କ୍ୟାପସନରେ ଲେଖିଥିଲେ, ଅନନ୍ତକାଳ ଯାଏଁ ଯୋଡିକୁ ବଜାୟ ରଖିବା ପାଇଁ...। ଏବେ କିନ୍ତୁ ଦୁହେଁ ଆଉ ଏକାଠି ନାହାନ୍ତି। ଏଥିସହ ନିକଟରେ ହେମ ମାଳିନୀଙ୍କ ଜନ୍ମଦିନ ପାର୍ଟିରେ ଈଶା ଓ ଭରତଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ତେବେ ଉଭୟଙ୍କ ଭିତରେ ସବୁକିଛି ଠିକ୍ ନଥିବା ନେଇ ଚର୍ଚ୍ଚା ହେଉଥିଲା। ୧୨ ବର୍ଷ ପୂର୍ବେ ଡ୍ରିମଗାର୍ଲ ହେମ ମାଳିନୀଙ୍କ ଲାଡଲୀ ଈଶା ଦେଓଲ ବିଜନେସମ୍ୟାନ୍ ଭରତ ତଖ୍ତାନୀଙ୍କ ହାତ ଧରିଥିଲେ। ୨୦୧୨ରେ ବେଶ୍ ଧୁମ୍ଧାମରେ ହୋଇଥିଲା ଉଭୟଙ୍କ ବିବାହ। ମୁମ୍ବାଇର ଇସ୍କନ ମନ୍ଦିରରେ ହିନ୍ଦୁ ରୀତିନୀତି ଅନୁସାରେ ଭରତଙ୍କ ହାତ ଧରିଥିଲେ ଈଶା। ବିବାହର ପାଞ୍ଚ ବର୍ଷ ପରେ ଈଶା ଝିଅ ରାଧାଙ୍କୁ ଜନ୍ମ ଦେଇଥିଲେ। ଏହାପରେ ୨୦୧୯ରେ ସାନ ଝିଅ ମିରାୟାଙ୍କ ମା' ହୋଇଥିଲେ ଈଶା। ତେବେ ପିଲା ଦୁଇଟି କେଉଁଠି ରହିବେ ତାହାର କୌଣସି ସ୍ପଷ୍ଟ ଚିତ୍ର ଆସିନଥିଲେ ମଧ୍ୟ ଈଶା ପିଲାମାନଙ୍କ ଭବିଷ୍ୟତକୁ ନେଇ ତତ୍ପର ଅଛନ୍ତି। ତେବେ କେଉଁକାରଣରୁ ବିଭାହ ବିଛେଦ ହେଲା ସେବିଷୟରେ ମଧ୍ୟ କୌଣସି ତଥ୍ୟ ପଦାକୁ ଆସିନାହିଁ। ଏହି ଛାଡ଼ପତ୍ର ପରେ ଉଭୟେ ପୁଣି ଏକାଠି ହେବେ ନା ଅନ୍ୟ ସହିତ ପୁଣି ସଂସାର କରିବେ ତାହା ସମୟକୁ ଅପେକ୍ଷା।

# ହ୍ରିତିକ-ଦୀପିକାଙ୍କ ଚୁମ୍ବନ ଦୃଶ୍ୟକୁ ନେଇ ବିବାଦ : 'ଫାଇଟର'କୁ ମିଳିଲା ଲିଗାଲ୍ ନୋଟିସ୍



**ନୂଆଦିଲ୍ଲୀ(ଏଜେନ୍ସି) :** ଚଳଚ୍ଚିତ୍ରରେ ନିର୍ମାତା, ନିର୍ଦ୍ଦେଶକ ଆଦି ଦର୍ଶକମାନଙ୍କୁ କିଛି ନୂଆ ଦେଖାଇବାର ପ୍ରୟାସ କରି ବେଳେବେଳେ ଅଡୁଆରେ ପଡ଼ି ଯାଆନ୍ତି। ତେବେ ଏହିଭଳି ଘଟଣାର ଏକ ଝଲକ ଦେଖିବାକୁ ମିଳିଛି ବଲିଉଡ଼ରେ। ବଲିଉଡ୍ ଷ୍ଟାର ହ୍ରିତିକ ରୋଶନ ଏବଂ ଦୀପିକା ପାଦୁକୋନଙ୍କ ନୂଆ ସିନେମା 'ଫାଇଟର' ଏବେ ବିବାଦ ଘେରକୁ ଆସିଛି। ଭାରତୀୟ ବାୟୁସେନା ୟୁନିଫର୍ମରେ ଏକ ଚୁମ୍ବନ ଦୃଶ୍ୟକୁ ନେଇ ବିବାଦ ବଢ଼ିଥିବା ବେଳେ ଏଥିପାଇଁ ଫିଲ୍ମ ନିର୍ମାତାଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି।

ଆସାମର ଜଣେ ବାୟୁସେନା ଅଧିକାରୀ ସୌମ୍ୟ ଦୀପ୍ ଦାସ ଫିଲ୍ମ ନିର୍ମାତାଙ୍କ ବିରୋଧରେ ନୋଟିସ ଜାରି କରି ଏହି ଦୃଶ୍ୟକୁ ବାୟୁସେନାର ଅପମାନ ବୋଲି କହିଛନ୍ତି। ଏହାର କାହାଣୀ ଜମ୍ମୁ-କଶ୍ମୀରରେ ନିୟୋଜିତ ଦୁଇ ଜଣ ଦକ୍ଷ ଲଢୁଆ ପାଇଲଟ (ହ୍ରିତିକ-ଦୀପିକା)ଙ୍କୁ ନେଇ ଆଧାରିତ। ଆତଙ୍କବାଦୀ ଆକ୍ରମଣ ପରେ ଘଟିଥିବା ଘଟଣାକୁ ନେଇ ଏହି କାହାଣୀ ପ୍ରସ୍ତୁତ ହୋଇଛି। କାହାଣୀ ଆଗକୁ ବଢ଼ିବା ସହିତ ସେମାନେ ପ୍ରେମରେ ପଡ଼ିଯାଆନ୍ତି। ଗୋଟିଏ ଦୃଶ୍ୟରେ ସେମାନେ ବାୟୁସେନା ୟୁନିଫର୍ମ ପିନ୍ଧି ଓଠରେ ଚୁମ୍ବନ ଦେଉଥିବା ଦେଖିବାକୁ ମିଳିଛି। ୨୦୧୯ ପୁଲୱାମା ଆକ୍ରମଣ, ୨୦୧୯ ବାଲାକୋଟ ଏୟାରଷ୍ଟ୍ରାଇକ୍ ଏବଂ ୨୦୧୯ ଭାରତ-ପାକିସ୍ତାନ ସୀମା ସଂଘର୍ଷକୁ ନେଇ ଏହି ଚଳଚ୍ଚିତ୍ରର କାହାଣୀ ଗଢ଼ିଉଠିଛି।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ :** ସୋମବାର : ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର : ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର : ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ :** ସୋମବାର : ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର : ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର : ଘରର ପରିବେଶ ଭଲ ରହିବ। ରବିବାର : ଲାଭବାନ ହେବେ।

**ମିଥୁନ :** ସେମାବାର : ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର : କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର : ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର : ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ :** ସୋମବାର : ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର : ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର : ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର : ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ :** ସୋମବାର : ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର : ମନ ଆଧ୍ୟାତ୍ମିକ [...]ର ଲାଗି ରହିବ। ଶୁକ୍ର ଓ ଶନିବାର : କିଛିନା କିଛି ଇଚ୍ଛା ପୂରା ହେବ। ରବିବାର : ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା :** ସୋମବାର : କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର : ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର : ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର : କର୍ମକ୍ଷେତ୍ରକୁ [...] ଚିନ୍ତିତ ରହିବେ।

**ତୁଳା :** ସୋମବାର : ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର : ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର : ବିଶେଷ କାମରେ ବାଧା ଉପୁଜିପାରେ। ରବିବାର : ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା :** ସୋମବାର : ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର : ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର : ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର : ବ୍ୟବସାୟରେ ଲାଭବାନ [...]।

**ଧନୁ :** ସୋମବାର : କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର : ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର : କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର : [...]ରେ ସମୟ ଅତିବାହିତ ହେବ।

**ମକର :** ସୋମବାର : ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର : ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର : କାରବାରରେ ସଫଳତା ପାଇବେ। ରବିବାର : କୌଣସି ବନ୍ଧୁ ସହଯୋଗର ହାତ [...]ବେ।

**କୁମ୍ଭ :** ସୋମବାର : ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର : ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର : ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର : ଧର୍ମାନୁଷ୍ଠାନ କାର୍ଯ୍ୟରେ [...] କଟିବ।

**ମୀନ :** ସୋମବାର : ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର : ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର : ଆୟ ବୃଦ୍ଧି ହେବ। ରବିବାର : ଦୀର୍ଘ ଦିନ ଧରି [...]କରିଥିବା ଫଳ ପ୍ରାପ୍ତି ହୋଇପାରେ।

# କାହିଁକି ବୃଦ୍ଧିପାଏ କୋଲେଷ୍ଟ୍ରଲ ? ଜାଣନ୍ତୁ କାରଣ, ଲକ୍ଷଣ ଓ ନିରାକରଣ

ଖାଦ୍ୟପେୟରେ ଅନିୟମିତତା ଏବଂ ସ୍ୱଳ୍ପ ଶାରୀରିକ କାର୍ଯ୍ୟକଳାପ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ପ୍ରମାଣିତ ହେଉଛି। ଏହି ସାମାନ୍ୟ ଅବହେଳା ବହୁ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ସେଥିମଧ୍ୟରୁ କୋଲେଷ୍ଟ୍ରଲ ବୃଦ୍ଧି ଅନ୍ୟତମ। ଶରୀରରେ ଖରାପ କୋଲେଷ୍ଟ୍ରଲ ବୃଦ୍ଧି ହେଲେ ହୃଦୟ ସ୍ୱାସ୍ଥ୍ୟ ବିଗିଡ଼ିଯାଏ। ଏହି କାରଣରୁ ରକ୍ତ ମସ୍ତିଷ୍କ ଏବଂ ହୃଦୟରେ ପହଞ୍ଚେ ନାହିଁ, ଯେଉଁ କାରଣରୁ ହୃଦଘାତ ଏବଂ ମସ୍ତିଷ୍କ ଆଘାତର ଆଶଙ୍କା ବଢିଯାଏ। ସେଥିପାଇଁ ଉଚ୍ଚ କୋଲେଷ୍ଟ୍ରଲକୁ ନୀରବ ଘାତକ ବୋଲି କୁହାଯାଏ। ଶରୀରରେ କୋଲେଷ୍ଟ୍ରଲ ବୃଦ୍ଧି ହେଲେ କି କି ଲକ୍ଷଣ ଦେଖାଯାଏ,

### କୋଲେଷ୍ଟ୍ରଲ ବୃଦ୍ଧିର ଲକ୍ଷଣ

ଆଖିର ଚାରିପାଖରେ ହଳଦିଆ ଦାଗ, ଯାହାକୁ ଜେନଥୋମାସ୍ କୁହାଯାଏ।
ଛାତି ଯନ୍ତ୍ରଣା (ଏନଞ୍ଜାଇନା)
ଶରୀରର ଗୋଟିଏ ପାର୍ଶ୍ୱରେ ଦୁର୍ବଳତା।
ଷ୍ଟ୍ରୋକ୍ କାରଣରୁ ପକ୍ଷାଘାତ ବା ପାରାଲିସିସ୍।
ଗୋଡରେ ଯନ୍ତ୍ରଣା, ଚାଲିବାରେ ଅସୁବିଧା।

### ଉଚ୍ଚ କୋଲେଷ୍ଟ୍ରଲରୁ କିପରି ରକ୍ଷା ପାଇବେ

ଉଚ୍ଚ କୋଲେଷ୍ଟ୍ରଲରୁ ରକ୍ଷା ପାଇବା ପାଇଁ, ସର୍ବପ୍ରଥମେ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଆବଶ୍ୟକ। ପ୍ରତିଦିନ ପର୍ଯ୍ୟାପ୍ତ ପରିମାଣରେ ଶୋଇବା ଜରୁରୀ। ଖାଦ୍ୟ ସାଙ୍ଗକୁ ଶାରୀରିକ ବ୍ୟାୟାମ କରନ୍ତୁ। ଖାଦ୍ୟରେ ସବୁଜ ପତ୍ରଯୁକ୍ତ ପନିପରିବା ଅନ୍ତର୍ଭୁକ୍ତ କରନ୍ତୁ। ପ୍ରତିଦିନ ଫଳ ଖାଇବା ଅଭ୍ୟାସ ରଖନ୍ତୁ। ବିଭିନ୍ନ ପ୍ରକାର ସିଡ୍ସ ଏବଂ ଡ୍ରାଏ ଫ୍ରୁଟ୍ସ ଖାଆନ୍ତୁ। ଅଧିକ ଚାପ ନିଅନ୍ତୁ ନାହିଁ। ବାହାର ଖାଦ୍ୟ, ଜଙ୍କ ଫୁଡଠାରୁ ଦୂରରେ ରୁହନ୍ତୁ। ପ୍ରକ୍ରିୟାକୃତ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ଲାଲ୍ ମାଂସଠାରୁ ଦୂରେଇ ରୁହନ୍ତୁ। ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ। ଏହି ସବୁ ଉପାୟ ଅବଲମ୍ବନ କରି କେବଳ ସୁସ୍ଥ ଜୀବନଶୈଳୀ ମାଧ୍ୟମରେ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିପାରିବେ।

### ମା'ରାଣ ଦେହକୁ ନେବେନି...

ରାଜନୀତି ଏଠି ରଙ୍ଗ ନୀତି ଭାଇ
ନେତାଙ୍କର ନୂଆ ଚାଲ
ଜନତା ଭକୁଆ ହୋଇ ଦେଖୁଛନ୍ତି
ଦେଶର ହାଲ ବେହାଲ
କ୍ଷମତା ଦଖଲ କରିବା ପାଇଁକି
ନେତାଙ୍କର ନୂଆ ନୀତି
ଡିଆଁ ମାରି ଏଠୁ ସେଠିକି ପଳାନ୍ତି
ଦେଖି ସ୍ଥିତି ପରିସ୍ଥିତି



- ଡକ୍ଟର ନୀଳମଣି

## ବୋଉର ରୋଷେଇ ଘର

# ରାଜସ୍ଥାନୀ 'ଦହି ପିଆଜ'



**ରାଜସ୍ଥାନୀ ପ୍ରସିଦ୍ଧ 'ଦହି ପିଆଜ'। ଏହା ପାଟିକୁ ଯେତେ ସୁଆଦିଆ, ପ୍ରସ୍ତୁତ କରିବାକୁ ସେତେ ସହଜ।**

**ଆବଶ୍ୟକ ସାମଗ୍ରୀ :** ଦହି, ପିଆଜ, ହେଙ୍ଗୁ, ଜିରା, ସୋରିଷ, ଭୃସଙ୍ଗ ପତ୍ର, କଞ୍ଚାଲଙ୍କା, ପିଆଜ, ଲଙ୍କା ଗୁଣ୍ଡ, ଲୁଣ, ହଳଦି, ଧନିଆ ପାଉଡର, ଜିରା ପାଉଡର, ଲୁଣ।

**ପ୍ରସ୍ତୁତି ପ୍ରଣାଳୀ :** ପ୍ରଥମେ ତେଲରେ ହେଙ୍ଗୁ ପକାନ୍ତୁ। ଏହାପରେ ସେଥିରେ ଜିରା, ସୋରିଷ, ଭୃସଙ୍ଗ ପତ୍ର, କଞ୍ଚାଲଙ୍କା ପକାନ୍ତୁ। ତାହା ଫୁଟିଗଲା ପରେ ସେଥିରେ ପତଳା କଟା ହୋଇଥିବା ପିଆଜ, ଲଙ୍କା ଗୁଣ୍ଡ, ଲୁଣ, ହଳଦି, ଧନିଆ ପାଉଡର, ଜିରା ପାଉଡର, ଲୁଣ ପକାଇ ଭଲ ଭାବେ ଗୋଳାନ୍ତୁ। କିଛି ସମୟ ଘୋଡ଼ାଇ ଛାଡ଼ି ଦିଅନ୍ତୁ।
ଏହାପରେ ଢାଙ୍କୁଣି ଖୋଲି ଗ୍ୟାସ୍କୁ ବନ୍ଦ କରି ଦିଅନ୍ତୁ। ଏହା ସାମାନ୍ୟ ଥଣ୍ଡା ହୋଇଗଲେ ସେଥିରେ ଗାଢ଼ା ଦହି ପକାଇ ଭଲ ଭାବେ ଗୋଳାନ୍ତୁ। ଏହାପରେ ସେଥିରେ ଧନିଆ ପତ୍ର ପକାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଦହି ପିଆଜ'। ଗରମାଗରମ ରୁଟି କିମ୍ବା ନାନ୍ ସହ ଆପଣ ଏହି ସ୍ୱାଦିଷ୍ଟ ଆଇଟମ୍ର ମଜା ନେଇ ପାରିବେ।

**ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର। ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି। ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ।**




# ୧୬୦ ବର୍ଷ ପରେ ଇଷ୍ଟ୍ ଇଣ୍ଡିଆ କମ୍ପାନିରେ ପୁଣି ତାଲା ପଡ଼ିଲା




ଲଣ୍ଡନ(ଏଜେନ୍ସି) : ଇଷ୍ଟ୍ ଇଣ୍ଡିଆ କମ୍ପାନି ଭାରତକୁ ବ୍ୟବସାୟ କରିବାକୁ ଆସିଥିଲା । ସେହି କମ୍ପାନି ଜରିଆରେ ବ୍ରିଟିଶମାନେ ଭାରତକୁ ଶାସନ କରିଥିଲେ । ୧୮୫୭ର ସିପାହୀ ବିଦ୍ରୋହ ପରେ କମ୍ପାନିରେ ପ୍ରଥମ ଥର ପାଇଁ ତାଲା ପଡ଼ିଥିଲା । ଏହାର ୧୬୦ ବର୍ଷରୁ ଅଧିକ ସମୟ ପରେ ପୁଣି ଥରେ ସେହି କମ୍ପାନି ବନ୍ଦ ହୋଇଛି । ଇଷ୍ଟ୍ ଇଣ୍ଡିଆ କମ୍ପାନିର ପୁନରୁଦ୍ଧାର କରିବା ଲାଗି ଭାରତୀୟ ଉଦ୍ୟୋଗୀ ସଞ୍ଜୀବ ମେହେଟ୍ଟା କିଛି ଅଂଶଧନକାରୀଙ୍କଠାରୁ କମ୍ପାନିକୁ କିଣିଥିଲେ । ୨୦୧୦ରେ ସେ ଲଣ୍ଡନରେ ତାହାକୁ ଏକ ବିଳାସପୂର୍ଣ୍ଣ ଖାଦ୍ୟ ଓ ପାନୀୟ ବ୍ରାଣ୍ଡ୍ ଭାବେ ଉପସ୍ଥାପନ କରିଥିଲେ । କମ୍ପାନି ଷ୍ଟୋରରେ ଟା, ଚକୋଲେଟ୍ ଓ ଅନ୍ୟାନ୍ୟ ବିଳାସପୂର୍ଣ୍ଣ ସାମଗ୍ରୀ ବିକ୍ରି ହେଉଥିଲା । ତେବେ କମ୍ପାନି ଗ୍ରାହକଙ୍କ ଦ୍ୱାରା ବିଶେଷ ଆଦୃତ ହୋଇନଥିଲା । ଏହାର ଷ୍ଟୋରରୁ ଜିନିଷ ଶେଷ ହୋଇଯାଇଥିଲା । ଇଷ୍ଟ ଇଣ୍ଡିଆ କମ୍ପାନି ସମେତ ମେହେଟ୍ଟାଙ୍କ ଅନ୍ୟ କମ୍ପାନିଗୁଡ଼ିକ ବନ୍ଦ ବନ୍ଦ ହୋଇଛି । କମ୍ପାନିଗୁଡ଼ିକୁ ବନ୍ଦ କରିବାକୁ ଗତବର୍ଷ ଅକ୍ଟୋବରରେ ଲିକ୍ୱିଡେଟର ନିଯୁକ୍ତ କରାଯାଇଥିଲା । ଏହି ସଂସ୍ଥାକୁ ବ୍ରିଟିଶ ଭର୍ଜିନ ଆଇଲ୍ୟାଣ୍ଡ୍‌ରେ ପଞ୍ଜିକୃତ କରାଯାଇଥିଲା । ମୁମ୍ବାଇର ଏକ ଗୁଜରାଟୀ ପରିବାରରେ ଜନ୍ମ ହୋଇଥିବା ସଞ୍ଜୀବଙ୍କ ଜେଜେବାପା ବେଲଜିୟମରେ ହୀରା ବ୍ୟବସାୟ କରୁଥିଲେ । ମୁମ୍ବାଇରେ ପାଠପଢ଼ା ଶେଷ କରିବା ପରେ ସେ ଆମେରିକା ପଢ଼ିବାକୁ ଯାଇଥିଲେ । ସେଠାରେ ସେ ନିଜ ବାପାଙ୍କ ହୀରା ବ୍ୟବସାୟରେ ଯୋଗଦେଇଥିଲେ । ୧୧୯୮୯ରେ ସେ ଲଣ୍ଡନ ଚାଲିଯାଇଥିଲେ । ସୋଭିଏତ ୟୁନିୟନରେ ଔଷଧ ବିକ୍ରି କରୁଥିବା ତାଙ୍କ ଶ୍ୱଶୁର ୨୦୦୦ ମସିହା ବେଳକୁ ତାଙ୍କୁ ନିଜ ବ୍ୟବସାୟ ଆରମ୍ଭ କରିବାରେ ସାହାଯ୍ୟ କରିଥିଲେ । ଅତୀତରେ ଇଷ୍ଟ ଇଣ୍ଡିଆ କମ୍ପାନି ଭାରତୀୟଙ୍କୁ ଅକଥନୀୟ ନିର୍ଯ୍ୟାତନା ଓ ଶୋଷଣ ଲାଗି କୁଖ୍ୟାତି ହାସଲ କରିଥିଲା । ବିଦ୍ରୋହ ପରେ କମ୍ପାନି ନିଜର ଅସ୍ତିତ୍ୱ ହରାଇଥିଲା । ଊନବିଂଶ ଶତାବ୍ଦୀ ଆରମ୍ଭ ବେଳକୁ ଭାରତରେ ଇଷ୍ଟ୍ ଇଣ୍ଡିଆ କମ୍ପାନିର ୨,୫୦,୦୦୦ରୁ ଅଧିକ ନିଜସ୍ୱ ସୈନିକ ଥିଲେ । ଅତୀତର ଇଷ୍ଟ୍ ଇଣ୍ଡିଆ କମ୍ପାନି ଭାରତୀୟ ଇତିହାସରେ ଏକ ବଡ଼ କଳାଦାଗ ହୋଇରହିଛି । କମ୍ପାନି କ୍ରୀତଦାସ ବିନିମୟରେ ଲିପ୍ତ ଥିବା ଅଭିଯୋଗ ରହିଛି । କିନ୍ତୁ ଦେଢ଼ ଶତାବ୍ଦୀ ପରେ ଉକ୍ତ କମ୍ପାନିକୁ କିଣି ତାହାକୁ ପୁନରୁଦ୍ଧାର କରିବାକୁ ସଞ୍ଜୀବ କରିଥିବା ଉଦ୍ୟମ ବିଫଳ ହୋଇଛି । ଏଥର ନିରବରେ କମ୍ପାନିରେ ତାଲା ପଡ଼ିଯାଇଛି । ତୃତୀୟ ଥର ପୁନରୁଦ୍ଧାରର କୌଣସି ସମ୍ଭାବନା ବି ଦେଖାଯାଉନାହିଁ ।

## ଭାରତୀୟ ନୌସେନାରେ
# ସାମିଲ ହେବ ଆଇଏନ୍ଏସ୍ ଅଞ୍ଜଦୀପ



ନୂଆଦିଲ୍ଲୀ (ଏଜେନ୍ସି) : ଭାରତ ଏହାର ଉପକୂଳ ପ୍ରତିରକ୍ଷା କ୍ଷମତା ବୃଦ୍ଧି କରିବା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଗୁରୁତ୍ୱ ଦେଇ ବୁଡ଼ାଜାହାଜ ବିରୋଧୀ 'ଆଇଏନ୍ଏସ୍ ଅଞ୍ଜଦୀପ'କୁ ନୌସେନାରେ ସାମିଲ କରିବାକୁ ଯାଉଛି । ଚେନ୍ନାଇଠାରେ ଶୁକ୍ରବାର ଆଇଏନ୍ଏସ୍ ଅଞ୍ଜଦୀପକୁ ନୌସେନାରେ ସାମିଲ କରାଯିବ । ଶତ୍ରୁପକ୍ଷର ବୁଡ଼ାଜାହାଜକୁ ସମୁଦ୍ର ଭିତରେ ଧ୍ୱଂସ କରିବାର କ୍ଷମତା ରଖିଥିବା ଏହି ଯୁଦ୍ଧଜାହାଜ ଭାରତର 'ମେକ୍ ଇନ୍ ଇଣ୍ଡିଆ'ର ଅଂଶବିଶେଷ ଓ ଏହାର ନିର୍ମାଣ ସମ୍ପୂର୍ଣ୍ଣ ଭାବେ ଭାରତୀୟ ଷ୍ଟିଲରେ କରାଯାଇଛି । ଗାର୍ଡେନ ରିଚ୍ ସିପ୍‌ବିଲ୍ଡର୍ସ ଆଣ୍ଡ ଇଞ୍ଜିନିୟର୍ସ ଲିମିଟେଡ (ଜିଆର୍ଏସ୍ଇ) ଦ୍ୱାରା ନିର୍ମିତ ଆଇଏନ୍ଏସ୍ ଅଞ୍ଜଦୀପ ପାଇଁ ଆବଶ୍ୟକ ବିଶେଷ ଗ୍ରେଡ୍ ଷ୍ଟିଲ ମହାରତ୍ନ କମ୍ପାନି ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ (ସେଲ୍) ପକ୍ଷରୁ ପ୍ରଦାନ କରାଯାଇଥିଲା । ନୌସେନା ଗ୍ରହଣ କରିବାକୁ ଥିବା ଆଠଟି ଏପରି ଜାହାଜ ମଧ୍ୟରୁ ଅଞ୍ଜଦୀପ ହେଉଛି ତୃତୀୟ ଯୁଦ୍ଧଜାହାଜ ଯାହା ଅଗଭୀର ଜଳରେ ଶତ୍ରୁ ବୁଡ଼ାଜାହାଜ ଗୁଡ଼ିକୁ ଚିହ୍ନଟ ଏବଂ ନିଷ୍କ୍ରିୟ କରି ନୌସେନାର କ୍ଷମତାକୁ ବୃଦ୍ଧି କରିବ । ଗତବର୍ଷ ଆଇଏନ୍ଏସ୍ ଅର୍ନାଲା ଓ ଆଇଏନ୍ଏସ୍ ଆଣ୍ଡ୍ରୋଥକୁ ସାମିଲ କରାଯାଇଥିଲା । ଏହିସବୁ ଯୁଦ୍ଧଜାହାଜ ପାଇଁ ସେଲ୍‌ର ବୋକାରୋ, ଭିଲାଇ ଏବଂ ରାଉରକେଲାରେ ଥିବା ସମନ୍ୱିତ ଇସ୍ପାତ କାରଖାନାରୁ ସମୁଦାୟ ୩,୫୦୦ ଟନ୍ ସ୍ୱତନ୍ତ୍ର-ଗ୍ରେଡ୍ ଇସ୍ପାତ ଯୋଗାଣ କରାଯାଇଥିଲା । ଏହି ସଫଳତା ପ୍ରତିରକ୍ଷା ଉତ୍ପାଦନରେ ଭାରତର ଆତ୍ମନିର୍ଭରଶୀଳତାକୁ ଆହୁରି ବୃଦ୍ଧି କରିବା, ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣକୁ ଦୃଢ଼ କରିବା ପ୍ରତି ସେଲ୍‌ର ପ୍ରତିବଦ୍ଧତାକୁ ଉଜ୍ଜ୍ୱଳ କରିଥାଏ । ବର୍ଷ ବର୍ଷ ଧରି ସେଲ୍ ପ୍ରତିରକ୍ଷା ସ୍ୱଦେଶୀକରଣରେ ଦେଶର ସ୍ୱତନ୍ତ୍ର-ଗ୍ରେଡ୍‌ଇସ୍ପାତ ଆବଶ୍ୟକତାକୁ ନିରନ୍ତର ପୂରଣ କରିଆସିଛି ଏବଂ ଆଇଏନ୍ଏସ୍ ବିକ୍ରାନ୍ତ, ଆଇଏନ୍ଏସ୍ ଉଦୟଗିରି, ଆଇଏନ୍ଏସ୍ ନୀଳଗିରି, ଆଇଏନ୍ଏସ୍ ସୁରତ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଇସ୍ପାତ ଯୋଗାଇଛି । ରିପୋର୍ଟ ଅନୁଯାୟୀ, ୭୭ ମିଟର ଲମ୍ବା ଏବଂ ଏକ ହାଇ-ସ୍ପିଡ୍ ୱାଟର-ଜେଟ୍ ପ୍ରପଲ୍ସନ ସିଷ୍ଟମ ଦ୍ୱାରା ଚାଳିତ, ଏହି ଜାହାଜଟି ୨୫ ନଟ୍ ପର୍ଯ୍ୟନ୍ତ ବେଗ ହାସଲ କରିପାରିବ । ତାମିଲନାଡୁ ଓ ପୁଡୁଚେରୀ ପରି ସମ୍ବେଦନଶୀଳ ଉପକୂଳବର୍ତ୍ତୀ ଅଞ୍ଚଳରେ ଶତ୍ରୁପକ୍ଷକୁ ଦୃଢ଼ ଜବାବ ଦେବାରେ ସକ୍ଷମ ହେବ ।

# ତଲାସୀ ଅଭିଯାନ : ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ

ପୁଞ୍ଚ (ଏଜେନ୍ସି): ପୁଞ୍ଚ ଜିଲ୍ଲାର ମେଂଢର ଉପମଣ୍ଡଳର କସବଲାରି ଅଞ୍ଚଳରେ ବୁଧବାର ସୁରକ୍ଷା ବଳ ଘେରାବନ୍ଦୀ ଓ ତଲାଶି ଅଭିଯାନ (ସିଏଏସଓ) ସମୟରେ ବିପୁଳ ପରିମାଣର ଅସ୍ତ୍ର-ଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି । ଔପଚାରିକ ସୂତ୍ର କହିଛନ୍ତି ଯେ, ବିଶେଷ ଗୁପ୍ତଚର ସୂଚନାର ଆଧାରରେ ସୁରକ୍ଷା ବଳର ଏକ ଯୁକ୍ତ ଦଳ ମେଂଢର ପୋଲିସ ଷ୍ଟେସନ ଅଧୀନସ୍ଥ କସବଲାରିର ମହଲ୍ଲା ସଲାନୀରେ ତଲାଶି ଅଭିଯାନ ଚଳାଇଥିଲେ । ସୁରକ୍ଷା ବଳ ପ୍ରାୟ ୪.୫ କିଲୋଗ୍ରାମ ଓଜନର ଏକ ବଡ଼ ଦେଶୀ ବୋମା (ଆଇଇଡି), ଏକ ଛୋଟ ଆଇଇଡି, ଦୁଇଟି ଚୀନ୍ ନିର୍ମିତ ଗ୍ରେନେଡ୍, ଦୁଇ ରାଉଣ୍ଡ ସହିତ ଏକ ୯ ମି.ମି. ପିସ୍ତଲ, ୭.୬୨ ମି.ମି. ଗୁଳିର ୨୨ଟି ରାଉଣ୍ଡ ଏବଂ ଏକ ପୁରୁଣା କଳା ବ୍ୟାଗ ଜବତ କରିଥିଲେ ।

# ଏନ୍‌ସିଇଆର୍‌ଟିର ୮ମ ଶ୍ରେଣୀ ପୁସ୍ତକକୁ ନେଇ ସୁପ୍ରିମକୋର୍ଟ ଖପ୍ପା




ନୂଆଦିଲ୍ଲୀ(ଏଜେନ୍ସି) :ଜାତୀୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକରେ "ନ୍ୟାୟପାଳିକାରେ ଦୁର୍ନୀତି" ଶୀର୍ଷକ ଏକ ଅଂଶ ଅନ୍ତର୍ଭୁକ୍ତ କରିଛି । ସୁପ୍ରିମକୋର୍ଟ ଏବେ ଏହି ମାମଲାର ସ୍ୱତଃ ତଦନ୍ତ କରିଛନ୍ତି । ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏନସିଇଆରଟି ର ୮ମ ଶ୍ରେଣୀ ପାଠ୍ୟପୁସ୍ତକରେ "ନ୍ୟାୟପାଳିକାରେ ଦୁର୍ନୀତି" ଶୀର୍ଷକ ଏକ ଅଂଶ ଅନ୍ତର୍ଭୁକ୍ତ କରିବା ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ନ୍ୟାୟପାଳିକାକୁ ବଦନାମ କରିବାର ଯେକୌଣସି ପ୍ରୟାସକୁ ବରଦାସ୍ତ କରାଯିବ ନାହିଁ । ବରିଷ୍ଠ ଆଇନଜୀବୀ କପିଲ ସିବଲ ଏବଂ ଅଭିଷେକ ମନୁ ସିଂଘଭି କୋର୍ଟରେ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ୮ମ ଶ୍ରେଣୀ ଛାତ୍ରମାନଙ୍କୁ ଏହା ପଢ଼ାଯାଉଥିବାରୁ ସେମାନେ ଆଶ୍ଚର୍ଯ୍ୟ ହୋଇଛନ୍ତି । ଜବାବରେ, ସିଜେଆଇ କହିଛନ୍ତି ଯେ ଏହା ଏକ ଯୋଜନାବଦ୍ଧ ପଦକ୍ଷେପ ପରି ମନେ ହେଉଛି । ସେ ସ୍ୱତଃ ତଦନ୍ତ କରି କହିଛନ୍ତି ଯେ ସେ ଏହି ପ୍ରସଙ୍ଗ ବିଷୟରେ ଅବଗତ ଅଛନ୍ତି । ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

## ଡିଏଲ୍‌ରେ ରହିବ ସ୍ୱତନ୍ତ୍ର ନମ୍ବର | ସାବାଡ଼ ହେବେ ଅମାନିଆ ଡ୍ରାଇଭର

# ନିୟମ ଉଲ୍ଲଙ୍ଘନ କଲେ କଟିବ ଡିଜିଟ୍




ନୂଆଦିଲ୍ଲୀ(ଏଜେନ୍ସି) : ଦେଶରେ ରାସ୍ତା ଦୁର୍ଘଟଣା ହ୍ରାସ କରିବା ଏବଂ ଦାୟିତ୍ୱସମ୍ପନ୍ନ ଗାଡି ଚାଳନାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ନମ୍ବର ଆଧାରିତ ଡିଏଲ୍ (ଡ୍ରାଇଭିଂ ଲାଇସେନ୍ସ) ବ୍ୟବସ୍ଥା ଆରମ୍ଭ କରିବାକୁ ଯୋଜନା କରିଛନ୍ତି । ଏଥିରେ ଟ୍ରାଫିକ ଆଇନ ଉଲ୍ଲଂଘନ କଲେ ଡିଏଲ୍ ରଦ୍ଦ କିମ୍ବା ସସ୍ପେଣ୍ଡ କରାଯିବାର ପ୍ରାବଧାନ ରହିବ । କେନ୍ଦ୍ର ସଡକ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ଏହି ସୂଚନା ଦେଇଛନ୍ତି । ନମ୍ବର ଆଧାରିତ ଡିଲ୍ ବ୍ୟବସ୍ଥା ଅନୁସାରେ ଡିଏଲ୍‌ରେ ନମ୍ବର ବା ପଏଣ୍ଟ ଦିଆଯିବ । ଟ୍ରାଫିକ ନିୟମ ଉଲ୍ଲଂଘନ କଲେ ସେଥିରୁ କିଛି ନମ୍ବର କାଟି ନିଆଯିବ । ଯଦି ସବୁ ନମ୍ବର ଶେଷ ହୋଇଯିବ ତେବେ ଡିଏଲ୍‌କୁ ରଦ୍ଦ କରାଯିବ ନଚେତ ୬ ମାସ ପାଇଁ ସସ୍ପେଣ୍ଡ କରାଯିବ । କିନ୍ତୁ ଲଗାତାର ଭାବେ ଯଦି ଟ୍ରାଫିକ ନିୟମ ଉଲ୍ଲଂଘନ କରାଯାଏ ସେଭଳି କ୍ଷେତ୍ରରେ ଡିଏଲ୍‌କୁ ରଦ୍ଦ କରିଦିଆଯିବ । ଗଡକରୀ କହିଛନ୍ତି ଯେ ଦେଶରେ ପ୍ରତିବର୍ଷ ଛୋଟ ବଡ ପ୍ରାୟ ୫ ଲକ୍ଷ ସଡକ ଦୁର୍ଘଟଣା ହେଉଛି । ଏଥିଯୋଗୁ ବର୍ଷକୁ ୧ ଲକ୍ଷ ୮୦ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଉଛି । ମୃତକଙ୍କ ମଧ୍ୟରେ ୭୨ ପ୍ରତିଶତଙ୍କ ବୟସ ୧୮ରୁ ୪୫ ବର୍ଷ ଭିତରେ ରହିଛି । ଗଡକରୀ କହିଛନ୍ତି ଯେ ସଡକ ଦୁର୍ଘଟଣାର ମୁଖ୍ୟ କାରଣ ହେଉଛି ଗାଡି ଚଳାଇବା ବେଳେ ମୋବାଇଲ ଫୋନ୍ ଦେଖିବା, ଦ୍ରୁତଗତିରେ ଗାଡି ଚଳାଇବା, ଭୁଲ ଦିଗରେ ଗାଡି ଚଳାଇବା ଏବଂ ମଦ୍ୟପାନ କରି ଗାଡି ଚଳାଇବା । ଲୋକଙ୍କ ଜୀବନ ବହୁତ ମୂଲ୍ୟବାନ । ତେଣୁ ସରକାର ସଡକ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଟ୍ରାଫିକ ନିୟମ ଉଲ୍ଲଂଘନ ପାଇଁ ଜରିମାନା ବଢ଼ାଯାଇଛି । କିନ୍ତୁ ସବୁଠାରୁ ବଡ ସମସ୍ୟା ହେଉଛି ନିୟମକୁ ଠିକ୍ ଭାବେ ପାଳନ କରିବା । ଲୋକଙ୍କ ଭିତରେ ଆଇନ ପ୍ରତି ଭୟ ଓ ସମ୍ମାନ କମ୍ ରହୁଛି । ସଡକ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ତୁରନ୍ତ ସହାୟତା ଯୋଗାଇବାକୁ ସେ ପରାମର୍ଶ ଦେଇଛନ୍ତି । ଏଥିସହ ଚିକିତ୍ସା ବାବଦ ଖର୍ଚ୍ଚ କିମ୍ବା ଆଇନ ଗତ ସମସ୍ୟା କଥା ଚିନ୍ତା ନକରି ସହଯୋଗ କରିବାକୁ ସେ ଅପିଲ କରିଛନ୍ତି ।

# ଅନୀଲ ଅମ୍ବାନୀଙ୍କ ୩,୭୧୬ କୋଟି ଟଙ୍କାର ଘରକୁ ଆଟାଚ କଲା ଇଡି

ମୁମ୍ବାଇ(ଏଜେନ୍ସି) : ଶିଳ୍ପପତି ଅନୀଲ ଅମ୍ବାନୀଙ୍କୁ ବଡ଼ ଝଟକା । ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି ନେଇଛି ବଡ଼ କାର୍ଯ୍ୟାନୁଷ୍ଠାନ । ଇଡି ପକ୍ଷରୁ ଆଜି ଅନୀଲ ଅମ୍ବାନୀଙ୍କ ମୁମ୍ବାଇ ସ୍ଥିତି ବିଳାଶପୂର୍ଣ୍ଣ ଘରକୁ ଆଟାଚ କରାଯାଇଛି । ଏହି ଘରର ମୂଲ୍ୟ ୩୭୧୬ କୋଟି ଟଙ୍କା । ଏହା ଆବୋଡେ ନାଁରେ ପରିଚିତ । ଇଡି ତାଙ୍କ ଘରକୁ ଆଟାଚ କରିଥିବା ବେଳେ ତାଙ୍କୁ ଆସନ୍ତାକାଲି ତଦନ୍ତରେ ସାମିଲ ହେବାକୁ ନୋଟିସ ମଧ୍ୟ କରିଛି । ମନି ଲଣ୍ଡରିଂ ମାମଲାରେ ଅନୀଲ ଅମ୍ବାନୀଙ୍କୁ ମାରାଥନ ଜେରା କରିବା ମୁଡରେ ରହିଛି ଇଡି । ଆସନ୍ତାକାଲି ତାଙ୍କୁ ଦିଲ୍ଲୀ ମୁଖ୍ୟାଳୟରେ ହାଜର ହେବାକୁ କୁହାଯାଇଛି । ଏହାପୂର୍ବରୁ ୨୦୨୫ ଅଗଷ୍ଟ ମାସରେ ମଧ୍ୟ ଇଡି ଅନୀଲ ଅମ୍ବାନୀଙ୍କୁ ଜେରା କରିଥିଲା । ପିଏମଏଲଏ ଅଧୀନରେ ତାଙ୍କ ବୟାନକୁ ମଧ୍ୟ ରେକର୍ଡ କରିଥିଲା । ଅନୀଲ ଧୀରୁଭାଇ ଅମ୍ବାନୀ ଗ୍ରୁପ ନାଁରେ ଥିବା ବ୍ୟାଙ୍କ ଠକେଇ ଓ ଆର୍ଥିକ ହେରଫେରର ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଗୋଟିଏ ସ୍ୱତନ୍ତ୍ର ଟିମ ଗଠନ କରିଛି ଇଡି । ଏହି ଟିମ ଅନୀଲ ଅମ୍ବାନୀଙ୍କ ସହ ଜଡ଼ିତ ଆର୍ଥିକ ଜାଲିଆତିର ତଦନ୍ତ କରି ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଏଯାଏ ତଦନ୍ତର ଅଂଶବିଶେଷ ଭାବେ ଇଡି ଅନୀଲ ଅମ୍ବାନୀଙ୍କ ୧୨ ହଜାର କୋଟି ଟଙ୍କାର ସମ୍ପତ୍ତି ଜବତ କରି ସାରିଲାଣି । ସେହିପରି ୩ଟି ଇସିଆଇଆର ବା ଏନଫୋର୍ସମେଣ୍ଟ କେସ୍ ଇନଫର୍ମେସନ ରିପୋର୍ଟ ରିଲାଏନ୍ସ ଗ୍ରୁପ ଅଫ କମ୍ପାନୀଜ ବିରୋଧରେ ଦାଖଲ କରିଛି । ହେଉଛି ରିଲାଏନ୍ସ ଗ୍ରୁପ ଅଫ କମ୍ପାନୀ । ୪୦ ହଜାର କୋଟି ଟଙ୍କାର ଋଣ ଜାଲିଆତି ଅଭିଯୋଗର ତଦନ୍ତ ଏହି କମ୍ପାନୀ ବିରୋଧରେ ଚାଲିଛି । ଗୋଟିଏ ନକଲି ବ୍ୟାଙ୍କ ଗ୍ୟାରେଣ୍ଟୀ କେସରେ ଇଡି ମନି ଲଣ୍ଡରିଂ ମାମଲା ରୁଜୁ କରିଥିଲା । ସେହି ମାମଲାରେ ଅଶୋକଙ୍କୁ ଗିରଫ କରାଯାଇଥିଲା । ରିଲାଏନ୍ସ ପାୱାରରେ ମୁଖ୍ୟ ଆର୍ଥିକ ଅଧିକାରୀ ଭାବେ ୭ ବର୍ଷରୁ ଅଧିକ ସମୟ ହେଲା କାମ କରୁଥିଲେ ଅଶୋକ । ନୂତନ ଓ ପୁନଃ ନବୀକରଣ ଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ସୋଲାର ଏନର୍ଜୀ କର୍ପୋରେସନ ଅଫ ଇଣ୍ଡିଆ(ଏସ୍ଇସିଆଇ) ନିକଟରେ ସେ ୬୮ କୋଟି ଟଙ୍କାର ନକଲି ବ୍ୟାଙ୍କ ଗ୍ୟାରେଣ୍ଟୀର କାଗଜପତ୍ର ଦାଖଲ କରିଥିଲେ ।

# ଭାରତକୁ ବ୍ରହ୍ମାସ୍ତ୍ର 'ଗୋଲଡେନ୍ ହୋରାଇଜନ୍' ମିସାଇଲ୍ ଦେବ ଇସ୍ରାଏଲ୍

ନୂଆଦିଲ୍ଲୀ(ଏଜେନ୍ସି) : ଭାରତକୁ ବ୍ରହ୍ମାସ୍ତ୍ର ଦେବ ଇସ୍ରାଏଲ୍ । ବ୍ରହ୍ମୋସ୍ ଠାରୁ ଅଧିକ ଘାତକ । ଶତ୍ରୁ ଠିକଣାରେ ରଚିବ ବିଧ୍ୱଂସଲୀଳା । ଚୀନ-ପାକିସ୍ତାନ ଥରହର । ସାରା ଦୁନିଆଠୁ ଇସ୍ରାଏଲ୍ ଯେଉଁ ଅସ୍ତ୍ର ଲୁଚାଇ ରଖିଥିଲା ଏବେ ସେହି ଅସ୍ତ୍ର ଭାରତକୁ ଦେବେ ନେତନ୍ୟାହୁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ଇସ୍ରାଏଲ୍ ଗସ୍ତରେ ଅଛନ୍ତି । ଏହି ଅବସରରେ ଦୁଇ ଦେଶ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଡିଲ୍ ହେବାକୁ ଯାଉଛି । ଏହି ବାଲାଷ୍ଟିକ୍ ମିସାଇଲ୍ ର ନାମ ହେଉଛି ଗୋଲଡେନ ହୋରାଇଜନ୍ । ଫାଇଟର୍ ଜେଟ୍ ସୁଖୋଇ ଝଟ-୩୦ ଗକଓରୁ ଏହାକୁ ଉତକ୍ଷେପଣ କରାଯାଇପାରିବ । ସୂଚନାନୁଯାୟୀ, ଗୋଲଡେନ ହୋରାଇଜନ୍ ମିସାଇଲ୍ ଟର୍ମିନାଲ୍ ଫେଜ୍ ରେ ମାର୍କ ୫ରୁ ଅଧିକ ସ୍ପିଡ୍ ଧରିପାରିବ । ଯାହାକି ବ୍ରହ୍ମୋସ୍ ଠାରୁ ୨ ଗୁଣା ଅଧିକ । ଅଧିକ ସ୍ପିଡ୍ ଯୋଗୁଁ ଏହି ବାଲାଷ୍ଟିକ୍ ମିସାଇଲ୍ କୁ ଇଣ୍ଟରସେପ୍ଟ କରିବା ପ୍ରାୟ ଅସମ୍ଭବ । ଏହା ମାଟି ତଳେ ଥିବା ବଙ୍କର, ମଜବୁତ ଦୁର୍ଗ ଏବଂ ଆଣବିକ ପ୍ରତିଷ୍ଠାନକୁ ସହଜରେ ଭେଦ କରିପାରିବ । ଏକ୍ସପର୍ଟଙ୍କ ଅନୁଯାୟୀ, ଏହାର ରେଞ୍ଜ୍ ୧ ହଜାରରୁ ୨ ହଜାର କିଲୋମିଟର । ଯାହାକି ବ୍ରହ୍ମୋସ୍ ଠାରୁ ଢେର ଗୁଣା ଅଧିକ । କାରଣ ବ୍ରହ୍ମୋସ୍ ର ରେଞ୍ଜ୍ ହେଉଛି ୮୦୦ କିମି । ଗୋଲଡେନ ହୋରାଇଜନ୍ ମିସାଇଲ୍ ହାର୍ଡ ଟାର୍ଗେଟ୍ କୁ ଧ୍ୱଂସ କରିବାକୁ ତିଆରି କରାଯାଇଛି । ଯେଉଁଠି ବ୍ରହ୍ମୋସ୍ ଏବଂ କ୍ରୁଜ୍ ମିସାଇଲ୍ ପହଞ୍ଚି ପାରିବେନି ସେଠାରେ ଏହି ମିସାଇଲ୍ ଅତି ସହଜରେ ପହଞ୍ଚିପାରିବ । ସାରା ବିଶ୍ୱରେ ଏହାର ଖୁବ୍ ଡିମାଣ୍ଡ ରହିଛି । ହେଲେ ଇସ୍ରାଏଲ୍ ଏଯାଏଁ ଏହି ଅସ୍ତ୍ରକୁ ଅନ୍ୟ କେଉଁ ଦେଶକୁ ଦେଇ ନାହିଁ । ପ୍ରଥମ ଥର ପାଇଁ ଭାରତକୁ ଦେବାକୁ ଯାଉଛି । ଯାହାକି ଭାରତ ଓ ଇସ୍ରାଏଲ୍ ମଧ୍ୟରେ ଏକ ଦୃଢ ପ୍ରତିରକ୍ଷା ସହଭାଗୀତାର ବାର୍ତ୍ତା ଦେଉଛି । ଗୋଲଡେନ ହୋରାଇଜନ୍ ବ୍ୟତୀତ ଆହୁରି ଅନେକ ଡିଫେନ୍ସ ଡିଲ୍ ହେବାର ସମ୍ଭାବନା ରହିଛି । ଯେପରିକି ୩୦୦ କିମି ଯାଏଁ ମିସାଇଲ୍ ଓ ଡ୍ରୋନ୍ କୁ ଅଟକାଇପାରୁଥିବା ସିଷ୍ଟମ ଡେଭିଡ୍ସ ସ୍ଲିଙ୍ଗ, ଲେଜର ବେସଡ୍ ଡିଫେନ୍ସ ଆଇରନ ବିମ୍, ଆଇସ୍ ବ୍ରେକର ନୌସେନା କ୍ରୁଜ୍ କ୍ଷେପଣାସ୍ତ୍ର ଏବଂ 'ଏୟାର ଲୋରା' ସୁପରସୋନିକ୍ କ୍ଷେପଣାସ୍ତ୍ର ନେଇ ଡିଲ୍ ହେବ ବୋଲି ଚର୍ଚ୍ଚା ହେଉଛି ।



# ଇରାନ ଯୁଦ୍ଧ ନେଇ ମୋଦୀ ସରକାରଙ୍କ ପ୍ରତିକ୍ରିୟା ଭାରତର ମୂଲ୍ୟବୋଧ ସହିତ ବିଶ୍ୱାସଘାତ



ନୂଆଦିଲ୍ଲୀ (ଏଜେନ୍ସି) : ମଧ୍ୟପ୍ରାଚ୍ୟ ସଙ୍କଟ ଓ ଆମେରିକା-ଇରାନ ଯୁଦ୍ଧ ମଧ୍ୟରେ, ଭାରତର ରାଜନୈତିକ ତାପମାତ୍ରା ମଧ୍ୟ ବଢ଼ିବାରେ ଲାଗିଛି । କଂଗ୍ରେସ ଭାରତର ବୈଦେଶିକ ନୀତିକୁ ନେଇ କେନ୍ଦ୍ରର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ଉପରେ କଠୋର ଆକ୍ରମଣ କରିଛି । ଦଳ ଇରାନ ସଙ୍କଟ ପ୍ରତି ଭାରତ ସରକାରଙ୍କ ପ୍ରତିକ୍ରିୟା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛି । ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ସୋସିଆଲ ମିଡିଆ ଏକ୍ସର ଏକ ପୋଷ୍ଟରେ ଲେଖିଛନ୍ତି, ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ଗୋଷ୍ଠୀ ଯେତେ ଅଭିନୟ କରନ୍ତୁ ନା କାହିଁକି, ବାସ୍ତବତା ହେଉଛି ଯେ ଆତ୍ମଘୋଷିତ ବିଶ୍ୱ ନେତାଙ୍କ ନେତୃତ୍ୱରେ ଭାରତର ବୈଦେଶିକ ନୀତିର ଅସଲ ମୁଖା ସମ୍ପୂର୍ଣ୍ଣ ଭାବରେ ଖୋଲି ଯାଇଛି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ବୈଦେଶିକ ନୀତିର ବିଷୟବସ୍ତୁ ଏବଂ ପଦ୍ଧତି ଉଭୟ ପାଇଁ ଦେଶକୁ ବହୁ ମୂଲ୍ୟ ଦେବାକୁ ପଡ଼ିଛି । ଆମେରିକା ରାଷ୍ଟ୍ରପତି ପାକିସ୍ତାନ ସହିତ ତାଙ୍କର ଘନିଷ୍ଠତା ବଜାୟ ରଖିଛନ୍ତି ଏବଂ ବାରମ୍ବାର ସେହି ବ୍ୟକ୍ତିଙ୍କୁ ପ୍ରଶଂସା କରୁଛନ୍ତି ଯାହାଙ୍କ ଉତ୍ତେଜନାପୂର୍ଣ୍ଣ ବୟାନ ୨୨ ଏପ୍ରିଲ, ୨୦୨୫ରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପାଇଁ ପୃଷ୍ଠଭୂମି ସୃଷ୍ଟି କରିଥିଲା । ଆଫଗାନିସ୍ତାନ ବିରୋଧରେ ଲଢ଼େଇରେ ଆମେରିକା ସ୍ପଷ୍ଟ ଭାବରେ ପାକିସ୍ତାନକୁ ସମର୍ଥନ କରିଛି । ଆମେରିକାର ରାଷ୍ଟ୍ରପତି ଏପର୍ଯ୍ୟନ୍ତ ୧୦୦ ରୁ ଅଧିକ ଥର ଦାବି କରିସାରିଛନ୍ତି ଯେ, ସେ ୧୦ ମେ ୨୦୨୫ ରେ ଭାରତୀୟ ରପ୍ତାନି ଉପରେ ଶୁଳ୍କ ବୃଦ୍ଧି କରିବାକୁ ଧମକ ଦେଇ ଅପରେସନ ସିନ୍ଦୂର ବନ୍ଦ କରିବା ପାଇଁ ହସ୍ତକ୍ଷେପ କରିଥିଲେ । କିନ୍ତୁ ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ଟ୍ରମ୍ପଙ୍କ ଏହି ଦାବି ଉପରେ ସମ୍ପୂର୍ଣ୍ଣ ନୀରବ ରହିଛନ୍ତି । ଅପରେସନ ସିନ୍ଦୂର ବନ୍ଦ କରିବା ପାଇଁ ପ୍ରଥମ ଘୋଷଣା ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ୧୦ ମେ ୨୦୨୫ ରେ ସନ୍ଧ୍ୟା ୫:୩୭ ରେ କରିଥିଲେ । ୨ ଫେବୃଆରି, ୨୦୨୬ ରେ, ରାଷ୍ଟ୍ରପତି ଟ୍ରମ୍ପ ଘୋଷଣା କରିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଅନୁରୋଧରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ ହୋଇଛି ଏବଂ ଏହା ତୁରନ୍ତ କାର୍ଯ୍ୟକାରୀ ହୋଇଛି । ସ୍ପଷ୍ଟ ଭାବରେ, ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏକ ହତାଶାଜନକ ପଦକ୍ଷେପ ଥିଲା । ଅଠର ଦିନ ପରେ, ଆମେରିକାର ସୁପ୍ରିମକୋର୍ଟ ଘୋଷଣା କରିଥିଲେ, ରାଷ୍ଟ୍ରପତି ଟ୍ରମ୍ପଙ୍କ ଶୁଳ୍କ ରଣନୀତି, ଯାହା ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମାର ମୂଳଦୁଆ ଥିଲା, ତାହା ବେଆଇନ ଏବଂ ଅସାମ୍ବିଧାନିକ । ଏହି ନିଷ୍ପତ୍ତିକୁ ବହୁଳ ଭାବରେ ଆଶା କରାଯାଇଥିଲା, କିନ୍ତୁ ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ପ୍ରଥମେ ଏହା ଘୋଷଣା କରିବାକୁ ଚାପ ପକାଇଥିଲେ । ଏହି ବାଣିଜ୍ୟ ଚୁକ୍ତିନାମାକୁ ବର୍ତ୍ତମାନ ଏକପାଖିଆ ଭାବରେ ଦେଖାଯାଉଛି, ଭାରତ ଆମଦାନୀକୁ ଉଲ୍ଲେଖନୀୟ ଭାବରେ ଉଦାର କରିବା ପାଇଁ ଠୋସ୍ ପ୍ରତିଶ୍ରୁତି ଦେଇଛି, ବିଶେଷକରି କୃଷି ଉତ୍ପାଦର, ଭାରତରୁ ଆମଦାନୀ ବୃଦ୍ଧି କରିବା ପାଇଁ ଆମେରିକାର କୌଣସି ଅନୁରୂପ ପ୍ରତିଶ୍ରୁତି ବିନା । ଆମେରିକା ମଧ୍ୟ ବାରମ୍ବାର ଜୋର ଦେଇ ଆସିଛି, ଭାରତ ରୁଷରୁ ତେଲ କିଣିବା ବନ୍ଦ କରିବାକୁ ରାଜି ହୋଇଛି, କିନ୍ତୁ ମୋଦି ସରକାର ଏହି ସମ୍ପର୍କରେ ଦିଆଯାଇଥିବା ପ୍ରତିଶ୍ରୁତି ଉପରେ କୌଣସି ସ୍ୱଚ୍ଛ ସ୍ପଷ୍ଟୀକରଣ ଦେଇନାହାନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ୨୫-୨୬ ଫେବୃଆରି ୨୦୨୬ ରେ ଇସ୍ରାଏଲ ଗସ୍ତ କରିଥିଲେ, ଯେତେବେଳେ ସମଗ୍ର ବିଶ୍ୱ ଜାଣିଥିଲା ଯେ, ଶାସନ ପରିବର୍ତ୍ତନ ପାଇଁ ଇରାନ ଉପରେ ଆମେରିକା-ଇସ୍ରାଏଲ ସାମରିକ ଆକ୍ରମଣ ଆସନ୍ନ । ପ୍ରଧାନମନ୍ତ୍ରୀ ମୋଦୀ ଇସ୍ରାଏଲ ଛାଡିବାର ମାତ୍ର ଦୁଇ ଦିନ ପରେ ଏହି ଆକ୍ରମଣ ଆରମ୍ଭ ହୋଇଥିଲା । ନେସେଟରେ ତାଙ୍କର ଭାଷଣ ନୈତିକ କାପୁରୁଷତାର ଏକ ଲଜ୍ଜାଜନକ ପ୍ରଦର୍ଶନ ଥିଲା । ଇରାନ ଉପରେ ଏହି ଲଢ଼େଇ ଯୁଦ୍ଧ ପ୍ରତି ମୋଦୀ ସରକାରଙ୍କ ପ୍ରତିକ୍ରିୟା ଭାରତର ମୂଲ୍ୟବୋଧ, ନୀତି, ଚିନ୍ତା ଏବଂ ସ୍ୱାର୍ଥ ପ୍ରତି ବିଶ୍ୱାସଘାତ କରିଛି । ପ୍ରଧାନମନ୍ତ୍ରୀ ମୋଦୀ ୧୯ ଜୁନ୍ ୨୦୨୦ରେ ଚୀନ୍‌କୁ ସାର୍ବଜନୀନ ଭାବରେ କ୍ଲିନ୍ ଚିଟ୍ ଦେଇଥିଲେ । ଏହି ଆଶ୍ଚର୍ଯ୍ୟଜନକ ବୟାନ ସେହି ସମୟରେ ଆସିଥିଲା ଯେତେବେଳେ ଆମର ୨୦ ଜଣ ସାହସୀ ସୈନିକ ଲଦାଖ ସୀମାରେ ସହିଦ ହୋଇଥିଲେ । ଏହି କ୍ଲିନ୍ ଚିଟ୍ ଆମର ଆଲୋଚନା ସ୍ଥିତିକୁ ଗୁରୁତର ଭାବରେ ଦୁର୍ବଳ କରିଦେଇଥିଲା, ଏବଂ ଆମେ ଏବେ ଚୀନର ସର୍ତ୍ତରେ ସମ୍ପର୍କ ସ୍ୱାଭାବିକ କରିବାକୁ ବାଧ୍ୟ ହେଉଛୁ ବୋଲି କଂଗ୍ରେସ ଅଭିଯୋଗ ଆଣିଛି ।

ସୋମବାର, ୦୨ରୁ ୦୮ ମାର୍ଚ୍ଚ, ୨୦୨୬

ନିଷ୍କର୍ଷ
NISHKARSHA



ସମ୍ପାଦକୀୟ

# ଜନଗଣନାର ଗୁରୁତ୍ୱ

୧୮୭୨ ମସିହାରେ ଆରମ୍ଭ ହେବା ପରଠାରୁ ଭାରତୀୟ ଜନଗଣନା କେବେବି ସ୍ଥଗିତ ହୋଇନଥିଲା, ଏପରିକି ବିଶ୍ୱଯୁଦ୍ଧ ସମୟରେ ମଧ୍ୟ । କିନ୍ତୁ ୨୦୨୧ରେ ହେବାକୁ ଥିବା ଜନଗଣନାକୁ ସ୍ଥଗିତ ରଖାଯିବା ଏକ ଅଭୂତପୂର୍ବ ଘଟଣା ଥିଲା । ଏହି ବିଳମ୍ବ ଦେଶକୁ ଏକ 'ଡାଟା ବ୍ଲାକହୋଲ୍'ରେ ପକାଇ ଦେଇଥିଲା । ଦଶନ୍ଧିରେ ଯୋଜନା, କଲ୍ୟାଣକାରୀ ଯୋଜନାର ହିତାଧିକାରୀ ଚିହ୍ନଟ ଏବଂ ସମ୍ବଳ ଆବଣ୍ଟନ ପାଇଁ ଗୁରୁତ୍ୱପୂର୍ଣ୍ଣ ୨୦୧୧ର ପୁରୁଣା ତଥ୍ୟ ଉପରେ ନିର୍ଭରଶୀଳତା ଶାସନକୁ ପଙ୍ଗୁ କରିବାର ଆଶଙ୍କା ସୃଷ୍ଟି କରିଥିଲା । ବର୍ତ୍ତମାନ ଏକ ନୂତନ କାର୍ଯ୍ୟସୂଚୀ ଘୋଷଣା କରାଯିବା ସହିତ ଏହି ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟକ୍ରମ ପୁଣିଥରେ ଟ୍ରାକକୁ ଫେରିଛି । ନୂତନ କାର୍ଯ୍ୟସୂଚୀ ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ଏପ୍ରିଲରୁ ସେପ୍ଟେମ୍ବର ୨୦୨୬ ମଧ୍ୟରେ ଘର ତାଲିକାକରଣ ଏବଂ ଗୃହ ଗଣନା କରାଯିବ । ଜାମ୍ମୁ ଓ କାଶ୍ମୀର, ଲଦାଖ, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡ ଭଳି କିଛି ଅଞ୍ଚଳରେ ଏହି ପ୍ରକ୍ରିୟା ସେପ୍ଟେମ୍ବର ୨୦୨୬ରୁ ଆରମ୍ଭ ହେବ । ଦ୍ୱିତୀୟ ପର୍ଯ୍ୟାୟରେ ଫେବୃଆରୀ ୨୦୨୭ ଠାରୁ ମୁଖ୍ୟ ଜନସଂଖ୍ୟା ଗଣନା କାର୍ଯ୍ୟ କରାଯିବ । ୨୦୨୧ର କେନ୍ଦ୍ରୀୟ ବଜେଟରେ ଏହି ବୃହତ କାର୍ଯ୍ୟ ପାଇଁ ୩୭.୬୮ ବିଲିୟନ (ପ୍ରାୟ ୩,୭୬୮ କୋଟି ଟଙ୍କା) ଆବଣ୍ଟନ କରାଯାଇଥିଲା, ପରନ୍ତୁ ଏହା ବିଭିନ୍ନ କାରଣରୁ ରୂପାନ୍ତରିତ ହୋଇପାରିନଥିଲା । ଏହି ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିବା ସହିତ ଜନଗଣନାରେ ବ୍ୟବହାର ହେବାକୁ ଥିବା ଆଧୁନିକ ଡିଜିଟାଲ୍ ପଦ୍ଧତି ଏହାକୁ ଅଧିକ ଦକ୍ଷ ଏବଂ ସମୟୋପଯୋଗୀ କରିବ ବୋଲି ଆଶା କରାଯାଉଛି । ଏହି ଆଧୁନିକୀକରଣର ମୂଳ ଲକ୍ଷ୍ୟ ହେଉଛି, ଭାରତ ଭଳି ବିଶାଳ ଦେଶର ଏହି ଜାତୀୟ କାର୍ଯ୍ୟରେ ଗତି, ସଠିକତା ଏବଂ ତଥ୍ୟ ପ୍ରକ୍ରିୟାକରଣର ଦକ୍ଷତା ବୃଦ୍ଧି କରିବା । ଏହାଦ୍ୱାରା ଫଳାଫଳ ଶୀଘ୍ର ପ୍ରକାଶ ପାଇପାରିବ ଏବଂ ନୀତି ନିର୍ଦ୍ଧାରଣରେ ତୁରନ୍ତ ସହାୟକ ହେବ । ପ୍ରଯୁକ୍ତି-ଚାଳିତ ତଥ୍ୟ ସଂଗ୍ରହ ପାଇଁ ଏକ 'ମିକ୍ସଡ ମୋଡ୍ ଆପ୍ରୋଚ୍' ବ୍ୟବହାର କରାଯିବ । ମୁଖ୍ୟତଃ, ଗଣନାକାରୀମାନେ ନିଜ ସ୍ମାର୍ଟଫୋନରେ ଥିବା ଏକ ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ଡିଜିଟାଲ୍ ଭାବରେ ତଥ୍ୟ ସଂଗ୍ରହ କରିବେ । ଇତିହାସରେ ପ୍ରଥମ ଥର ପାଇଁ, ନାଗରିକମାନଙ୍କୁ ଏକ ସ୍ୱତନ୍ତ୍ର ସେନ୍ସସ୍ ପୋର୍ଟାଲ ମାଧ୍ୟମରେ 'ସ୍ୱ-ଗଣନା' କରିବାର ସୁଯୋଗ ଦିଆଯିବ । ଯେଉଁମାନେ ଡିଜିଟାଲ୍ ମାଧ୍ୟମ ବ୍ୟବହାର କରିବାରେ ଅସୁବିଧା ଅନୁଭବ କରିବେ, ସେମାନଙ୍କ ପାଇଁ କାଗଜ ଫର୍ମର ବିକଳ୍ପ ମଧ୍ୟ ଉପଲବ୍ଧ ରହିବ, ଯାହାର ତଥ୍ୟକୁ ପରେ ଇଲେକଟ୍ରୋନିକ୍ ଭାବରେ ଦାଖଲ କରାଯିବ । ଦୁଇଟି ପର୍ଯ୍ୟାୟରେ ଏଥିନିମନ୍ତେ ତଥ୍ୟ ସଂଗ୍ରହ ହେବାକୁ ନିର୍ଦ୍ଧାରିତ ହୋଇଅଛି । ପ୍ରଥମ ପର୍ଯ୍ୟାୟରେ, ଗଣନାକାରୀମାନେ ପ୍ରତ୍ୟେକ ଘରକୁ ଯାଇ ୩୧ଟି ପ୍ରଶ୍ନ ପଚାରିବେ । ଏଥିରେ ଘରର ଅବସ୍ଥା, ପରିବାରର ସଦସ୍ୟ ସଂଖ୍ୟା, ଏବଂ ଉପଲବ୍ଧ ସୁବିଧା ସୁଯୋଗ ବିଷୟରେ ତଥ୍ୟ ସଂଗ୍ରହ କରାଯିବ । ଉଦାହରଣ ସ୍ୱରୂପ: ପାନୀୟ ଜଳର ଉତ୍ସ, ଶୌଚାଳୟର ସୁବିଧା, ଇଣ୍ଟରନେଟ୍ ସଂଯୋଗ, ଟିଭି, ଗାଡ଼ି, ମୋବାଇଲ ଫୋନ୍ ଭଳି ସମ୍ପତ୍ତି, ଏବଂ ପରିବାରରେ ମୁଖ୍ୟତଃ କେଉଁ ଶସ୍ୟ ଖିଆଯାଏ ଇତ୍ୟାଦି । ପରନ୍ତୁ, ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତ୍ୟେକ ବ୍ୟକ୍ତିଙ୍କଠାରୁ ୧୧ଟି ଶ୍ରେଣୀରେ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରାଯିବ । ଏଥିରେ ବୟସ, ବୈବାହିକ ସ୍ଥିତି, ଧର୍ମ, ଶିକ୍ଷାଗତ ଯୋଗ୍ୟତା, ଆର୍ଥିକ କାର୍ଯ୍ୟକଳାପ ଏବଂ ସ୍ଥାନାନ୍ତରଣ ସ୍ଥିତି ଭଳି ଗୁରୁତ୍ୱପୂର୍ଣ୍ଣ ସୂଚନା ସାମିଲ ରହିବ । ଏହି ଅତ୍ୟାଧୁନିକ ପଦ୍ଧତି କେବଳ ତଥ୍ୟ ସଂଗ୍ରହକୁ ସହଜ କରିବ ନାହିଁ, ବରଂ ଏହା ସହିତ ଯୋଡ଼ି ହୋଇଥିବା ସବୁଠାରୁ ବିବାଦୀୟ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ-ଜାତିଗତ ଗଣନା ପାଇଁ ଏକ ଦୃଢ଼ ମଞ୍ଚ ପ୍ରସ୍ତୁତ କରିବ । ଜାତି ଗଣନା ନିଷ୍ପତ୍ତିର ମୂଳ ଲକ୍ଷ୍ୟ ହେଉଛି, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବାହାରେ ଥିବା ଅନ୍ୟାନ୍ୟ ଜାତିସମୂହର ସାମାଜିକ, ଆର୍ଥିକ ସ୍ଥିତିକୁ ମୂଲ୍ୟାଙ୍କନ କରିବା ପାଇଁ ବାସ୍ତବିକ ତଥ୍ୟ ପ୍ରଦାନ କରିବା । ଏହା ସମାଜରେ ଥିବା ସାମାଜିକ-ଆର୍ଥିକ ଅସମାନତାର ପ୍ରକୃତ ଏବଂ ଅପ୍ରିୟ ସତ୍ୟକୁ ସାମ୍ନାକୁ ଆଣିବ । ହେଲେ, ଏପରିସ୍ଥଳେ ଏହି ତଥ୍ୟ ଭାରତର ସଂରକ୍ଷଣ ନୀତିକୁ ଗଭୀର ଭାବରେ ପ୍ରଭାବିତ କରିବାର ସମ୍ଭାବନା ରହିଛି: ଏହି ତଥ୍ୟ ଅନ୍ୟ ପଛୁଆବର୍ଗ, ତଫସିଲଭୁକ୍ତ ଜାତି ଓ ଉପଜାତି ମଧ୍ୟରେ ଉପ- ବର୍ଗୀକରଣ କରିବାରେ ସାହାଯ୍ୟ କରିବ । ଏହାଦ୍ୱାରା ସଂରକ୍ଷଣର ଲାଭ ଅଧିକ ସମାନ ଭାବରେ ବଣ୍ଟନ କରାଯାଇପାରିବ, ଯାହା ରୋହିଣୀ କମିଶନଙ୍କର ମଧ୍ୟ ମୂଳ ଉଦ୍ଦେଶ୍ୟ ଥିଲା । ମରାଠା, ଜାଟ୍ ଏବଂ ପଟେଲ୍ ଭଳି ପ୍ରଭାବଶାଳୀ ସମ୍ପ୍ରଦାୟ ଦ୍ୱାରା କରାଯାଉଥିବା ସଂରକ୍ଷଣ ଦାବିଗୁଡ଼ିକର ନ୍ୟାୟିକ ମୂଲ୍ୟାଙ୍କନ ପାଇଁ ଏହି ତଥ୍ୟ ଏକ ବୈଜ୍ଞାନିକ ଆଧାର ପ୍ରଦାନ କରିବ । ସରକାରୀ ଚାକିରି ସଂଖ୍ୟା ହ୍ରାସ ପାଉଥିବାବେଳେ, ଏହି ତଥ୍ୟ ଘରୋଇ କ୍ଷେତ୍ରରେ ସଂରକ୍ଷଣ ପାଇଁ ଏକ ବଡ଼ ରାଜନୈତିକ ଏବଂ ଆଇନଗତ ବିତର୍କକୁ ତୀବ୍ର କରିପାରେ । ଜାତିଗତ ତଥ୍ୟ ଯେପରି ସାମାଜିକ ନ୍ୟାୟର ନୂତନ ଦିଗ ନିର୍ଣ୍ଣୟ କରିବ, ସେହିପରି ସାମଗ୍ରିକ ଜନଗଣନା ତଥ୍ୟ ଦେଶର ଶାସନ, ବିକାଶ ଏବଂ ରାଜନୈତିକ ଭବିଷ୍ୟତର ମୂଳଦୁଆ ସ୍ଥାପନ କରିବ । ଜନଗଣନା କେବଳ ଏକ ମୁଣ୍ଡ ଗଣତି ନୁହେଁ, ଏହା ଗଣତାନ୍ତ୍ରିକ ଶାସନର ମୂଳଦୁଆ । ଏଥିରୁ ମିଳୁଥିବା ତଥ୍ୟ ପ୍ରତ୍ୟେକ ନାଗରିକଙ୍କ ଜୀବନକୁ ପ୍ରଭାବିତ କରୁଥିବା ରାଜନୈତିକ ପ୍ରତିନିଧିତ୍ୱ, ପାଣ୍ଠି ଆବଣ୍ଟନ ଏବଂ ବିକାଶମୂଳକ ଯୋଜନାକୁ ସିଧାସଳଖ ପ୍ରଭାବିତ କରେ । ଲୋକସଭା ଏବଂ ବିଧାନସଭା ନିର୍ବାଚନମଣ୍ଡଳୀର ସୀମା ପୁନଃ ନିର୍ଦ୍ଧାରଣ ପାଇଁ ଜନଗଣନା ତଥ୍ୟ ଅପରିହାର୍ଯ୍ୟ । ୨୦୨୭ ଜନଗଣନାର ତଥ୍ୟକୁ ଆଧାର କରି ପରବର୍ତ୍ତୀ ସୀମା ନିର୍ଦ୍ଧାରଣ କରାଯିବ, ଯାହା ଭାରତର ରାଜନୈତିକ ମାନଚିତ୍ରକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେବ । ଏହା ଏକ ବଡ଼ ରାଜନୈତିକ ସଙ୍କଟ ସୃଷ୍ଟି କରିବାର ଆଶଙ୍କା ରହିଛି, କାରଣ ଉତ୍ତରପ୍ରଦେଶ ଭଳି ଦ୍ରୁତ ଜନସଂଖ୍ୟା ବୃଦ୍ଧି ଘଟୁଥିବା ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକର ସଂସଦୀୟ ଆସନ ସଂଖ୍ୟା ବୃଦ୍ଧିପାଇବ, ଯେତେବେଳେ କି ତାମିଲନାଡୁ ଭଳି ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ହୋଇଥିବା ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ଆସନ କମିଯିବ । ପୁରାତନ ଜନଗଣନା ଯୋଗୁଁ ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା ଭଳି ଜୀବନ ରକ୍ଷାକାରୀ କଲ୍ୟାଣକାରୀ ଯୋଜନାରୁ କୋଟି କୋଟି ଯୋଗ୍ୟ ହିତାଧିକାରୀ ବଞ୍ଚିତ ହେଉଛନ୍ତି, ଯାହା ସେମାନଙ୍କ ଜୀବନ ଏବଂ ଜୀବିକା ଉପରେ ସିଧାସଳଖ ପ୍ରଭାବ ପକାଉଛି । ଅର୍ଥ ଆୟୋଗ ଭଳି ସଂସ୍ଥାର ସୁପାରିଶକ୍ରମେ କେନ୍ଦ୍ର ସରକାରଙ୍କ ବିଶାଳ ପାଣ୍ଠି ରାଜ୍ୟମାନଙ୍କୁ ଜନସଂଖ୍ୟା ଆଧାରରେ ବଣ୍ଟନ କରିଥାନ୍ତି । ତେଣୁ ନୂତନତା ମଧ୍ୟରେ ଅନେକ ରାଜ୍ୟ ଅର୍ଥନୈତିକ ଦୃଷ୍ଟିରୁ ଲାଭବାନ ହେବା ସୁନିଶ୍ଚିତ । ଜନଗଣନାର ଏହି ବ୍ୟାପକ ଗୁରୁତ୍ୱ ସତ୍ତ୍ୱେ ଏହାକୁ ସଫଳତାର ସହ ସମ୍ପାଦନ କରିବା ଏକ ବଡ଼ ଆହ୍ୱାନ ।

# ଅଧିକାରରୁ ପରିଣାମ ପର୍ଯ୍ୟନ୍ତ : ମନରେଗା ସ୍ଥାନରେ ଭିବି-ଜି-ରାମଜିର ଆବଶ୍ୟକତା

ସାର୍ବଜନୀନ ନୀତିର ମୂଲ୍ୟାଙ୍କନ ତାହାର ପ୍ରଭାବ ଓ ପରିଣାମ ଉପରେ ଆଧାରିତ ହେବା ଦରକାର, ଭାବପ୍ରବଣତା ବା ରାଜନୈତିକ ପ୍ରତୀକବାଦ ଉପରେ ନୁହେଁ । ମନରେଗାକୁ ଭିବି-ଜିରାମଜି ସହିତ ବଦଳାଯିବା ପୂର୍ବାନୁମାନଯୋଗ୍ୟ ବିରୋଧ ସୃଷ୍ଟି କରିଛି । ସମାଲୋଚକମାନଙ୍କ ମତରେ ନୂତନ ଆଇନଟି ନାଗରିକ ଅଧିକାରକୁ ଦୁର୍ବଳ କରୁଛି, ରାଜ୍ୟଗୁଡ଼ିକ ଉପରେ ଅତିରିକ୍ତ ବୋଝ ଆରୋପ କରୁଛି, କ୍ଷମତାକୁ ଅତ୍ୟଧିକ କେନ୍ଦ୍ରିଭୂତ କରୁଛି ଏବଂ ମହାତ୍ମା ଗାନ୍ଧୀଙ୍କ ଐତିହ୍ୟକୁ ଧୀରେଧୀରେ ମ୍ଳାନ କରୁଛି । ତଥାପି, ଏହି ଆପତ୍ତିଗୁଡ଼ିକ ପ୍ରକୃତ ନୀତିର ଗଠନ ଓ ଉଦ୍ଦେଶ୍ୟ ଠାରୁ ସମାଲୋଚକମାନଙ୍କ ରାଜନୈତିକ ଧାରାଭାବ ଓ ସ୍ୱାର୍ଥକୁ ଅଧିକ ପ୍ରକାଶ କରେ । ଭିବି-ଜି-ରାମଜି ଏକ ଅଧିକାର ଆଧାରିତ ଢାଞ୍ଚାକୁ ଭାଙ୍ଗି ଦେଉଛି ବୋଲି ଯେଉଁ ଦାବି କରାଯାଉଛି ତାହା ତ୍ରୁଟିପୂର୍ଣ୍ଣ ଧାରଣା ଉପରେ ଆଧାରିତ, କାରଣ କେବଳ ମାତ୍ର ଆଇନଗତ ଅଧିକାର ଥିଲେ ସଶକ୍ତିକରଣ ସୁନିଶ୍ଚିତ ହୁଏନା । ମନରେଗା ସହିତ ଦୁଇ ଦଶନ୍ଧିର ଅଭିଜ୍ଞତା ଏହି ବିଶ୍ୱାସର ସୀମାକୁ ପ୍ରଦର୍ଶନ କରେ । ଦୀର୍ଘ ସମୟ ଧରି ମଜୁରୀ ନମିଳିବା, ଦାବିଗୁଡ଼ିକର ସଠିକ୍ ସମାଧାନ ନହେବା, ଖରାପ ମାନର ସମ୍ପତ୍ତି ସୃଷ୍ଟି ଓ କାର୍ଯ୍ୟାନ୍ୱୟନରେ ଅସମାନତା ଏକ ନ୍ୟାୟସଙ୍ଗତ ଅଧିକାରକୁ ଧୀରେଧୀରେ ଅର୍ଥହୀନ କରିଦେଇଥିଲା । ଯଦି କୌଣସି ଅଧିକାର ଠିକ୍ ସମୟରେ, ପର୍ଯ୍ୟାପ୍ତ ପରିମାଣରେ ଓ ନିୟମିତ ଭାବେ ମିଳେ ନାହିଁ, ତେବେ ସେହି ଅଧିକାର ପ୍ରକୃତରେ ଅଧିକାର ଭାବେ କାମ କରେ ନାହିଁ । ଭିବି-ଜି-ରାମଜି ରାଜ୍ୟର ନିଯୁକ୍ତି ସହାୟତା ଦେବାରେ ଦାୟିତ୍ୱକୁ ହଟାଏ ନାହିଁ ବରଂ ଏହା ସମୟସୀମା ଧାର୍ଯ୍ୟ କରି, ଫଳାଫଳ ସହିତ ପାଣ୍ଠିକୁ ଯୋଡ଼ି ଏବଂ ଦାୟିତ୍ୱକୁ ସ୍ପଷ୍ଟ କରି ସେହି ଦାୟିତ୍ୱକୁ ଭଲ ଭାବରେ ଗଠନ କରେ । ଏହା କମି ନୁହେଁ, ବରଂ ଏକ ଦରକାରୀ ସୁଧାର । ଅଧିକ ମୌଳିକ ଭାବରେ, ନୂତନ ଆଇନ ଭାରତର ବିକାଶ ଚିନ୍ତାଧାରାରେ ଏକ ଆବଶ୍ୟକୀୟ ପରିବର୍ତ୍ତନକୁ ପ୍ରତିଫଳିତ କରେ । ଗ୍ରାମାଞ୍ଚଳର ଗଭୀର ସଙ୍କଟ ସମୟରେ ମନରେଗା କୁ ଏକ ରିଲିଫ୍ ବ୍ୟବସ୍ଥା ଭାବରେ ଡିଜାଇନ୍ କରାଯାଇଥିଲା । ଗ୍ରାମୀଣ ଅର୍ଥନୀତିରେ ସଙ୍କଟପୂର୍ଣ୍ଣ ନିଯୁକ୍ତିକୁ ଏକ ସ୍ଥାୟୀ ବୈଶିଷ୍ଟ୍ୟ ଭାବେ ଦେଖିଲେ, ଏହାକୁ ସାଧାରଣ ଅବସ୍ଥା ଭାବରେ ମାନିନେବାର ଆଶଙ୍କା ଥାଏ । ଭିବି-ଜି-ରାମଜି ସ୍ପଷ୍ଟ ଭାବରେ କ୍ଷଣସ୍ଥାୟୀ ନିଯୁକ୍ତିକୁ ଜୀବିକା ସୃଷ୍ଟି, ଦକ୍ଷତା ଏବଂ ଉତ୍ପାଦନକ୍ଷମ ସମ୍ପତ୍ତି ଗଠନ ସହିତ ସଂଯୋଗ କରେ । କାମର ଦିନ ଗଣିବା ପରିବର୍ତ୍ତେ ସ୍ଥାୟୀ ଆଜୀବିକା ଉପରେ ଗୁରୁତ୍ୱ ଦେବା ଏକ ମୌଳିକ ସତ୍ୟ । ମର୍ଯ୍ୟାଦା କେବଳ କାମରୁ ନୁହେଁ, ନିୟମିତ ଆୟ ଏବଂ ଉନ୍ନତିର ସୁଯୋଗରୁ ଆସେ । ଯେଉଁ କଲ୍ୟାଣକାରୀ ବ୍ୟବସ୍ଥାକୁ ସମୟ ସହିତ ବଦଳା ନଯାଏ, ସେହି ବ୍ୟବସ୍ଥା ଦାରିଦ୍ର୍ୟ ହ୍ରାସ କରିବା ପରିବର୍ତ୍ତେ ଲୋକମାନଙ୍କୁ ଅଧିକ ନିର୍ଭରଶୀଳ କରିବାର ଆଶଙ୍କା ରଖେ । ରାଜ୍ୟଗୁଡ଼ିକ ଉପରେ ବଢୁଥିବା ଆର୍ଥିକ ବୋଝ ସମ୍ପର୍କୀୟ ଚିନ୍ତା ମଧ୍ୟ ସୂକ୍ଷ୍ମ ଯାଞ୍ଚରେ ତିଷ୍ଠି ରହିପାରେ ନାହିଁ । ପୂର୍ବତନ ବ୍ୟବସ୍ଥା ଅନୁଯାୟୀ, କେନ୍ଦ୍ର ସରକାରଙ୍କ ତରଫରୁ ବିଳମ୍ବ ଅନୁଦାନ, ଅପରିକଳ୍ପିତ ଆର୍ଥିକ ଦାୟିତ୍ୱ ଏବଂ ପୂର୍ବଲାଗୁ ଖର୍ଚ୍ଚ ବଣ୍ଟନ ସମ୍ପର୍କୀୟ ବିବାଦ କାରଣରୁ ରାଜ୍ୟଗୁଡ଼ିକ ସର୍ବଦା ଅନିଶ୍ଚିତତାର ସମ୍ମୁଖୀନ ହେଉଥିଲେ । ଭିବି-ଜି-ରାମଜି ସ୍ପଷ୍ଟ ଆର୍ଥିକ ଭୂମିକା ମଧ୍ୟମକାଳୀନ ଯୋଜନା ଏବଂ ଫଳାଫଳ ସହିତ ଜଡ଼ିତ ପାଣ୍ଠି ପ୍ରଚଳନ କରେ । ପୂର୍ବାନୁମାନ କରିପାରିବା ହେଉଛି ପ୍ରକୃତ ଆର୍ଥିକ ସଂଘୀୟତାର ମୂଳ ଆଧାର । ରାଜ୍ୟଗୁଡ଼ିକ ସମସ୍ୟାର ତୁରନ୍ତ ସମାଧାନରେ ବ୍ୟସ୍ତ ରହିବା ପରିବର୍ତ୍ତେ ପୂର୍ବରୁ ଉପଯୁକ୍ତ ଯୋଜନା କରିବାର ଦକ୍ଷତା ହାସଲ କରିପାରୁଛନ୍ତି ଯାହା ପ୍ରଶାସନିକ ସ୍ୱାଧୀନତାକୁ ଅଧିକ ମଜବୁତ୍ କରେ । ସେହିପରି, ଅତ୍ୟଧିକ କେନ୍ଦ୍ରୀକରଣର ଅଭିଯୋଗ ଜାତୀୟ ମାନକ ସ୍ଥାପନକୁ ସୂକ୍ଷ୍ମ ପରିଚାଳନା ସହିତ ଦ୍ୱନ୍ଦ୍ୱରେ ପକାଇଥାଏ । ଏହି ସ୍ତରର ଏକ କାର୍ଯ୍ୟକ୍ରମରେ ସ୍ୱଚ୍ଛତା, ଯୋଗ୍ୟତା ଏବଂ ତଦାରଖ ପାଇଁ ସମାନ ମାନଦଣ୍ଡ ଜରୁରୀ । ସ୍ଥାନୀୟ ଅନୁଷ୍ଠାନଗୁଡ଼ିକ କାର୍ଯ୍ୟ ଚିହ୍ନଟ କରିବା, ପ୍ରକଳ୍ପ କାର୍ଯ୍ୟକାରୀ କରିବା ଏବଂ ବିତରଣ ତଦାରଖ କରିବା ଜାରି ରଖୁଛନ୍ତି । ଯଦି କିଛି ପରିବର୍ତ୍ତନ ହୋଇଥାଏ ତେବେ ତାହା ହେଉଛି କାର୍ଯ୍ୟଦକ୍ଷତା ଓ ଦାୟିତ୍ୱ । ବିନା ତଦାରଖରେ ବିକେନ୍ଦ୍ରୀକରଣ ଐତିହାସିକ ଭାବରେ ଶ୍ରମିକଙ୍କ ଅପେକ୍ଷା ମଧ୍ୟସ୍ଥିମାନଙ୍କୁ ଅଧିକ ଲାଭ ଦେଇଛି । ଭିବି-ଜି-ରାମଜି ସେହି ସାଂରଚନିକ ତ୍ରୁଟିକୁ ସଂଶୋଧନ କରିବାକୁ ଚେଷ୍ଟା କରୁଛି । ସବୁଠାରୁ ଭାବପ୍ରବଣ ସମାଲୋଚନା ହେଉଛି ଆଇନରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଯିବା । କିନ୍ତୁ ଏଥିରେ ମୁଖ୍ୟ ବିଷୟ ଅପେକ୍ଷା ପ୍ରତିକାତ୍ମକତାକୁ ବେଶି ଗୁରୁତ୍ୱ ଦିଆଯାଇଛି । ଗାନ୍ଧୀଜୀଙ୍କ ଅର୍ଥନୈତିକ ଦର୍ଶନ ଉତ୍ପାଦନଶୀଳ ଶ୍ରମ, ଆତ୍ମନିର୍ଭରତା, ବିକେନ୍ଦ୍ରୀକୃତ ଉନ୍ନତି ଏବଂ ସମାଜ ପ୍ରତି ନୈତିକ ଦାୟିତ୍ୱକୁ ଗଭୀର ଗୁରୁତ୍ୱ ଦେଇଥିଲା । ସଂଗଠନ ମଧ୍ୟରେ ଥିବା ସାଂରଚନିକ ତ୍ରୁଟିକୁ ସହ୍ୟକରି କେବଳ ତାଙ୍କ ନାମକୁ ସଂରକ୍ଷଣ କରିବାରେ ତାଙ୍କ ଐତିହ୍ୟ ପ୍ରତି ପ୍ରକୃତ ସମ୍ମାନ ନୁହେଁ । ସ୍ଥାୟୀ ସମୁଦାୟ ସମ୍ପତ୍ତି, ସ୍ଥାନୀୟ ଉଦ୍ୟୋଗ ଏବଂ ଜୀବିକାର ନିରନ୍ତରତାକୁ କେନ୍ଦ୍ର କରିଥିବା ଏକ କାର୍ଯ୍ୟକ୍ରମ ଗାନ୍ଧୀବାଦୀ ନୀତିଙ୍କ ସହ ବହୁତ ନିକଟ, କାରଣ ଏହି ନୀତି ଜୀବିକା ଅର୍ଜନକୁ କେବଳ ଆୟର ଉପାୟ ନୁହେଁ, ବରଂ ଜୀବନର ଏକ ମୂଳ ଲକ୍ଷ୍ୟ ଭାବରେ ଦେଖେ । ଅନେକ ସମୟରେ ସଂସ୍କାର ସାଧାରଣତଃ ପ୍ରତିରୋଧକୁ ଜନ୍ମ ଦେଇଥାଏ, ବିଶେଷକରି ଯେତେବେଳେ ଏହା ଦୀର୍ଘଦିନ ଧରି ରହିଥିବା ପୁରୁଣା ଏବଂ ଦୃଢ଼ ରାଜନୈତିକ ଚିନ୍ତାଧାରାକୁ ବଦଳାଇବାକୁ ଚେଷ୍ଟା କରେ । କିନ୍ତୁ ସାମାଜିକ ନୀତି ସମୟ ମଧ୍ୟରେ ସ୍ଥିର ହୋଇ ରହିପାରିବ ନାହିଁ । ଭାରତର ବର୍ଦ୍ଧିତ ଜନସଂଖ୍ୟା ଚାପ ଓ ଆର୍ଥିକ ସୀମାବଦ୍ଧତାକୁ ଦୃଷ୍ଟିରେ ରଖେ ବିକାଶ ପାଇଁ ଏମିତି ପଦକ୍ଷେପ ଦରକାର ଯାହାର ଫଳାଫଳ ସହଜରେ ମପାଯାଇପାରିବ । ଭିବି-ଜି-ରାମଜି ଗ୍ରାମୀଣ ନିଯୁକ୍ତି ନୀତି ଇନପୁଟ୍ ଆଧାରିତ ଅଧାର ପ୍ରଣାଳୀକୁ ଛାଡ଼ି ଫଳାଫଳ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ଏକ ନୂତନ ନିଯୁକ୍ତି ଗ୍ୟାରେଣ୍ଟି ପଦ୍ଧତିକୁ ଦିଗ ଦେଉଛି । ଏହି ପରିବର୍ତ୍ତନକୁ ସଫଳ କରିବା ପାଇଁ ସତର୍କତା, ପର୍ଯ୍ୟାୟକ୍ରମେ ସଠିକ୍ ସଂଶୋଧନ ଏବଂ ଶୃଙ୍ଖଳିତ ଭାବରେ କାର୍ଯ୍ୟାନ୍ୱୟନ ଆବଶ୍ୟକ, କିନ୍ତୁ ସଂସ୍କାରକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିବା ଏକ ବଡ଼ ଭୁଲ । ନୀତି ନିର୍ଦ୍ଧାରକମାନଙ୍କ ପାଇଁ ପ୍ରକୃତ ପସନ୍ଦ କରୁଣା ଓ ଦକ୍ଷତା, କିମ୍ବା ଅଧିକାର ଓ ସଂସ୍କାର ମଧ୍ୟରେ ନୁହେଁ, ବରଂ ପରିବର୍ତ୍ତିତ ସମୟକୁ ମନେରଖି ଜନ କଲ୍ୟାଣ ନୀତିକୁ ଆଗେଇ ନେବା, ପୁରୁଣା ଢାଞ୍ଚାକୁ ଧରି ରହିବା ନୁହେଁ । ଭିବି-ଜି-ରାମଜି ଚିନ୍ତାଧାରାରେ ଏକ ବିବର୍ତ୍ତନର ସଙ୍କେତ ଦିଏ । ଏହାର ଉଦ୍ଦେଶ୍ୟ ସାଧାରଣ ଖର୍ଚ୍ଚକୁ ଦୀର୍ଘକାଳୀନ ଗ୍ରାମୀଣ ଉନ୍ନତିରେ ବଦଳାଇବା, କୌଣସି ରାଜନୈତିକ ଲାଭ ନୁହେଁ, ଏହି ଲକ୍ଷ୍ୟ ହିଁ ଜାତୀୟ ଚର୍ଚ୍ଚାର ମୂଳ ବିଷୟ ହେବା ଉଚିତ୍ ।

- ନିର୍ସା ମେହଟା
ରାଜନୈତିକ ବିଶ୍ଳେଷକ ଓ ସ୍ତମ୍ଭକାର

# ବଜେଟ ୨୦୨୬ : କୃଷିରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ, କିନ୍ତୁ ଚିରାଚରିତ ଢଙ୍ଗରେ ସାର ଓ କୀଟନାଶକ

ଭାରତ ବର୍ଷରେ ଅର୍ଥନୀତିର ମେରୁଦଣ୍ଡ ହିସାବରେ କୃଷିକୁ ବରାବର ହିଁ ବଜେଟର ପରିକଳ୍ପନାର କେନ୍ଦ୍ରବିନ୍ଦୁରେ ରଖାଯାଇଥାଏ । କିନ୍ତୁ ୨୦୨୬ ଆର୍ଥିକ ବଜେଟରେ କେନ୍ଦ୍ରୀୟ ବଜେଟ ସହିତ ଆମ ରାଜ୍ୟର ବଜେଟ ବି ଏକ ନିର୍ଦ୍ଦିଷ୍ଟ ସନ୍ଧିକ୍ଷଣରେ ଆସି ଠିଆ ହୋଇଛି । ଗୋଟିଏ ଦିଗରେ ଜଳବାୟୁ ପରିବର୍ତ୍ତନର ପ୍ରକୋପରେ କୃଷିକାର୍ଯ୍ୟର ଅନିଶ୍ଚିତତା ବଢୁଛି, ଅନ୍ୟ ଦିଗରେ କ୍ରମବର୍ଦ୍ଧମାନ ଜନସଂଖ୍ୟାର ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବାର ଚ୍ୟାଲେଞ୍ଜ । ଏହି ପରିସ୍ଥିତିରେ କେନ୍ଦ୍ରୀୟ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କୃଷିକ୍ଷେତ୍ରକୁ ଯେଉଁ ଦିଶା ଦେଖେଇଛନ୍ତି, ସେଥିରେ ପ୍ରଯୁକ୍ତି ପ୍ରତି ପ୍ରବଳ ଝୁଙ୍କ ରହିଥିବା ସ୍ପଷ୍ଟ ହୋଇଛି । କିନ୍ତୁ ସାର ଓ କୀଟନାଶକ ଆଦିର ଚିରାଚରିତ ପ୍ରଥାଗତ ପ୍ରୟୋଗ ଏବଂ ସ୍ୱର୍ଶକାତର ବିଷୟଗୁଡ଼ିକ ସେହି ପୁରୁଣା ପଥରେ ଚାଲିଛି । ଏଠାରେ ପ୍ରଶ୍ନ ଉଠୁଛି, ଆଧୁନିକ ପ୍ରଯୁକ୍ତି ଏବଂ କୃତ୍ରିମ ବୁଦ୍ଧିମତା (ଏଆଇ) କ'ଣ ପ୍ରଥାଗତ ସାର ଓ କୀଟନାଶକ ପ୍ରୟୋଗରେ ଅପରିକଳ୍ପିତ ବ୍ୟବହାରର ବିକଳ୍ପ ହୋଇ ଉଠି ପାରିବ ?

ଚଳିତ ୨୦୨୬-୨୭ ବଜେଟରେ କୃଷି ଓ କୃଷକର କଲ୍ୟାଣ ପାଇଁ ୧୬୨୧୬୭ କୋଟି ଟଙ୍କାର ବ୍ୟୟ ବରାଦ କରାହୋଇଛି । ତେବେ ସବୁଠାରୁ ଉଲ୍ଲେଖଯୋଗ୍ୟ ବିଷୟ ହେଲା କୃଷିରେ ଡିଜିଟାଲ ପବ୍ଲିକ ଇନଫ୍ରାଷ୍ଟ୍ରକଚର (ଡିପିଆଇ) ଏବଂ କୃତ୍ରିମ ବୁଦ୍ଧିମତା (ଏଆଇ) ବ୍ୟବହାର ବୃଦ୍ଧିକୁ ନେଇ ସରକାର ଅଧିକ ଗୁରୁତ୍ୱ ଦେଇଛନ୍ତି । ମୋଦି ସରକାରଙ୍କର ଏହି ମିଆଦି ଲକ୍ଷ୍ୟ ହେଉଛି କୃଷିକୁ ସ୍ମାର୍ଟ ଏଗ୍ରିକଲ୍‌ଚରକୁ ରୂପାନ୍ତରିତ କରିବା । ବଜେଟରେ ଘୋଷଣା କରାଯାଇଛି ଯେ, ଆଗାମୀ ତିନି ବର୍ଷ ମଧ୍ୟରେ ଛଅ କୋଟି କୃଷକଙ୍କୁ ଡିଜିଟାଲ ପ୍ଲାଟଫର୍ମ ପରିସରଭୁକ୍ତ କରାଯିବ । କୃଷିରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର କେବଳ ବିଳାସବହୁଳ କୌଣସି ଧାରଣା ନୁହେଁ, ବରଂ ଏଇଟା ବର୍ତ୍ତମାନ ସମୟର ଦାବି । ଡ୍ରୋନ ମାଧ୍ୟମରେ କୀଟନାଶକ ସିଞ୍ଚନ, ମାଟିର ଆଦ୍ରତା ପରୀକ୍ଷା କରିବା ଏବଂ ପାଣିପାଗର ଆଗାମୀ ପୂର୍ବାଭାସ ଅନୁଯାୟୀ ଚାଷର ସମୟ ନିର୍ଦ୍ଧାରଣ - ଏହି ସମସ୍ତ କ୍ଷେତ୍ରରେ (ଏଆଇ)ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବଜେଟରେ ଏହି କ୍ଷେତ୍ରରେ ବରାଦ ବୃଦ୍ଧି ପାଇବାର ଅର୍ଥ ହେଉଛି ସରକାର ଚାହୁଁଛନ୍ତି ଚାଷୀମାନେ ପାରମ୍ପରିକ ପଦ୍ଧତିରୁ ମୁକୁଳି ଆସି ପ୍ରଯୁକ୍ତି ନିର୍ଭର ଚାଷ କାର୍ଯ୍ୟରେ ଆଗ୍ରହୀ ହୁଅନ୍ତୁ । ଏହି ଡିଜିଟାଲ ବ୍ୟବସ୍ଥା ମାଧ୍ୟମରେ ଶସ୍ୟବୀମା ଏବଂ କୃଷିଋଣ ପାଇବାର ପ୍ରକ୍ରିୟା ବି ଅନେକ ବେଶି ସ୍ୱଚ୍ଛ ଓ ଦ୍ରୁତ ହେବ ବୋଲି ଆଶା କରାଯାଏ ।

ସାର ଓ କୀଟନାଶକ ପ୍ରୟୋଗ କ୍ଷେତ୍ରରେ ସେତେଟା ହିଁ ରକ୍ଷଣଶୀଳ ଅବସ୍ଥାନ ନେଇଛି । ବଜେଟରେ ଦେଖାଯାଇଛି, ସାରର ସବସିଡ ଓ କୀଟନାଶକ ସଂକ୍ରାନ୍ତ ଗବେଷଣା ବରାଦର ପରିମାଣ ପ୍ରାୟ ଗତବର୍ଷ ପରି ରଖା ଯାଇଛି । ଭାରତରେ କୃଷି ବ୍ୟବସ୍ଥାରେ ରାସାୟନିକ ସାରର ଅତ୍ୟଧିକ ପ୍ରୟୋଗ ବର୍ଷ ବର୍ଷର ସମସ୍ୟା । ବିଶେଷ କରି ୟୁରିଆର ଅନିୟନ୍ତ୍ରିତ ବ୍ୟବହାର ମୃତ୍ତିକାର ଗୁଣମାନକୁ ନଷ୍ଟ କରିଚାଲିଛି ଏବଂ ଭୂଗର୍ଭସ୍ଥ ଜଳକୁ ମଧ୍ୟ ଦୂଷିତ କରୁଛି । ସରକାର ଯଦିଓ ପ୍ରାକୃତିକ କୃଷିକାର୍ଯ୍ୟ ବା 'ନେଚ୍ୟୁରାଲ ଫାର୍ମିଙ୍ଗ'- ଉପରେ ଗୁରୁତ୍ୱ ଦେବାର କଥା କହୁଛନ୍ତି ଏବଂ ଏକ କୋଟି କୃଷକଙ୍କୁ ଏହି ପଦ୍ଧତିରେ ସମ୍ପୃକ୍ତ କରିବା ଯୋଜନାରେ



ଅଛନ୍ତି, କିନ୍ତୁ ସାର ସବସିଡକୁ ଉଲ୍ଲେଖଯୋଗ୍ୟ କାଟଛାଁଟ ନକଲେ କୃଷକମାନେ କେତେଟା ଆଗ୍ରହୀ ହେବେ, ତାହା ନେଇ ସଂଶୟ ରହିଯାଏ । ସାର ଓ କୀଟନାଶକର ଦରଦାମରେ ସ୍ଥିରତା ନିର୍ଦ୍ଦେଶ କରୁଛି ଯେ, ସରକାର ଆଜି ପର୍ଯ୍ୟନ୍ତ କୌଣସି ବଡ ଧରଣର ସଂସ୍କାର ଆଣିବାକୁ ଚେଷ୍ଟା କରି ନାହାନ୍ତି । ଅଥଚ ସୁସ୍ଥାୟୀ କୃଷିକାର୍ଯ୍ୟ ପାଇଁ ସାରର ଭାରସାମ୍ୟ ବଜାୟ ରଖିବା ଏବଂ ଜୈବ କୀଟନାଶକ ପ୍ରସାର ଘଟାଇବା ଅତ୍ୟନ୍ତ ଜରୁରୀ ଥିଲା । ବଜେଟରେ ୩୨ଟି ଫିଲଡ ଏବଂ ହର୍ଟିକଲଚର ଶସ୍ୟର ୧୦୯ଟି ନୂତନ ଉଚ୍ଚ ଫଳନଶୀଳ ଏବଂ ଜଳବାୟୁ -ସହନଶୀଳ ଜାତିର ବୀଜ ଉଦ୍ଭାବନର କଥା କୁହାଯାଇଛି । ଏହା ଅତ୍ୟନ୍ତ ସମୟୋପଯୋଗୀ ପଦକ୍ଷେପ । ବର୍ତ୍ତମାନ ସମୟରେ ଅନାବୃଷ୍ଟି ବା ଅତିବୃଷ୍ଟି କାରଣରୁ ଫସଲର କ୍ଷୟକ୍ଷତି ସାଧାରଣ ବିଷୟ ହୋଇ ଉଠିଛି । ପ୍ରଯୁକ୍ତି ଯଦି ଏହି କ୍ଷୟକ୍ଷତିର ମୁକାବିଲା କରିବାରେ ସହାୟକ ହୋଇପାରିବ ତେବେ ସିନା କୃଷକର ଆୟ ଦ୍ୱିଗୁଣିତ କରିବାର ସ୍ୱପ୍ନ ସାର୍ଥକ ହୋଇପାରିବ । କିନ୍ତୁ କାର୍ଯ୍ୟତଃ ଏଇ ବୀଜଗୁଡିକୁ କେତେ ଦ୍ରୁତ ପହଞ୍ଚି ପାରିବେ; ତାହାର କୌଣସି ସ୍ପଷ୍ଟ ରୂପରେଖ ବଜେଟରେ କୁହାଯାଇନି ।

କୃଷିକ୍ଷେତ୍ରରେ ଏ.ଆଇ.ର ବ୍ୟବହାର ବଢେଇବାକୁ ବଜେଟରେ ବରାଦ କରାଯାଇଛି, ତାହାର ସୁବିଧା ମୂଳତଃ ବଡ଼ ବଡ଼ ଚାଷୀ ବା କର୍ପୋରେଟ ଫାର୍ମିଙ୍ଗ ସେକ୍ଟର ପାଇ ପାରିବେ । ଭାରତର କ୍ଷୁଦ୍ରଚାଷୀ, ଯାହାର ଚାଷଜମି ୨ ହେକ୍ଟରରୁ କମ ବା ଯିଏ ନାମକୁ ମାତ୍ର ଚାଷୀ -ଏହି ସୁବିଧା ସୁଯୋଗରୁ ବଞ୍ଚିତ ହେବେ କାରଣ ସେମାନଙ୍କ ନିକଟରେ ଆଧୁନିକ ପ୍ରଯୁକ୍ତି ପହଞ୍ଚାଇବା ଏକ ବିରାଟ ଚ୍ୟାଲେଞ୍ଜ । ଡ୍ରୋନ କିଣା ବା ଉଚ୍ଚ ପ୍ରଯୁକ୍ତି ବ୍ୟବହାର କରିବାର ସାମର୍ଥ୍ୟ ସେମାନଙ୍କର ନାହିଁ । ସେ କ୍ଷେତ୍ରରେ ସମବାୟ ଭିତ୍ତିକ କୃଷି ବା ସରକାରୀସ୍ତରରେ ଯନ୍ତ୍ରପାତିର ସହଜ ଲଭ୍ୟତା ନିଶ୍ଚିତ କରିବା ଆବଶ୍ୟକ ନହେଲେ ଡିଜିଟାଲ ବିଭାଜନ ଆହୁରି ବଢିବ । ଅନ୍ୟପକ୍ଷରେ ସାର ଓ କୀଟନାଶକର ଦାମ ଅପରିବର୍ତ୍ତିତ ରଖିବା ବା ବରାଦ ନକମାଇବା ଫଳରେ ଏକ ଦିଗରୁ କୃଷକମାନେ ସ୍ୱସ୍ତିର ନିଶ୍ୱାସ ମାରିଛନ୍ତି । କାରଣ ସାରର ଦାମ ବଢିଲେ ଉତ୍ପାଦନର ଖରଚ ମଧ୍ୟ ବଢିବ । ଯାହାର ସିଧାସଳଖ ପ୍ରଭାବ ପଡିଥାନ୍ତା ବଜାରରେ ଉପଲବ୍ଧ ପନିପରିବା ଓ ଖାଦ୍ୟଶସ୍ୟର ଦାମ ଉପରେ । କିନ୍ତୁ ଦୀର୍ଘ ମିଆଦି କ୍ଷେତ୍ରରେ, ବିଷମୁକ୍ତ ଚାଷ ଏବଂ ପରିବେଶ ବାନ୍ଧବ କୃଷିର ଯେଉଁ ସ୍ୱପ୍ନ କେନ୍ଦ୍ର ସରକାର ଦେଖୁଛନ୍ତି ; ତାହା ସହିତ ସାରର ବିପୁଳ ସବସିଡ କିଛିଟା ହେଲେ ବି ଅସଙ୍ଗତ ମନେହୁଏ । ବଜେଟ ବରାଦ ବଢିଲେ ଯେ କୃଷି ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ଘଟିବ, ଏମିତି ଭାବିବା ଭୁଲ । ଆମ ଦେଶରେ କୃଷିକ୍ଷେତ୍ରରେ ମୂଳ ସମସ୍ୟା ହେଉଛି ଆଧାରଭୁତ ସରଞ୍ଜନା ଦୁର୍ବଳତା ଏବଂ ମଧ୍ୟସ୍ୱତ୍ୱ ଭୋଗୀମାନଙ୍କର ଦୌରାତ୍ମ୍ୟ । ଡିଜିଟାଲ ଆଧାରଭୁତ ସରଞ୍ଜନା ଏହି ସମସ୍ୟାର କିଛିଟା ସମାଧାନ କରି ପାରିଲେ, ଶୀତଳଭଣ୍ଡାର ଏବଂ ପରିବହନ ବ୍ୟବସ୍ଥାର ଆମୂଳଚୂଳ ଉନ୍ନତି ଘଟାଇ ପାରିଲେ କୃଷକମାନଙ୍କର ଭାଗ୍ୟ ସାମାନ୍ୟ ବଦଳା ଯାଇପାରେ । ସାର ଓ କୀଟନାଶକ ଆଦିର ମୂଲ୍ୟ ଅପରିବର୍ତ୍ତିତ ରଖିବାର ଅର୍ଥ ହେଉଛି ସରକାର ଖାଦ୍ୟ ଉତ୍ପାଦନ ହ୍ରାସର ଝୁଙ୍କ ନେବାକୁ ଚାହିଁ ନାହାନ୍ତି । ଏଠି କିନ୍ତୁ ମନେରଖିବା ଉଚିତ ଯେ, କେବଳ ରାସାୟନିକ ସାର ଓ କୀଟନାଶକ ଉପରେ ନିର୍ଭର କରି ହେଉଥିବା କୃଷିକାର୍ଯ୍ୟ ଦୀର୍ଘ ବର୍ଷ ଧରି ମାଟିର ଉର୍ବରତା ବଜାୟ ରଖିପାରିବନି । ସୁତରାଂ ପ୍ରଯୁକ୍ତିକୁ ଏପରି ଭାବେ ବ୍ୟବହାର କରାଯାଉ ଯେମିତିକି ତାହା ସାର ଓ କୀଟନାଶକର ପ୍ରୟୋଜନୀୟତାକୁ କ୍ରମଶଃ ହ୍ରାସ କରେଇପାରିବ । ସେନ୍ସର ପ୍ରଯୁକ୍ତି ବିଦ୍ୟା ଯଦି କହି ଦେଇ ପାରନ୍ତା କେଉଁ ଜମିରେ କେତେ ପରିମାଣରେ ସାର ଓ କୀଟନାଶକ ପ୍ରୟୋଗ କରାଯିବା ଉଚିତ, ତା' ହେଲେ ସାରର ଅପଚୟ ରୋକାଯାଇପାରନ୍ତା ଓ କମ କୀଟନାଶକ ବ୍ୟବହାର କରିହୁଅନ୍ତା । ସାମଗ୍ରିକ ଭାବେ ଦେଖିବାକୁ ଗଲେ ୨୦୨୬-୨୭ ମସିହାର ଆର୍ଥିକ ବଜେଟରେ କୃଷିକ୍ଷେତ୍ରକୁ ନେଇ ଏକ ଅତ୍ୟାଧୁନିକତାର ବାର୍ତ୍ତା ଦେଇଛନ୍ତି କେନ୍ଦ୍ର ସରକାର । କୃତ୍ରିମ ବୁଦ୍ଧିମତା ଏବଂ ଡିଜିଟାଲ ଡାଟାବେସ ମାଧ୍ୟମରେ କୃଷିକାର୍ଯ୍ୟକୁ ବିଜ୍ଞାନ ସମ୍ମତ କରିବା ଏକ ପ୍ରଶଂସନୀୟ କାର୍ଯ୍ୟ, ଏହା ନିଃସନ୍ଦେହରେ କୁହାଯାଇପାରେ । କିନ୍ତୁ ଏହାର ସୁଫଳ ଯେମିତି କ୍ଷୁଦ୍ର ଓ ନାମମାତ୍ର ଚାଷୀ ପାଖରେ ପହଞ୍ଚିପାରେ, ସେ ଦିଗ ପ୍ରତି ସରକାର ଯଥେଷ୍ଟ ଯତ୍ନବାନ ହେବା ଜରୁରୀ । ସାର ଓ କୀଟନାଶକ ଆଦିର ମୂଲ୍ୟର ସ୍ଥିତାବସ୍ଥା ବଜାୟ ରଖିବା ରାଜନୈତିକ ଓ ଅର୍ଥନୈତିକ କାରଣରୁ ହୁଏତ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇପାରେ, ଭବିଷ୍ୟତରେ ଜୈବକୃଷିର ପ୍ରସାର କରିବାର ଯେଉଁ ଉଦ୍ୟମ ଆରମ୍ଭ ହୋଇଛି ତାହା ଏକ ସାହାସିକ ପଦକ୍ଷେପ ଏକଥା ନିସନ୍ଦେହରେ କୁହାଯାଇପାରେ । ଭାରତବର୍ଷ ଅଧୁନା 'ଅନ୍ନଦାତା' କୃଷକମାନଙ୍କୁ ପ୍ରଯୁକ୍ତି ମାଧ୍ୟମରେ 'ଉଦ୍ୟକ୍ତା' ହିସାବରେ ଦେଖିବାକୁ ଚାହେଁ । ଏହି ଜୟଯାତ୍ରାରେ ପ୍ରଯୁକ୍ତି ଯେମିତି କେବଳ ବାଆ'କୁ ବତା ନହୋଇ ପ୍ରକୃତ ସମସ୍ୟା ସମାଧାନର ହତିଆର ହୋଇଉଠେ, ସେଇଟା ହିଁ ଏକାନ୍ତ କାମ୍ୟ । ସାରର ସବସିଡ ବନାମ ପ୍ରଯୁକ୍ତିର ଉତ୍କର୍ଷତା - ଏହି ଦୁଇଟିର ଭାରସାମ୍ୟ ବଜାୟ ରଖି ଭାରତୀୟ କୃଷିକୁ ଆଗେଇ ନେବାକୁ ହେବ । ଏକବିଂଶ ଶତାବ୍ଦୀର କୃଷିକାର୍ଯ୍ୟରେ କେବଳ ଲଙ୍ଗଳା ବା ଟ୍ରାକ୍ଟର ନୁହେଁ, ବଡ ଭୂମିକା ନେବାକୁ ହେବ ଚିପ୍ସ ଏବଂ ଆଲଗୋରିଦିମର ବି । ତା ହେଲେ ଯାଇ ଆମ୍ଭେମାନେ ପ୍ରକୃତ 'ଆତ୍ମନିର୍ଭର' କୃଷିକୁ ଦେଖିବାକୁ ପାଇବା ।

-ଡକ୍ଟର ନୀଳମଣି ସୂତାର
ଖାନନଗର, କଟକ
ଦୂରଭାଷ : ୮୫୯୯୮୯୪୯୧୫

# ଧାନ ମଣ୍ଡିରେ ଅବ୍ୟବସ୍ଥା ସମାଧାନ ହେଉ

ଜ୍ୟରେ ଚାଷୀଙ୍କ ଠାରୁ ଧାନ କିଣା ଓ ମଣ୍ଡି ଅବ୍ୟବସ୍ଥା ନେଇ ବିଧାନସଭାରେ ଦୁଇ ପ୍ରମୁଖ ବିରୋଧି ଦଳ ବିଜେଡି ଓ କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ ଓ ନାରାବାଜୀ ଯୋଗୁଁ ବଜେଟ ଅଧିବେଶନର ଦ୍ୱିତୀୟ ଦିବସଟି ସମ୍ପୂର୍ଣ୍ଣ ଧୋଇ ହୋଇଯାଇଛି । ଅଧିବେଶନ ମାତ୍ର ୭ମିନିଟ୍ ଚାଲିଥିଲା । ତେବେ ଚାଷୀଙ୍କୁ ନେଇ ତାତି କେବେ ଥମିବ, ତାହା କହିବା ଅତ୍ୟନ୍ତ ମୁସ୍କିଲ । ଏହା ନିସନ୍ଦେହ ଯେ, ଆମ ରାଜ୍ୟରେ ଚାଷୀଙ୍କ ଠାରୁ ଧାନ କିଣା ଓ ମଣ୍ଡିରେ ଅବ୍ୟବସ୍ଥା ନୂଆ ନୁହେଁ । ଦଶନ୍ଧି ଦଶନ୍ଧି ଧରି ଅବ୍ୟବସ୍ଥା ଲାଗି ରହିଛି । ବିରୋଧି ଦଳ ହୋ ହାଲା କରନ୍ତି, ସରକାର ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦିଅନ୍ତି ମାତ୍ର କିଛି ପ୍ରତିକାର ହୁଏ ନାହିଁ କି ଅବ୍ୟବସ୍ଥାରେ ସୁଧାର ଆସେ ନାହିଁ । ଧାନ ବିକ୍ରୀ ସମୟ ଆସିଲେ ଚାଷୀ କେବଳ ହଇରାଣ ହରକତ ଓ ମାନସିକ ନିର୍ଯ୍ୟାତନାର ଶିକାର ହେବା ସାର ହୁଏ । ସରକାରଙ୍କ ଅପାରଗତା ଯୋଗୁଁ ଶାଗମାଛ ଦରରେ ଅର୍ଥାତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦରଠାରୁ ବହୁ କମ୍ ମୂଲ୍ୟରେ ଧାନ ବିକ୍ରୀ କରିବାକୁ ବାଧ ହୋଇଥାଏ । ଯାହା ଫଳରେ ଚାଷୀ ଋଣଗ୍ରସ୍ତ ହୁଏ ଏବଂ ତା'ର ଆର୍ଥୀକ ମାନଦଣ୍ଡ ଦୋହଲିଯାଇଥାଏ । କହିବା ବାହୁଲ୍ୟ ଯେ, ରାଜ୍ୟରେ ଚାଷୀଙ୍କ ଠାରୁ ଧାନ କିଣିବା ମଣ୍ଡି ବ୍ୟବସ୍ଥା ଆରମ୍ଭ ହେବା ଦିନଠାରୁ ମଣ୍ଡିରେ ଅବ୍ୟବସ୍ଥା ଲାଗି ରହିଛି । ଧାନ କିଣିବା ପାଇଁ ସରକାର ଟୋକନ ବ୍ୟବସ୍ଥା ଲାଗୁ କରିଥିଲେ । ଏହାଦ୍ୱାରା ସୁବ୍ୟବସ୍ଥିତ ଭାବେ ଧାନ କିଣା ବିକା ହୋଇପାରିବ ବୋଲି ଆଶା କରାଯାଉଥିଲା । ମାତ୍ର ଧାନ କିଣାବିକାରେ କୌଣସି ଚମତ୍କାରିତା ଘଟିବା ପରିବର୍ତ୍ତେ ଚାଷୀଙ୍କ ଦୁଃଖ ବଢିଚାଲିଛି । ଟୋକନ ଥାଇ ଧାନ ବିକି ନପାରି ଜଣେ ଚାଷୀଙ୍କ ଜୀବନ ଯାଇଛି । ସରକାରଙ୍କୁ ଧାନ ବିକି ନପାରୀ ବେପାରୀଙ୍କୁ ୧୮୦ କ୍ୱିଂଟାଲ ଧାନ କମ ଦରରେ ବିକି ଅଢେଇ ଲକ୍ଷ ଟଙ୍କାର କ୍ଷତିରେ ବିକିଥିଲେ । ମଣ୍ଡିରେ ଲକ୍ଷ ଲକ୍ଷ କ୍ୱିଂଟାଲ ଧାନ ପଡିରହିଛି । ଶୀତକାକରରେ ପଡି ଚାଷୀ ନିଜ ଧାନ ଜଗି ରହୁଛନ୍ତି । ଖୋଟ ଯୋଗାଣ ପର୍ଯ୍ୟନ୍ତ ନଥିବାରୁ ଜରି ଅଖାରେ ଧାନ ବିକ୍ରି ହେଉଛି । ଜରି ଆଖାଗୁଡିକ ଖରା-କାକରରେ ଦୀର୍ଘ ଦିନ ରହିବା ପରେ ସେଗୁଡିକ ଫାଟି ଯାଉଛି । ଧାନ ନଷ୍ଟ ହେବା ସାର ହେଉଛି । ଧାନ ବିକ୍ରିରେ କଟନୀ-ଛଟନୀକୁ ପ୍ରଶୟ ଦିଆଯିବ ନାହିଁ ବୋଲି ସରକାର ବାରମ୍ବାର ଘେଷଣା କରିଥିଲେ ମଧ୍ୟ କ୍ୱିଂଟାଲ ପିଛା ୭ରୁ ୧୦କିଲୋ ପର୍ଯ୍ୟନ୍ତ କଟନୀ-ଛଟନୀ ହେଉଥିବା ଅଭିଯୋଗ ହୁଏ । ଉଲ୍ଲେଖଯୋଗ୍ୟ ଯେ, ସରକାର ଚଳିତ ଖରିଫ ଋତୁରେ ୭୩ଲକ୍ଷ ଟନ ଧାନ କିଣିବାକୁ ଲକ୍ଷ୍ୟ ରଖିଥିଲେ । ରାଜ୍ୟରେ ସମୁଦାୟ ୧୯,୬୬,୧୮୧ ଜଣ ଚାଷୀ ପଞ୍ଜିକୃତ ହୋଇଥିଲେ । ମଣ୍ଡିରେ ଧାନ କିଣାବିକାକୁ ସୁବ୍ୟବସ୍ଥିତ କରିବା ପାଇଁ ମନ୍ତ୍ରୀ, ବିଧାୟକ, ପ୍ରଶାସନିକ ଅଧିକାରୀଙ୍କ ସହ ନୋଡାଲ ଓ ସୁପରଭାଇଜିଂ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲେ ସେମାନେ ତାଙ୍କର କର୍ତବ୍ୟ ନିର୍ବାହ କରିନଥିବା କୁହାଯାଏ । ୧୪୦ଟି ମଣ୍ଡିରୁ ୧୨୯ଟି ମଣ୍ଡିକୁ କୌଣସି ଅଧିକାରୀ ଯାଇନାହାଁନ୍ତି । ସେହିପରି ପ୍ରତି ମନ୍ତ୍ରୀଙ୍କ ଦାୟିତ୍ୱରେ ୫ରୁ ୬ଟି ଜିଲ୍ଲା ରହିଥିବାବେଳେ ସେମାନେ ମଧ୍ୟ କେବେ କିଣାବିକାର ସମୀକ୍ଷା କରିନଥିବା ଅଭିଯୋଗ ହୁଏ । ଯାହାର ପରିଣତି ସ୍ୱରୂପ ମଣ୍ଡିଗୁଡିକରେ ଦଲାଲ୍ ରାଜ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ରିପୋର୍ଟ ପ୍ରକାଶ ପାଇଛି । ସରକାର ୫୮,୦୧,୯୬୮ ଟନ ଧାନ ସଂଗ୍ରହ କରିଥିବାବେଳେ ୧୩,୧୪,୦୮୬ ଟନ ଧାନ ମଣ୍ଡିରେ ପଡିରହିଛି । ଅନ୍ୟ ପକ୍ଷରେ ଟୋକନର ଅବଧି ସରିସରି ଆସୁଥିବାରୁ ଚାଷୀ ହତାଶ ହୋଇପଡିବା ସ୍ୱାଭାବିକ । ଧାନ ବିକିବା ନେଇ ଚାରିଆଡେ ହାହାକର ସ୍ଥିତି । ମିଲର ଧାନ ଉଠାଉନଥିବାରୁ ଏବେ ଚାଷୀଙ୍କ ପାଇଁ କେବଳ ବେପାରୀ ଭରସା । ତେବେ ଦେଶରେ ଚାଷୀ କମ ଦରରେ ଧାନ ବିକ୍ରି କରିବାକୁ ବାଧ ହେବ, ଏହା ନିଶ୍ଚିତ । ଚାଷୀଙ୍କ ଠାରୁ କ୍ୱିଂଟାଲ ପିଛା ୩୧୦୦ ଟଙ୍କାରେ ଧାନ କିଣିବା ଏବଂ ଚାଷୀଙ୍କୁ ଆୟ ଦେଢଗୁଡ କରିବା ପାଇଁ ସରକାର ବାରମ୍ବାର ଘୋଷଣା କରି ଆସୁଥିବାବେଳେ ଅନ୍ନଦାତାଙ୍କ ଦୁର୍ଦ୍ଦଶା କମୁନାହିଁ, ବଢିଚାଲିଛି । ଏହା ନିସନ୍ଦେହ ଯେ, ଧାନ ଏକ ଲାଭଜନକ ଫସଲ ନୁହେଁ । ବନ୍ୟା, ବାତ୍ୟା, ମରୁଡି ଚାଷୀଙ୍କ ଉପରେ ଦାଉ ସାଧୁଥିବାବେଳେ ରାଜ୍ୟରେ ଚାଷ ଜମି କମି କମି ଯାଉଛି । କେବଳ ଏତିକି ନୁହେଁ ଆଜିର ଯୁଗରେ ପିଲା ମାଟ୍ରିକ ପାଶ୍ କରିବା ପରେ ଚାଷ ପ୍ରତି ଆଉ ମନ ବଳାଉ ନାହିଁ । ଚାକିରି ପଛରେ ଗୋଡାଉଛି । ଏପରି ସ୍ଥଳେ ବର୍ଷକର ପରିଶ୍ରମ ଫଳ ତଥା ଅମଳ ବିକ୍ରୀ କରିବାରେ ଅବ୍ୟବସ୍ଥା ହନ୍ତସନ୍ତ, ଦୁର୍ଦ୍ଦଶା ଚାଷୀର ମନୋଭାବ ଭାଙ୍ଗିଯିବା ସହ ଚାଷ ଆହୁରି କମିଯିବା ଆଶଙ୍କାକୁ ଅଣଦେଖା କରାଯାଇନପାରେ । ରାଜ୍ୟରେ ଆବଶ୍ୟକ ପରିମାଣର ଶୀତଳ ଭଣ୍ଡାର ନଥିବାରୁ ଚାଷୀ ତାର ଅନ୍ୟ ଉତ୍ପାଦକୁ ଶାଗମାଛ ଦରରେ ବିକ୍ରି କରିବାକୁ ବାଧ ହେଉଛି । ଚାଷୀ ଦୁନିଆକୁ ଆହର ଯୋଗାଇଥିବାବେଳେ ଚାଷ ପ୍ରତି ତାର ଆଗ୍ରହ, ଉତ୍ସାହ ଓ ମନୋବଳ କମିଲେ, ଖାଦ୍ୟ ସଂକଟ ଦେଖାଦେବା ନିଶ୍ଚିତ । ତେଣୁ ଚାଷୀଙ୍କୁ ଉତ୍ସାହିତ କରିବପାଇଁ ସରକାର ଚାଷୀ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ଆବଶ୍ୟକ ।

ସୌଭାଗ୍ୟ ରଂଜନ ମହାନ୍ତି
ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ ୯୪୩୭୯୯୪୩୭୯




# ଡକ୍ଟରେଟ ଉପାଧି ପାଇଲେ ଜିଲ୍ଲା କ୍ରୀଡା ଅଧିକାରୀ



ବାରିପଦା (ଏନ୍.ଏମ୍.) : ମୟୂରଭଞ୍ଜ ଜିଲ୍ଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ ନିକଟରେ ଡକ୍ଟରେଟ ଉପାଧି ଲାଭ କରିଛନ୍ତି । ସରକାରୀ ଶାରୀରିକ କ୍ରୀଡ଼ା ମହାବିଦ୍ୟାଳୟ, ଭୁବନେଶ୍ବର, ଶାରୀରିକ ଶିକ୍ଷାର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଦେବେନ୍ଦ୍ରନାଥ ବେହେରାଙ୍କ ଦିଗଦର୍ଶନରେ ଶାରୀରିକ ଶିକ୍ଷା ଉପରେ ଗବେଷଣାତ୍ମକ ତଥ୍ୟ ପ୍ରଦାନ କରିବା ପରେ ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ଏହି ଉପାଧି ପ୍ରଦାନ କରିଛି । ଏହି ସଫଳତା ପାଇଁ ସେ ତାଙ୍କ ପିତାମାତା, ପରିବାରବର୍ଗ, କ୍ରୀଡା ଓ ଯୁବ ସେବା ବିଭାଗର ସମସ୍ତ କର୍ମଚାରି, ଡଃ ଅଂଶୁମାନ ମିଶ୍ର ଓ ଡଃ ସଚ୍ଚିଦାନନ୍ଦ ବେହେରା ଓ ବନ୍ଧୁ ମାନଙ୍କୁ ଶ୍ରେୟ ଦେଇଛନ୍ତି । ଖବର ପାଇ ଜିଲ୍ଲା ପ୍ରଶାସନ, କ୍ରୀଡା ବିଭାଗ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ପ୍ରକାଶ ଥାଉକୁ ଶ୍ରୀ ନାୟକଙ୍କ ପ୍ରଚେଷ୍ଟାରେ ବିଭିନ୍ନ ବିଭାଗର ଯୁବ କ୍ରୀଡ଼ାବିତ ମାନେ ରାଜ୍ୟ ଏବଂ ଜାତୀୟ ସ୍ତରରେ ସଫଳତା ହାସଲ କରିପାରିଛନ୍ତି ।

## ସରକରୀ ଅବହେଳାରୁ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କାର୍ଯ୍ୟ ହେଉ ହେଉ ପିଚୁ ଉଠି ଗଲା

# ମନଇଚ୍ଛା ଠିକାଦାରୀ, ମନଇଚ୍ଛା ବେନିୟମ ନିର୍ମାଣ କାର୍ଯ୍ୟ

ମୟୁରଭଞ୍ଜ,ସାରସକଣା, (ଏନ୍.ଏମ୍.): ସାରସକଣା ବ୍ଲକ ରାଜାଲୋକା ପଞ୍ଚାୟତ ର ରାଜାଲୋକା ଉଚ୍ଚ ବିଦ୍ୟାଳୟ ଠାରୁ ରାଜାଲୋକା ଗ୍ରାମ ପର୍ଯ୍ୟନ୍ତ ମରାମତି କାମ ଠେକା ଦିଆଯାଇଛି । ଏହି ରାସ୍ତାର ନିର୍ମାଣ ଶୈଳୀ କୁ ଦେଖି ଗ୍ରାମ ବାସୀଙ୍କ ମନରେ ସଡକର ସ୍ଥାୟିତ୍ୱ ଉପରେ ସନ୍ଦେହ ସୃଷ୍ଟି ହୋଇଥଲା । ଗ୍ରାମବାସୀଙ୍କ କହିବା ମୁତାବକ ରାସ୍ତା ନିର୍ମାଣର କୌଣସି ଫଳକ ଲାଗି ନାହିଁ । ରାସ୍ତାଟି ଏକ ବର୍ଷ ରୁ ଉର୍ଦ୍ଧ୍ୱ ହେବ ଗ୍ରାମ୍ୟ ଉନ୍ନୟନ ବିଭାଗ ରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇ ନୂତନ ଭାବେ ନିର୍ମାଣ ହୋଇଥଲା । କିନ୍ତୁ ରାସ୍ତାଟି ଅନେକାଂଶରେ ନଷ୍ଟ ହୋଇ ଯାଇଥିଲା । ରାସ୍ତା ନିର୍ମାଣ କାର୍ଯ୍ୟ ହେଉ ହେଉ ପିଚୁ ଉଠି ଗଲା । ଗ୍ରାମବାସୀଙ୍କ ଅଭିଯୋଗ ମୁତାବିକ ଠିକାଦାର ଠିକ ଭାବରେ କାମ କରି ନାହିଁ । ରାସ୍ତା ନିର୍ମାଣ ପାଇଁ ସରକାର କୋଟି କୋଟି ଟଂକା ଖର୍ଚ୍ଚ କରୁଥିବା ବେଳେ କିଛି ସରକାରୀ ବାବୁ ମାନେ ଠିକାଦାର ପାଖରେ ନିଜକୁ ବିକ୍ରି କରି ରାସ୍ତାର ମାନକୁ ତଦାରଖ ନକରି ଜନତାଙ୍କ ଭାଗ୍ୟରେ ଛାଡି ଦେଇଥାନ୍ତି । ଏ ବାବଦରେ ବିଭାଗ ସହ ଯୋଗା ଯୋଗ ସମ୍ଭବ ହୋଇ ପାରି ନ ଥିଲା । ଏହି ରାସ୍ତା ନିର୍ମାଣ କାର୍ଯ୍ୟର ତଦନ୍ତ ହେବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ ଦାବି କରୁଛନ୍ତି ।



## ବେଆଇନ ଇଟା ଭାଟି ଉପରେ ଚଢ଼ାଉ

# ଜେ ସି ବି ସାହାଯ୍ୟରେ ଭଙ୍ଗାହେଲା ଲକ୍ଷାଧିକ ଟଙ୍କାର ଇଟା



ଆସିକା(ଏନ୍.ଏମ୍.): ବେଆଇନ ଇଟା ଭାଟି ଉପରେ ଚଢ଼ାଉ କଲା ପ୍ରଶାସନ । ଗଞ୍ଜାମ ଜିଲ୍ଲା ଆସିକା ତହସିଲ ଅନ୍ତର୍ଗତ ଆଲିପୁର, ବାବନପୁର ଓ ନିରାଳ ଗ୍ରାମରେ ଥିବା ୪ଟି ବେଆଇନ ଇଟା ଭାଟି ଉପରେ ଚଢ଼ାଉ କରାଯିବା ସହ ଜେସିବି ସାହାଯ୍ୟରେ ଲକ୍ଷାଧିକ ଟଙ୍କାର ପୋଡ଼ା ଇଟା ଓ ସୁଖା ଇଟା ଭଙ୍ଗା ଯାଇଛି । ଆସିକା ତହସିଲଦାର ସଙ୍ଗୀତା ସେନ ଆଜି ଆସିକାର ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ବେଆଇନ ଇଟା ଭାଟି ଗୁଡ଼ିକୁ ଚିହ୍ନଟ କରିବା ସହ ସେଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଦେଖାଯାଇଛି । ଅତିରିକ୍ତ ତହସିଲଦାର ଓ ପୋଲିସ ପ୍ରଶାସନ ଉପସ୍ଥିତିରେ ଇଟାଭାଟି ଉପରେ ଚଢ଼ାଉ କରି ଇଟାଭାଟି ଗୁଡ଼ିକ ଭାଙ୍ଗିଯାଇଥିବା ବେଳେ ଆଗକୁ ମଧ୍ୟ ବେଆଇନ ଇଟାଭାଟି ଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି କହିଛନ୍ତି ଅତିରିକ୍ତ ତହସିଲଦାର ଅମରେଶ ସାବତ ।

# ମାତିଛନ୍ତି ସାଇବର ଠକ : ଲକ୍ଷାଧିକ ଟଙ୍କା ଲୁଟ ଅଭିଯୋଗ

ନବରଙ୍ଗପୁର (ଏନ୍.ଏମ୍.) : ଜଣେ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଗାଏବ ହେବା ନେଇ ଗୁରୁବାର ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି । ଉକ୍ତ ଏତଲାକୁ ଭିତ୍ତିକରି ଥାନା କେସ୍ ନଂ ୩୮/୨୬ରେ ଏକ ମାମଲା ରୁଜୁ କରାଯାଇଛି । ଥାନାଧିକାରୀ ରଘୁନାଥ ମାଝି ଘଟଣାର ତଦନ୍ତ କରୁଛନ୍ତି । ରାୟଗଡ଼ା ଜିଲ୍ଲା କସ୍ତୁରୀନଗର ସାହିର ଶ୍ରୀନିବାସ ରାଓଙ୍କର ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ସଦରରେ ଏକ ସରକାରୀ ବିଦେଶୀ ମଦ ଦୋକାନ ରହିଛି । ଉକ୍ତ ମଦ ଦୋକାନ ନାମରେ ଡାବୁଗାଁ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଏକ ଖାତା ରହିଛି । ଜାନୁଆରୀ ୨୪ରେ ଶ୍ରୀନିବାସଙ୍କ ମୋବାଇଲକୁ ସିବିଡିସି ନାମରେ ଏକ ମେସେଜ ଆସିଥିଲା । ଉକ୍ତ ମେସେଜ ତଳେ ଥିବା ଏକ ଲିଙ୍କକୁ କ୍ଲିକ୍ କରିବା ପାଇଁ ନିର୍ଦ୍ଦେଶ ଥିଲା । ମେସେଜ ଦେଖିବା ପରେ ଶ୍ରୀନିବାସ ଉକ୍ତ ଲିଙ୍କ୍ ଉପରେ କ୍ଲିକ୍ କରିଥିଲେ । କ୍ଲିକ୍ କରିବା ପରେ ଓଟିପି ଆସିଥିଲା । ଓଟିପି ଦେବା ପରେ ସଙ୍ଗେ ସଙ୍ଗେ ୨୫ ହଜାର ଟଙ୍କା କଟିଥିଲା । ଏହାପରେ ପୁଣି ୨୭ରେ ୨୫ ହଜାର, ୨୮ରେ ୨୫ ହଜାର ଓ ୩୦ ତାରିଖରେ ୫୦ ହାଜର ଟଙ୍କା ମୋଟ ୧ଲକ୍ଷ ୨୫ ହଜାର ଟଙ୍କା ଉକ୍ତ ଏସ୍?ବିଆଇ ଆକାଉଣ୍ଟରୁ କଟିଯାଇଛି । ଏହା ଜାଣିବା ପରେ ଶ୍ରୀନିବାସ ଗୁରୁବାର ଡାବୁଗାଁ ଆସି ବ୍ୟାଙ୍କକୁ ଯାଇ ବୁଝାବୁଝି କରିଥିଲେ । ସେ ସାଇବର ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଏହାପରେ ଶ୍ରୀନିବାସ ଡାବୁଗାଁ ଥାନାରେ ଏତଲା ଦେଇଥିଲେ ।

# ରାଇରଙ୍ଗପୁର ଠାରେ ଅନୁଷ୍ଠିତ ହେଲା ଦିନିକିଆ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା

**ରାଇରଙ୍ଗପୁର(ଏନ୍.ଏମ୍.) :** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ମିଳିତ ସହଯୋଗରେ ଆଜି ରାଇରଙ୍ଗପୁର ବ୍ଲକ ନିକଟସ୍ଥ ରାଇରଙ୍ଗପୁର କଲେଜ ପଡିଆ ଠାରେ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା-୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି.ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଶ୍ରୀ ଆଶିଷ କୁମାର ବସନ୍ତିଆଙ୍କ ତତ୍ତ୍ୱାବଧାନରେ ରାଇରଙ୍ଗପୁରରେ ଅନୁଷ୍ଠିତ ଏହି ନିଯୁକ୍ତି ମେଳାରେ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ତଥା ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମାନ୍ୟବର ସାଂସଦ, ମୟୂରଭଞ୍ଜ (ଲୋକସଭା) ଶ୍ରୀ ନବ ଚରଣ ମାଝୀ, ମାନ୍ୟବର ବିଧାୟକ ରାଇରଙ୍ଗପୁର ଶ୍ରୀ ଜଲେନ ନାଏକ, କଟକ ଆର୍ମି ରିକ୍ରୁଟମେଣ୍ଟ କାର୍ଯ୍ୟାଳୟର ନିର୍ଦ୍ଦେଶକ କର୍ଣ୍ଣେଲ ପି ସି ପ୍ରସନ୍ନା , ବିଜେପିର ବରିଷ୍ଠ ସଦସ୍ୟ ଶ୍ରୀ ନବୀନ କୁମାର ରାମ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ନିୟୋଜନ ଅଧିକାରୀ ଶ୍ରୀ ବସନ୍ତିଆ ନିଯୁକ୍ତି ମେଳାର ଆଭିମୁଖ୍ୟ ବିଷୟରେ ପ୍ରତିପାଦନ କରିବା ସହ ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ . ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ ଯେ ଏହି ନିଯୁକ୍ତି ମେଳା କେବଳ ଏକ ମେଳା ନୁହେଁ, ବରଂ ଏହା ଶିକ୍ଷିତ ବେକାର ଯୁବକ ଯୁବତୀ ମାନଙ୍କ ପାଇଁ ସୁଯୋଗ ଓ ସମ୍ଭାବନାର ଏକ ପ୍ଲାଟଫର୍ମ । ନିଯୁକ୍ତି ଅପେକ୍ଷାରେ ଆଶାୟୀ ପ୍ରାର୍ଥୀମାନେ ଏହି ମେଳାର ପୂର୍ଣ୍ଣ ସୁଯୋଗ ନେଇ ସମ୍ଭାବନାକୁ ବାସ୍ତବତାରେ ପରିଣତ କରି ଆତ୍ମନିର୍ଭର ତଥା ସ୍ୱାବଲମ୍ବୀ ହେବା ପାଇଁ ପରାମର୍ଶ ଦେଇଥିଲେ ।

ଅନ୍ୟାନ୍ୟ ଅତିଥି ବୃନ୍ଦ ନିଯୁକ୍ତି ମେଳାର ବିଭିନ୍ନ ସକାରାତ୍ମକ ଦିଗ ଉପରେ ମତବ୍ୟକ୍ତ କରି କହିଥିଲେ ଯେ,ଯେହେତୁ ଅନେକ ନିଯୁକ୍ତି ଦାତା ଓ ଚାକିରୀ ଆଶାୟୀ ଅନେକ ଯୁବକ ଯୁବତୀ ଉଭୟ ଗୋଟିଏ ସ୍ଥାନରେ ଏକାଠି ହୋଇଛନ୍ତି ସେହି ଦୃଷ୍ଟିରୁ ଚାକିରୀ ଅନ୍ୱେଷଣରେ ଥିବା ପ୍ରତ୍ୟେକ ନିଜ ନିଜ ପସନ୍ଦ ମୁତାବକ ଚାକିରୀ ପାଇବାରେ ଏହି ନିଯୁକ୍ତି ମେଳା ବେଶ ସହାୟକ ହେବ । ଏହି ଅବସରରେ ଅତିଥି ବୃନ୍ଦ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଅନୁବନ୍ଧିତ ଅଭିଷେକ ଏଜୁକେସନ ଟ୍ରେନିଂ ଇନ୍ଷ୍ଟିଚ୍ୟୁଟରୁ ବିଭିନ୍ନ ପ୍ରକାର ତାଲିମ ସମ୍ପୂର୍ଣ୍ଣପରେ ୩୪ ଜଣ ପ୍ରଶିକ୍ଷାର୍ଥୀଙ୍କୁ ଟାଟା ଇଲେକ୍ଟ୍ରନିକ୍ସ କମ୍ପାନୀରୁ ଆସିଥିବା ନିଯୁକ୍ତି ପତ୍ର ବଣ୍ଟନ କରିଥିଲେ । ଉକ୍ତ ନିଯୁକ୍ତି ମେଳାରେ ଜିଲ୍ଲାର ବିଭିନ୍ନ ବ୍ଲକ ଓ ସହରାଞ୍ଚଳରୁ ୫ମ ଶ୍ରେଣୀ ପାସ ଠାରୁ ଦଶମ, ଯୁକ୍ତ ଦୁଇ,ଯୁକ୍ତ ତିନି ଆଇ.ଟି.ଆଇ, ଡିପ୍ଲୋମା ପାସ ଶିକ୍ଷାଗତ ଯୋଗ୍ୟତା ଥିବା ଓ ବୟସ ସୀମା ୧୮ ବର୍ଷରୁ ଉର୍ଦ୍ଧ ହୋଇଥିବା ବହୁ ବେକାର ଯୁବକ ଯୁବତୀ ଅଂଶ ଗ୍ରହଣ କରିଥିଲେ । ଆଜିର ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୬୧ଟି ଅନୁଷ୍ଠାନ ଯୋଗ ଦେଇଥିଲେ ଓ ସମୁଦାୟ ୧୯୬୧ ଜଣ ପଞ୍ଜିକରଣ କରିଥିଲେ । ତନ୍ମଧ୍ୟରୁ ପ୍ରାୟ ୩୫ଗୋଟି ବିଭିନ୍ନ ନିଯୁକ୍ତି ଦାତା ୧୦୨୩ ଜଣଙ୍କୁ ବିଭିନ୍ନ ବର୍ଗରେ ପ୍ଲେସମେଣ୍ଟ ପାଇଁ ଚୟନ କରିଥିବା ବେଳେ ୧୯ଟି ସରକାରୀ ଅନୁବନ୍ଧିତ ଟ୍ରେନିଂ ତଥା ନିଯୁକ୍ତି ଦେଉଥିବା ଅନୁଷ୍ଠାନ ୭୭୪ଜଣ ପ୍ରାର୍ଥୀଙ୍କୁ ତାଲିମ ପ୍ରଦାନ ଓ ତାଲିମ ପ୍ରାପ୍ତ ସମ୍ପୂର୍ଣ୍ଣ ପରେ ପରବର୍ତୀ ନିଯୁକ୍ତି ପାଇଁ ଚୟନ କରିଛନ୍ତି. ସେହିପରି ୭ଗୋଟି ସରକାରୀ ଅନୁଷ୍ଠାନ ୧୪୩ ଜଣଙ୍କୁ ଆତ୍ମ ନିଯୁକ୍ତି ତାଲିମ ଏବଂ ଅନ୍ୟାନ୍ୟ ବୃତ୍ତି ଭିତ୍ତିକ ପରାମର୍ଶ ଓ ଭାରତୀୟ ସୈନ୍ୟ ବାହିନୀରେ ଅଗ୍ନିବୀର ପଦବୀରେ ପଞ୍ଜିକରଣ ପାଇଁ ପରାମର୍ଶ ଦେଇଥିଲେ ବୋଲି ଜିଲ୍ଲା ନିୟୋଜନ ଅଧିକାରୀ, ମୟୁରଭଞ୍ଜଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ବିଜୟ କୁମାର ରାମ ମଞ୍ଚ ସଂଚାଳନ କରିଥିଲେ ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବିକାଶ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ନିୟୋଜନ କାର୍ଯ୍ୟାଳୟର କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ ।




# ଖୁଣ୍ଟା ଡ଼ିଗ୍ରୀ କଲେଜର ବାର୍ଷିକ ଉତ୍ସବ

**ବାରିପଦା (ଏନ୍.ଏମ୍.):** ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଡ଼ିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ୩୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ବିରଭଦ୍ର ସିଂହ , ମୁଖ୍ୟବକ୍ତା ଭାବେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପରିକ୍ଷା ନିୟନ୍ତ୍ରଣ ଡ଼. ସୁବ୍ରତ କୁମାର ରଣା , ସମ୍ମାନୀତ ଅତିଥି ଭାବେ ଖୁଣ୍ଟା ବ୍ଲକର ପୂର୍ବତନ ଅଧ୍ୟକ୍ଷା ତଥା ଆଲୁମିନି ସଭାପତି ପୁଷ୍ପଲତା ମାରଣ୍ଡି , ପରିଚାଳନା କମିଟି ର ପୂର୍ବତନ ସଦସ୍ୟ ଇଂ. ପ୍ରଫୁଲ୍ଲ ମାଝୀ , ଆୟୋଜକ ସମ୍ପାଦକ ଅଧ୍ୟାପିକା ଗୋପା ସିଂ ପ୍ରମୁଖ ଯୋଗ ଦେଇଥିଲେ । ଆଜିର ଛାତ୍ର ସମାଜ ସ୍ୱାମୀ ବିବେକାନନ୍ଦଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ମୁଖ୍ୟଅତିଥି ବିଦ୍ୟାର୍ଥିଙ୍କୁ ପରାମର୍ଶ ଦେଇଥିବା ବେଳେ ମୁଖ୍ୟବକ୍ତା ଡ଼.ରଣା ଛାତ୍ର ଜୀବନରେ ମାର୍କ ସଫଳତାର ମାନଦଣ୍ଡ ନୁହେଁ ବରଂ ଶିକ୍ଷା ସହିତ ଅନ୍ତର୍ନିହିତ ବିକାଶ ଦିଗରେ ସଫଳତା ଓ ମାନବିକତା ହାସଲ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏବଂ ଛାତ୍ର ଜୀବନରେ ସମୟର ଗୁରୁତ୍ୱ ରହିଛି, ଏଣୁ ଏଥିପ୍ରତି ଯତ୍ନବାନ ହେବାକୁ ବିଦ୍ୟାର୍ଥି ମାନଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ଜାତୀୟ ଶିକ୍ଷାନୀତିର ବିଶେଶ୍ୱତ ଉପରେ ଆଲୋକପାତ କରିଥିଲେ । ଏବଂ ଏମଏସସିବି ଅଧିନରେ ମୋଟ ୫୭ ଗୋଟି ମହାବିଦ୍ୟାଳୟ ଥିବା ବେଳେ ସେ ମଧ୍ୟରୁ ଖୁଣ୍ଟା ଡିଗ୍ରୀ କଲେଜ କୁ ମିଶାଇ ୪ଗୋଟି କଲେଜ ନାକ ମାନ୍ୟତା ପାଇଥିବା ବେଳେ ଖୁଣ୍ଟା ଡ଼ିଗ୍ରୀ କଲେଜର ଅଧ୍ୟକ୍ଷ ସମେତ ବିଭିନ୍ନ କର୍ମଚ଼ାରୀମାନଙ୍କୁ ସାଧୁବାଦ ଜଣାଇଥିଲେ । ଏହି ଅବସରରେ ମହାବିଦ୍ୟାଳୟର ପିଏଚଡ଼ି ପାଇଥିବା ଓଡ଼ିଆ ବିଭାଗର ଅଧ୍ୟାପିକା ଡ଼.ହିରଣ୍ମୟୀ ଶତପଥି ,ଜୁଲଜି ବିଭାଗର ଅଧ୍ୟାପିକା ଡ଼.ପ୍ରିୟଦର୍ଶନୀ ଇପଶିତା ଦାସଙ୍କ ସମେତ ଶ୍ରେଷ୍ଠ ଅଧ୍ୟାପିକ ଭାବେ ରାଜନୀତି ବିଜ୍ଞାନର ଅଧ୍ୟାପିକା ଗୋପା ସିଂ ଏବଂ ଶ୍ରେଷ୍ଠ କର୍ମଚ଼ାରୀ ଭାବେ ଆସିଷ୍ଟେଣ୍ଟ ଲାଇବ୍ରେରୀୟାନ ଯୋଗେଶ୍ୱର ମାଝୀ ଓ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବିଜ୍ଞାନ ବିଭାଗର ଛାତ୍ର ପ୍ରାର୍ଥବିର ଗିରିଙ୍କୁ ଅତିଥିଗଣ ଉପଢ଼ୌକନ୍ୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ ପରଲୋକାଗତ ପ୍ରତିଷ୍ଠାତା ସଦସ୍ୟଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ପ୍ରକାଶିତ 'ବନବୀଣା' ପତ୍ରିକାକୁ ଅତିଗଣ ଉନ୍ମୋଚିତ କରିଥିବା ବେଳେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରମୋଦ କୁମାର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଅଧ୍ୟାପିକା ଡ଼. ମଧୁସ୍ମିତା ପାଇନ ଧନ୍ୟବାଦ ଅର୍ପଣ କରିଥିଲେ ।



# ଗୋପପୁର ଅଙ୍ଗନବାଡି ସେକ୍ଟରରେ 'ବାଲ୍ୟ ବିବାହ ମୁକ୍ତ' ଭାରତ ପାଇଁ ୧୦୦ ଦିନିଆ ଅଭିଯାନ

ବଡମ୍ବା(ଏନ୍.ଏମ୍.): ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍କଳ ସେବକ ସମାଜ ଓ ଜଷ୍ଟ ରାଇଟ୍ସ ଫର ଚିଲଡ୍ରେନର ମିଳିତ ସହଯୋଗରେ ବଡମ୍ବା ବ୍ଲକ ଅନ୍ତର୍ଗତ ଗୋପପୁର ଅଙ୍ଗନୱାଡି ସେକ୍ଟରରେ 'ବାଲ୍ୟ ବିବାହ ମୁକ୍ତ ଭାରତ'ପାଇଁ ୧୦୦ ଦିନିଆ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି । ଉକ୍ତ କାର୍ଯ୍ୟକ୍ରମକୁ ଏ.ଟୁ.ଜେ. ପ୍ରକଳ୍ପ ର ଶିଶୁ ଅଧିକାର କର୍ମୀ ଚିନ୍ମୟ ଗୋଛି ସଂଯୋଜନା କରିଥିଲେ । ରାଜ୍ୟର ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ସେବକ ସମାଜ ଦୀର୍ଘ ଛତିଶ ବର୍ଷର ତୃଣମୂଳ ଅଭିଜ୍ଞତା ଓ ଜନସମ୍ପର୍କକୁ ଆଧାର କରି ବାଲ୍ୟବିଭାହ ମୁକ୍ତ ଭାରତ ଅଭିଯାନକୁ ସଫଳ କରିବା ପାଇଁ ଦୀର୍ଘ ଦୁଇ ବର୍ଷ ହେବ ବହୁବିଧ କାର୍ଯ୍ୟକ୍ରମ ସଂଗଠିତ କରି ଆସୁଅଛି । ଜାତୀୟ ଅନୁଷ୍ଠାନ ଆକସେସ ଟୁ ଜଷ୍ଟିସ କାର୍ଯ୍ୟକ୍ରମର ପ୍ରମୁଖ ସହଯୋଗୀ ଭାବେ ଆଶା ଅଙ୍ଗନବାଡି କର୍ମୀ, ଆଇ ସି ଡ଼ି ଏସ ସୁପର ଭାଇଜର, ପଂଚାୟତ ନିର୍ବାଚିତ ପ୍ରତିନିଧି ମାନଙ୍କୁ ତାଲିମ ପ୍ରଦାନ,ଶିକ୍ଷାନୁଷ୍ଠାନ ରେ ଶପଥ ପାଠ, ସାମଗ୍ରିକ ଜନସଚେତନତା,ପୀଡ଼ିତାଙ୍କୁ ଆଇନ ସହାୟତା ଆଦି କାର୍ଯ୍ୟକ୍ରମ ଆୟୋଜନ କରି ଆସୁଛି । ଗୋପପୁର ଏବଂ ଗୋପୀନାଥପୁର ସେକ୍ଟରର ମଣ୍ଡଳ ପରିଦର୍ଶିକା ବିନୋଦିନୀ ବେହେରା କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ଗୋପପୁର ସେକ୍ଟରର ସମସ୍ତ ଅଙ୍ଗନୱାଡିକର୍ମୀ ଉପସ୍ଥିତ ଥିଲେ । ଶିଶୁ ଅଧିକାର କର୍ମୀ ଶ୍ରୀ ଗୋଛି ବାଲ୍ୟ ବିବାହ ନିଷେଧ ଅଧିନୀୟମ - ୨୦୦୬ ଏବଂ ପକ୍ସୋ ଆକ୍ଟ -୨୦୧୨ ବିଷୟରେ ଅବଗତ କରିଥିଲେ । ବଡମ୍ବା ବ୍ଲକକୁ ବାଲ୍ୟ ବିବାହ ମୁକ୍ତ ବ୍ଲକ ଗଠନ କରିବା ପାଇଁ ଗୋପପୁର ସେକ୍ଟର ସମସ୍ତ ଅଙ୍ଗନୱାଡି କର୍ମୀ ଶପଥ ପାଠ କରିଥିଲେ । ଉପସ୍ଥିତ ସମସ୍ତ ଅଙ୍ଗନୱାଡି କର୍ମୀ ବାଲ୍ୟ ବିବାହ ରୋକିବା ଦିଗରେ ସ୍ଲୋଗାନ ଦେବା ସହିତ ଚାଇଲଡ ହେଲ୍ପ ଲାଇନ ୧୦୯୮ ବିଷୟରେ ଆଲୋଚନା କରାଯାଇଥିଲା । ବ୍ଲକରେ ପିଲାଙ୍କ ପାଇଁ ଦିନଟିଏ, ବେଟି ବଢ଼ାଅ ବେଟି ବଚାଓ, ଅଦ୍ୱିକା ଆଦି କାର୍ଯ୍ୟକ୍ରମ କରାଯାଉଛ । ଆଗାମୀ ଦିନରେ ବିଦ୍ୟାଳୟ,ମହାବିଦ୍ୟାଳୟ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ୟୁଥ କ୍ଲବ, ମନ୍ଦିରର ପୂଜକ ଏବଂ ସମସ୍ତ କିଶୋର କିଶୋରୀ ମାନଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ କରାଯିବ ।




# ମାଲକାନଗିରି ବ୍ଲକରେ 'ପ୍ରବଧନ' ତାଲିମ କାର୍ଯ୍ୟକ୍ରମ

ମାଲକାନଗିରି(ଏନ୍.ଏମ୍.): ୫୫ ଗୋଟି ନୂତନ ପାଠ୍ୟ ପୁସ୍ତକ ତଥା ଓଡ଼ିଶା ପାଠ୍ୟକ୍ରମ ରୂପରେଖ ,ଜାତୀୟ ଶିକ୍ଷାନୀତି ର ମୌଳିକ ନୀତି ଓ ଲକ୍ଷ୍ୟ ଉପରେ, ମାଲକାନଗିରି ବ୍ଲକ ରେ ପ୍ରବୋଧନ ତାଲିମ କାର୍ଯ୍ୟକ୍ରମ ପାଞ୍ଚଟି ପର୍ଯ୍ୟାୟ ରେ ତା ୨୭/୦୧/୨୬ ଠାରୁ ଆରମ୍ଭ ହୋଇ ଆଜି ତା ୨୭ ତାରିଖରେ ସଫଳତାର ସହ ସମାପ୍ତ ହୋଇଛି । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭାଗିରଥୀ ବେହେରା ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ମମତା ସଏ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌରାଙ୍ଗ ସଜ୍ଜନ ପରିଚାଳନା କରିଥିଲା ବେଳେ, ସାଧନ କର୍ମୀ ସୁକାନ୍ତ କୁମାର ସାହୁ,ପ୍ରମୋଦ କୁମାର ସେନାପତି , ରାମ ପ୍ରସାଦ ପାଢ଼ୀ ଓ ବିଜୟ କୁମାର ମିସ୍ତ୍ରୀ ତାଲିମ ପ୍ରଦାନ କରିଥିଲେ । ପ୍ରତି ପର୍ଯ୍ୟାୟରେ ୧୦୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଭାଗ ନେଇଛନ୍ତି । ସ୍ଥାନୀୟ ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ତାଲିମ ପ୍ରଦାନ କରାଯାଇଥିଲା । ସମସ୍ତ ପ୍ରଶିକ୍ଷାର୍ଥୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ବର୍ତ୍ତମାନ ଯାଏଁ ୫୦୦ ଜଣ ତାଲିମ ନେଇଥିବା ବେଳେ, ବାର୍ଷିକ ପରୀକ୍ଷା ପରେ ଆସନ୍ତା ମାର୍ଚ୍ଚ ୧୬ ତାରିଖ ଠାରୁ ବଳକା ୨୦ଜଣ ତାଲିମ ନେବାର କାର୍ଯ୍ୟକ୍ରମ ରହିଛି ।



# ଭାରତୀୟ ଜନତା ପାର୍ଟି ଗଞ୍ଜାମ ଜିଲ୍ଲାର ପ୍ରଶିକ୍ଷଣ ଶିବିର

ବ୍ରହ୍ମପୁର(ଏନ୍.ଏମ୍.) : ବ୍ରହ୍ମପୁର ସ୍ଥିତ,ଗଞ୍ଜାମ ଜିଲ୍ଲା ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟ ରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬ ଜିଲ୍ଲା ଯୋଜନା ବୈଠକ ଅନୁଷ୍ଠିତ । ଉକ୍ତ ଅଭିଯାନ ର ସମସ୍ତ କାର୍ଯ୍ୟ କିପରି ସୂଚାରୁ ରୂପେ ସମ୍ପାଦନ ହେବ ତାହା ବିଷୟ ରେ ଆଲୋଚନା ହୋଇଥିଲା । ଏହି ବୈଠକ ରେ ଭାରତୀୟ ଜନତା ପାର୍ଟି ର ରାଜ୍ୟ ସାଧାରଣ ସମ୍ପାଦକ ତଥା ଗଞ୍ଜାମ ଜିଲ୍ଲା ପ୍ରଭାରୀ ଶାରଦା ପ୍ରସାଦ ଶତପଥି ପରିବହନ,ବାଣିଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା , ବିଧାୟକ ବ୍ରହ୍ମପୁର କେ. ଅନୀଲ କୁମାର, ବିଧାୟକ ଛତ୍ରପୁର କୃଷ୍ଣଚନ୍ଦ୍ର ନାୟକ ,ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ ଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ମାନେ ଯୋଜନା ବୈଠକ ରେ ଯୋଗ ଦେଇଥିଲେ ।

ଜିଲ୍ଲା ସଭାପତି ଶ୍ରୀ ସାବତ ଜିଲ୍ଲା ର ସମସ୍ତ କାର୍ଯ୍ୟକର୍ତ୍ତା ଙ୍କୁ ଏକ ମନ ଏକ ଧ୍ୟାନ ରେ ଦଳ କୁ ସୁଦୃଢ଼ କରିବା ପାଇଁ ଆଜି ଠୁ କାର୍ଯ୍ୟ କରିବାକୁ ପଡିବ ବୋଲି ପ୍ରକାଶ କରିଥିଲେ । ଏହି ପ୍ରଶିକ୍ଷଣ ଶିବିର ରେ ବୁତ ରୁ ମଣ୍ଡଳ ଓ ମଣ୍ଡଳ ରୁ ଜିଲ୍ଲା ସ୍ତରରେ ସମସ୍ତ କାର୍ଯ୍ୟକର୍ତ୍ତା କିପରି ସୁଦୃଢ ହୋଇ ଆଗାମୀ ଦିନରେ ଦଳକୁ ମଜବୁତ କରିବେ ତାହା ମଂଚାସୀନ ଅତିଥି ମାନେ ଉପସ୍ଥିତ କାର୍ଯ୍ୟକର୍ତ୍ତା ଙ୍କୁ ପୁଙ୍ଖାନୁ ପୁଙ୍ଖ ବୁଝାଇଥିଲେ ଏହି ବୈଠକ ରେ ବ୍ରହ୍ମପୁର ର ସମସ୍ତ ମଣ୍ଡଳ ସଭାପତି,ମହିଳା ମୋର୍ଚ୍ଚା,ଯୁବ ମୋର୍ଚ୍ଚା,ଏସ ସି ମୋର୍ଚ୍ଚା ଏସ ଟି ମୋର୍ଚ୍ଚା,ଜିଲ୍ଲା ସ୍ତରୀୟ ସମସ୍ତ କାର୍ଯ୍ୟକର୍ତ୍ତା,ଙ୍କ ସମେତ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଜେନା ନିଜ ବ୍ୟକ୍ତବ୍ୟ ରେ ପ୍ରକାଶ କରିଥିଲେ ଯେ ଦଳ ରେ କାର୍ଯ୍ୟକର୍ତ୍ତା ହିଁ ସଙ୍ଗଠନ ର ମୂଳ ପିଣ୍ଡ । ବିଧାୟକ ଶ୍ରୀ କେ ଅନିଲ କୁମାର ପ୍ରକାଶ କରିଥିଲେ ଯେ ଆଗାମୀ ଦିନରେ ହେବାକୁ ଥିବା ପଂଚାୟତ,ଏନ ଏ ସି,ପୌର ନିଗମ ନିର୍ବାଚନ ରେ କାର୍ଯ୍ୟକର୍ତ୍ତା ଙ୍କ ଭୂମିକା ମହତ ପୂର୍ଣ୍ଣ ହେବ ଏଣୁ ସମସ୍ତ କାର୍ଯ୍ୟକର୍ତ୍ତା ବୁତ ଓ ମଣ୍ଡଳ ରେ ନିଜ ନିଜର କାର୍ଯ୍ୟକର୍ତ୍ତା ଙ୍କୁ ସାଙ୍ଗରେ ଏକ ମନ ଏକ ଧ୍ୟାନ ଦେଇ ଦଳ ପାଇଁ କାର୍ଯ୍ୟ କରିବା ।






# ଆଞ୍ଚଳିକ

### ଛୁଆଁଅଛୁଆଁ ଭେଦଭାବ ଯୋଗୁଁ ପଞ୍ଚମ ଶ୍ରେଣୀ ଦଳିତ ଛାତ୍ରଙ୍କ ମୃତ୍ୟୁ

## କୋଟିଏ ଟଙ୍କା ଆର୍ଥିକ କ୍ଷତିପୂରଣ ଦାବି




**ନୟାଗଡ଼(ଏନ୍.ଏମ୍.) :** ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ବେଲପଡାପାଟଣା ନୋଡାଲ ୟୁପି ସ୍କୁଲ ପଞ୍ଚମ ଶ୍ରେଣୀ ଛାତ୍ର ଭୋଳାନାଥ ମଲ୍ଲିକକୁ ଛୁଆଁଅଛୁଆଁ ଭେଦଭାବ ଆଧାରରେ ସ୍କୁଲ ପାଇଖାନା ବ୍ୟବହାର ପାଇଁ ଅନୁମତି ନଦେବା ଯୋଗୁଁ ସମ୍ପୃକ୍ତ ଛାତ୍ର ସ୍କୁଲ ପରିସର ବାହାରକୁ ଶୌଚ ଫେରିବା ପାଇଁ ଯାଇ ଏକ ଚୁଆରେ ବୁଡି ମରିଯିବା ଘଟଣା ସମଗ୍ର ଗଣିଆ ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ବିଶ୍ୱସନିୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା, ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧକ୍ଷ ମାନସ କୁମାର ମଲ୍ଲିକ ଆଜି ନୟାଗଡ଼ ଠାରେ ସାମ୍ବାଦିକ ସମ୍ମିଳନୀରେ ଘଟଣାକୁ ନିନ୍ଦା କରିଛନ୍ତି । ତିନି ସପ୍ତାହ ବିତି ଯାଇଥିଲେ ମଧ ଗଣିଆ ପୋଲିସ ମୃତକ ପରିବାରକୁ ନ୍ୟାୟ ଦେବାରେ ବିଫଳ ହୋଇଥିବା ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ କହି ଛନ୍ତି । ଦାୟିତ୍ୱରେ ଗୁରୁତର ଅବହେଳା କରିଥିବା ପ୍ରଧାନ ଶିକ୍ଷୟତ୍ରୀ ଏବଂ ଶ୍ରେଣୀ ଶିକ୍ଷୟତ୍ରୀଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ କେବଳ ନିଲମ୍ବନ କରିଥିବା ବେଳେ ସେମାନଙ୍କ ବିରୁଦ୍ଧରେ ଉଚିତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ପଛରେ ରାଜନୈତିକ ଲିଙ୍କ ଥିବା କଂଗ୍ରେସ ଅଭିଯୋଗ କରିଛି । ଶ୍ରେଣୀ ଶିକ୍ଷୟତ୍ରୀ ସ୍ଥାନୀୟ ବ୍ଲକ ଉପାଧକ୍ଷଙ୍କ ପତ୍ନୀ ଏବଂ ଦଶପଲ୍ଲା ବିଧାୟକଙ୍କ ପାଖଲୋକ ଏବଂ ପ୍ରଧାନ ଶିକ୍ଷୟତ୍ରୀ କନ୍ଧମାଳ ସାଂସଦ ଲିଙ୍କ ଥିବାରୁ ଗଣିଆ ଥାନା ଏବଂ ଖଣ୍ଡପଡା ଏସଡ଼ିପିଓ ଉଭୟଙ୍କୁ ଗିରଫ କରିବା ପାଇଁ ସାହସ ଜୁଟାଇ ପାରୁ ନାହାଁନ୍ତି ଏବଂ ଏହି ଉଭୟ ଶିକ୍ଷୟତ୍ରୀ ରାଜନୀତି ଲିଙ୍କରେ ସେହି ବିଦ୍ୟାଳୟରେ ପ୍ରାୟ ୧୫ ବର୍ଷରୁ ଉର୍ଦ୍ଧ୍ୱ ରହିଥିବା ଜିଲ୍ଲା କଂଗ୍ରେସ ସଭାପତି ଅଭିଯୋଗ କରିଛନ୍ତି । ମୃତକ ଭୋଳା ତା ପିତାମାତାଙ୍କ ଏକମାତ୍ର ପୁତ୍ର ସନ୍ତାନ ହୋଇ ଥିବାରୁ ତାର ପିତାମାତାଙ୍କ ସାହାରା ପାଇଁ ଅନ୍ୟୁନ ଏକ କୋଟି ଟଙ୍କା ଆର୍ଥିକ ଅନୁଦାନ ଆମ ରାଜ୍ୟର ଆଦିବାସୀ ମୁଖ୍ୟମନ୍ତ୍ରୀ ପ୍ରଦାନ କରିବା ସହ ମୃତକର ଭଉଣୀଙ୍କୁ ସରକାରୀ ଚାକିରୀ ନିଯୁକ୍ତି ପାଇଁ କଂଗ୍ରେସ ପ୍ରତିନିଧି ଦଳ ଜିଲ୍ଲାପାଳ ମଧୁମିତା ରଥଙ୍କୁ ସାକ୍ଷାତ କରି ଦାବି କରିଛନ୍ତି । ଆଗାମୀ ବିଧାନସଭା ଅଧିବେଶନରେ ଏ ସମ୍ପର୍କରେ କଂଗ୍ରେସ ଦଳ ତାରକା ପ୍ରଶ୍ନ ମାଧମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି କୁହାଯାଇଛି । ଦଳର ପରବର୍ତ୍ତୀ କାର୍ଯ୍ୟପନ୍ଥା ପିସିସି ସଭାପତିଙ୍କ ନିର୍ଦ୍ଦେଶ ଅନୁସାରେ ନିର୍ଦ୍ଧାରଣ କରାଯିବ ବୋଲି ଜିଲ୍ଲା ସଭାପତି ଶ୍ରୀ ଦାଶ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧକ୍ଷ ମାନସ କୁମାର ମଲ୍ଲିକ, ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ, ଡିସିସି ଉପସଭାପତି ତଥା ତଥ୍ୟ ଅନୁସନ୍ଧାନକାରୀ ଦଳ ଅଧକ୍ଷ ବିନୋଦିନୀ ମହାନ୍ତି, ଡିସିସି ଉପସଭାପତି ଫକୀର ଚରଣ ମଲ୍ଲ, ବିଭୁପ୍ରସାଦ ମିଶ୍ର, ଡିସିସି ସାଧାରଣ ସମ୍ପାଦକ ଲଡୁକେଶ୍ୱର ଷଡ଼ଙ୍ଗୀ ଏବଂ ଗଣିଆ ବ୍ଲକ କଂଗ୍ରେସ ସଭାପତି ହାଲିମ ଖାଁ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରାଞ୍ଜନ ସାହୁ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

### ଜିଲା ଯୁବ କଂଗ୍ରେସ ତରଫରୁ କେନ୍ଦ୍ର ସରକାରଙ୍କ ବିରୋଧରେ

## ଆନ୍ଦୋଳନ ଓ କୁଶପୁତ୍ତଳିକା ଦାହ




ବାରିପଦା(ଏନ୍.ଏମ୍.) : ଓଡିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ମୟୂରଭଞ୍ଜ ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ନାଜିରଉଲ ହକ୍‌ଙ୍କ ନେତୃତ୍ୱରେ ଗୁରୁବାର ଦିନ ବାରିପଦା ସହର ମୁଖ୍ୟ ମାର୍କେଟ ଟ୍ରାଫିକଛକ ଠାରେ ମିଥ୍ୟା ଦେଶଦ୍ରୋହୀ ଆଖ୍ୟା ଦିଆଯାଇ ଗିରଫ କରାଯାଇଥିବା ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଉଦୟ ଭାନୁ ଚିବ୍ ଏବଂ ଯୁବ କଂଗ୍ରେସ କର୍ମୀଙ୍କୁ ତୁରନ୍ତ ଖଲାସ କରିବାକୁ ଦାବି ଜଣାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ତତ୍‌ସହିତ ମୋଦୀ ସରକାରଙ୍କ ବିରୋଧରେ ନାନା ସ୍ଲୋଗାନ ଦିଆଯିବା ସହିତ ନରେନ୍ଦ୍ର ମୋଦୀ ଓ ଅମିତ ଶାହା ଉଭୟଙ୍କର କୁଶପୁତ୍ତଳିକା ଯୁବ କଂଗ୍ରେସ କର୍ମୀଙ୍କ ପକ୍ଷରୁ ମଧ ଦାହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲା ଯୁବ କଂଗ୍ରେସର ହରିହର ସାହୁ, ଅବିନାଶ ଖିଲାର, ହିମାଂଶୁ ବାରିକ, ବିଶ୍ୱଜିତ ବାରିକ, ସେକ ଆଫତାବ ଅଲ୍ଲୀ, ଆଲୋକ ବେହେରା ପ୍ରମୁଖ ବହୁ ସଂଖ୍ୟାରେ ସାମିଲ ହୋଇ ଆଗାମୀ ଦିନରେ କୃଷକ ଓ ଯୁବ ବିରୋଧୀ କେନ୍ଦ୍ର ସରକାରଙ୍କୁ ବ୍ଲକ ଓ ଜିଲାସ୍ତରରେ ଦୃଢ ବିରୋଧ କରାଯିବ ବୋଲି ମଧ ଘୋଷଣା କରିଥିଲେ ।

## ଜିଲ୍ଲାରେ ମୋଟ ୧୯୮୧୬ ମାଟ୍ରିକ୍ ପରୀକ୍ଷା ଦେଲେ

କେନ୍ଦ୍ରାପଡା(ଏନ୍.ଏମ୍.) : ଫେବୃୟାରୀ ୧୯ ତାରିଖ ଠାରୁ ରାଜ୍ୟରେ ମେଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଯାଇଛି ଏହା ଆସନ୍ତା ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ବୋର୍ଡ ଅଫ ସେକେଣ୍ଡାରୀ ହାଇସ୍କୁଲ ସାର୍ଟିଫିକେଟ ପାଇଁ ଚଳିତ ଶିକ୍ଷାବର୍ଷ ୨୦୨୬ ରେ କେନ୍ଦ୍ରାପଡା ଜିଲ୍ଲାରେ ୧୯୨୨୮ ଜଣ ରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ବେଳେ ୫୦ ଜଣ ଏକ୍ସ ରେଗୁଲାର, ୨୩୧ ଜଣ ସଂସ୍କୃତ ଟୋଲ୍, ୨୯୪ ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟ ନିମନ୍ତେ ସମୁଦାୟ ୧୯୮୧୬ ଜଣ ପରୀକ୍ଷାର୍ଥୀ ଜିଲ୍ଲାର ବିଭିନ୍ନ କେନ୍ଦ୍ରରେ ନିଜର ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି । ୯ ଗୋଟି ନୋଡାଲ ସେଣ୍ଟର ଅଧୀନରେ ୧୧ ଗୋଟି ସଂସ୍କୃତ ଟୋଲ୍, ୨ ଗୋଟି ରାଜ୍ୟ ମୁକ୍ତ ବିଦ୍ୟାଳୟ କେନ୍ଦ୍ରରେ ଏହିପରି ମୋଟ ୧୦୫ ଗୋଟି କେନ୍ଦ୍ରରେ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା କରାଯାଇଛି ।

## କାହାକୁ ବାର ଲାଇସେନ୍‌ସ ଦିଆଯାଇଛି ସ୍ପଷ୍ଟକରିବାକୁ ବିଧାୟିକାଙ୍କ ପ୍ରଶ୍ନ



**ବାଙ୍ଗିରିପୋଷି(ଏନ୍.ଏମ୍.) :** ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ବାର୍ ଲାଇସେନ୍ସ ଦର୍ଶାଇ ବହୁ ହୋଟେଲରେ ବେଆଇନ ମଦ ବିକ୍ରି ହେଉଛି ବୋଲି ଅଭିଯୋଗ କରିବା ସହ କାହାକୁ ବାର ଲାଇସେନ୍ସ ପ୍ରଦାନ କରାଯାଇଛି ବୋଲି ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ ବିଧାନସଭା ରେ ପ୍ରଶ୍ନ ପଚାରି ଥିବା ଜଣାଯାଇଛି । ଏହାଛଡ଼ା ସରକାରୀ ସ୍ୱୀକୃତିପ୍ରାପ୍ତ ଠିପିବନ୍ଦ ବିଦେଶୀ ମଦ ଦୋକାନ ଠିପିଖୋଲା ବାର ପାଲଟିଛି ବୋଲି ବିଧାୟକା ଦୃଷ୍ଟି ଆକର୍ଷଣ କରିଥିଲେ । ଏହାର ଉତ୍ତର ରଖି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ରାସ୍ତା କଡ଼ରେ ଥିବା କୌଣସି ହୋଟେଲ କିମ୍ବା ଏପରି ଠିପିବନ୍ଦ ମଦ ଦୋକାନରେ ବାର ଲାଇସେନ୍ସ କେଉଁଠି ଉଲଂଘନ ହେଉଥିବାର ଅଭିଯୋଗ ଆସେ, ତେବେ ନିଶ୍ଚିତ ଭାବେ ସରକାର ନିୟମ ଉଲ୍ଲଙ୍ଘନ କରୁଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଆସନ୍ତା ୧୪ ମାର୍ଚ୍ଚରେ ଜାତୀୟ ଲୋକ ଅଦାଲତ

**ବ୍ରହ୍ମପୁର(ଏନ୍.ଏମ୍.) :** ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଗଞ୍ଜାମ, ବ୍ରହ୍ମପୁର ଓ ଜିଲ୍ଲାର ସମସ୍ତ ତାଲୁକ୍ ଆଇନ ସେବା କମିଟି ସ୍ତରରେ ଆସନ୍ତା ତା ୧୪.୦୩. (ଶନିବାର) ଦିନ ଜାତୀୟ ଲୋକ ଅଦାଲତ ଆୟୋଜିତ ହେବ । ଏହି ଜାତୀୟ ଲୋକ ଅଦାଲତକୁ ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା) ଓ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶାନୁସାରେ ଆୟୋଜନ କରାଯାଉଛି । ଏହି ଜାତୀୟ ଲୋକ ଅଦାଲତରେ ଦାଖଲ ହୋଇଥିବା ଓ ପ୍ରି-ଲିଟିଗେସନ୍ ମାମଲାମାନଙ୍କୁ ସମ୍ମତି ଭିତ୍ତିକ ଭାବରେ ସମାଧାନ କରାଯିବ । ବିଦ୍ୟୁତ ବିଲ୍, ବ୍ୟାଙ୍କ ଋଣ ଆଦାୟ, ମୋଟର ଦୁର୍ଘଟଣା ଦାବି ମାମଲା, ବିବାହିକ ବିବାଦ, ଚେକ୍ ବାଉନ୍ସ ମାମଲା, ଶ୍ରମ ବିବାଦ, ରାଜସ୍ୱ ମାମଲା ସହିତ ବିଭିନ୍ନ ପ୍ରକାରର ସମ୍ମତିଯୋଗ୍ୟ ମାମଲାମାନଙ୍କୁ ଶୀଘ୍ର, ସହଜ ଓ ନିଶୁଳ୍କ ଭାବେ ନିର୍ଣ୍ଣୟ କରାଯିବ । ଲୋକ ଅଦାଲତରେ ମାମଲା ନିର୍ଣ୍ଣୟ ହେଲେ ଆପିଲ୍ ଶୁଳ୍କ ନାହିଁ ଓ କୋର୍ଟ ଫି ଫେରସ୍ତ ପାଇବାର ବ୍ୟବସ୍ଥା ରହିଛି । ଏହା ଦ୍ୱାରା ସମୟ ଓ ଧନର ସଞ୍ଚୟ ସହିତ ଦୁଇପକ୍ଷୀୟ ସମ୍ମତିରେ ବିବାଦର ସମାଧାନ ସମ୍ଭବ ହୁଏ । ସାଧାରଣ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି ଯେ, ଯେକୌଣସି ଚାଲୁଥିବା କିମ୍ବା ପ୍ରି-ଲିଟିଗେସନ୍ ମାମଲାକୁ ଜାତୀୟ ଲୋକ ଆଦାଲତରେ ରଖି ସମାଧାନ କରିବା ପାଇଁ ସମ୍ବନ୍ଧିତ ଅଦାଲତ କିମ୍ବା ଡିଏଲଏସଏ/ଟିଏଲଏସସି କାର୍ଯ୍ୟାଳୟ ସହିତ ସମ୍ପର୍କ ପାଇଁ ଡିଏଲଏସଏ, ଗଞ୍ଜାମ ପକ୍ଷରୁ ସମସ୍ତଙ୍କୁ ଅନୁରୋଧ କରାଯାଉଛି ।

## ଲାଞ୍ଜିବେର୍ଣ୍ଣା ଖଣି ଅଧିଗ୍ରହଣକୁ ବିରୋଧ

ରାଉରକେଲା(ଏନ୍.ଏମ୍.) : ରାଜଗାଙ୍ଗପୁର ବ୍ଲକ ଲାଞ୍ଜିବେର୍ଣ୍ଣା ଚୂନପଥର ଖଣି ଜମି ଅଧିଗ୍ରହଣକୁ ନେଇ ସ୍ଥାନୀୟ ଲୋକ ଓ ଜମିହରା ରୋଷର ଶିକାର ହେବାକୁ ଯାଉଛି ସ୍ଥାନୀୟ ପ୍ରଶାସନ । ଏହାକୁ ନେଇ ଆନ୍ଦୋଳନ ଜାରି ରହିଥିବାବେଳେ ପୋଲିସ ୧୪ଜଣଙ୍କୁ ଅଟକ ରଖିଛି । ଗୁରୁବାର ଦିନ ହଜାର ହଜାର ଅଧିବାସୀ ଜମି ଅଧିଗ୍ରହଣ ସ୍ଥାନରେ ଏକଜୁଟ ହୋଇ ଜମି ଅଧିଗ୍ରହଣ ସ୍ଥାନରେ ସ୍ଲୋଗାନ ଦେଇ ଆନ୍ଦୋଳନ ଚଳାଇଛନ୍ତି । ଆମେ ଯଦି ଜମି ବିକିବୁ ତାହେଲେ ତାର କାଗଜ ପତ୍ର ସମସ୍ତଙ୍କ ସାମନାରେ ଦେଖାଯାଉ ଆମେ ଏଠୁ ଚାଲିଯିବୁ । କିନ୍ତୁ ପ୍ରଶାସନ ସେମାନଙ୍କ ଦାବିକୁ ନ ମାନି ଜମି ଅଧିଗ୍ରହଣ ଚଳାଇଛି । ସ୍ଥାନୀୟ କିଛି ରାଜନୈତିକ ନେତାଙ୍କୁ କୁତ୍ରା ଥାନାରେ ଅଟକ ରଖିବା ପରେ ଉତ୍ତେଜନା ବଢି ଯାଇଛି । ସ୍ଥାନୀୟ ବିଧାୟକ ଡ.ରାଜନ ଏକ୍କା ପହଞ୍ଚି ପ୍ରଶାସନ ଏବଂ ଲୋକମାନଙ୍କ ସହ ଆଲୋଚନା କରିଥିଲେ । ବିଜେଡି ନେତା ବେନେଡିକ୍ ଟିର୍କୀଙ୍କୁ ପୋଲିସ ବୁଧବାର ଠାରୁ ଅଟକ ରଖିଛି । ବିଜେଡି ଓ କଂଗ୍ରେସ ଦଳ ଆମେ ଲୋକଙ୍କ ସହ ଅଛୁ ବୋଲି ସାନ୍ତ୍ୱନା ଦେଇଛନ୍ତି । ସ୍ଥାନୀୟ ଜମିହରା ଲୋକମାନଙ୍କ ସମର୍ଥନ ପାଇଂ ବିଭିନ୍ନ ସ୍ଥାନରୁ ଆଦିବାସୀମାନେ ଆସି ଏକତ୍ରୀତ ହୋଇଛନ୍ତି ।

## ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତିଙ୍କୁ ଅଗଣତାନ୍ତ୍ରିକ ଭାବେ ଗିରଫ ପ୍ରତିବାଦରେ ଯୁବ କଂଗ୍ରେସର ବିକ୍ଷୋଭ



ଭୁବନେଶ୍ୱର(ଏନ୍.ଏମ୍.) : ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଉଦୟଭାନୁ ଚିବ୍‌ଙ୍କୁ ଦିଲ୍ଲୀ ପୋଲିସର ଗିରଫ ପ୍ରତିବାଦରେ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ମାଷ୍ଟରକ୍ୟାଂଟିନ ଛକଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହାଙ୍କର କୁଶପୁତଳିକା ଦାହ କରି ପ୍ରତିବାଦ ଜଣାଇଛନ୍ତି । ଏହି ପରିପ୍ରେକ୍ଷୀରେ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ କଂଗ୍ରେସ ଭବନଠାରୁ ଏକ ରାଲିରେ ବାହାରି ମାଷ୍ଟରକ୍ୟାଂଟିନ ଛକଠାରେ ପହଞ୍ଚି ପ୍ରତିବାଦ କରିଥିଲେ । ଯୁବ କଂଗ୍ରେସର କର୍ମୀମାନେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଯେ ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତିଙ୍କୁ ଦିଲ୍ଲୀ ପୋଲିସ ବିଜେପି ସରକାରଙ୍କ ପ୍ରରୋଚନାରେ ହିନ ରାଜନୈତିକ ଉଦ୍ଦେଶ୍ୟ ରଖି ଅଗଣତାନ୍ତ୍ରିକ ଭାବେ ଗିରଫ କରିଛି । ଏହା ପୂର୍ବରୁ ମଧ ଶାନ୍ତିପୂର୍ଣ୍ଣଭାବେ ପ୍ରତିବାଦ କରୁଥିବା ଯୁବ କଂଗ୍ରେସର କାର୍ଯ୍ୟକର୍ତ୍ତାଙ୍କୁ ଦିଲ୍ଲୀ ପୋଲିସ ଗିରଫ କରି ଜେଲ ହାଜତକୁ ପଠାଇଛି । ରାଷ୍ଟ୍ରୀୟ ସଭାପତି ଦେଶର ଯୁବକ ଯୁବତୀ ଏବଂ କୃଷକମାନଙ୍କର ଅଧିକାର ପାଇଁ ଲଢ଼େଇ କରିଆସୁଛନ୍ତି । କେନ୍ଦ୍ରର ମୋଦି ସରକାର ଏବେ ସଂପୂର୍ଣ୍ଣଭାବରେ ଆମେରିକା ପାଖରେ ନିଜକୁ ସମର୍ପଣ କରିଦେଇଛି । ଆମେରିକା ସହ ଟ୍ରେଡିଂ କରି ଦେଶର ଅର୍ଥନୀତି ସହ ଦେଶର କୃଷିକ୍ଷେତ୍ର ଏବଂ ବ୍ୟବସାୟ କ୍ଷେତ୍ରକୁ ସଂକଟକୁ ଠେଲି ଦେଇଛି । ରାଷ୍ଟ୍ରୀୟ ସଭାପତି ଏହାକୁ ବିରୋଧ କରିବାରୁ ସାରା ଦେଶରେ ମୋଦି ସରକାରର ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କର ଅସଲ ଚେହେରା ଧରାପଡ଼ିଯିବା ଭୟରେ ବିଜେପି ସରକାର ଭୟଭୀତ ହୋଇ ଆକ୍ରୋଶମୂଳକ ଭାବେ ଶ୍ରୀ ଚିବ୍‌ଙ୍କୁ ଗିରଫ କରିଛି । ଶ୍ରୀ ଚିବ୍‌ଙ୍କ ଗିରଫଦାରି କୁ ବିରୋଧ କରି ଯୁବକଂଗ୍ରେସର କର୍ମକର୍ତ୍ତାମାନେ ମୋଦି ଓ ଶାହାଙ୍କ ବିରୋଧରେ ନାରାବାଜି କରିଥିଲେ । ରାଷ୍ଟ୍ରୀୟ ସଭାପତି ଶ୍ରୀ ଚିବ୍‌ଙ୍କ ଉପରେ ଲାଗିଥିବା ମିଥ୍ୟା ମକଦ୍ଦମାକୁ ତୁରନ୍ତ ପ୍ରତ୍ୟାହାର କରି ଯଥାଶୀଘ୍ର ତାଙ୍କୁ ନିର୍ଦ୍ଦୋଶରେ ଖଲାସ କରିବାପାଇଁ ଦାବି କରିଛି । ଯଦି ମୋଦି ସରକାର ଏଭଳି ଆକ୍ରୋଶମୂଳକ ରାଜନୀତିରୁ କ୍ଷାନ୍ତ ନ ରୁହନ୍ତି ତାହାଲେ ଆଗାମୀ ଦିନରେ ଯୁବ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ତୀବ୍ରତର ହେବବୋଲି ଯୁବ କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲ, ସୁରଜ ରାଉତ, ଅମରେଶ ପରିଡ଼ା, ବିଶ୍ୱଜିତ ସ୍ୱାଇଁ, ସାହାରୁଖ ଖାନ, ସ୍ପନ୍ଦନ ସ୍ୱାଇଁ, ଆଶିଷ କୁମାର ମାହୁନ୍ତ, ସରୋଜ ବାରିକ, ପ୍ରଶାନ୍ତ ରାଉତଙ୍କ ସମେତ ବହୁ ଯୁବକଂଗ୍ରେସ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ ।

## ସିପିଆଇଏମ୍‌ର ପଶ୍ଚିମାଞ୍ଚଳ ଜୋନ୍‌ସ୍ତରୀୟ ଶିକ୍ଷା ଶିବିର




ରାଉରକେଲା(ଏନ୍.ଏମ୍.) : ସି ପି ଆଇ ଏମ୍ ଓଡ଼ିଆ ରାଜ୍ୟ କମିଟି ନିଷ୍ପତ୍ତି କ୍ରମେ ପଶ୍ଚିମାଞ୍ଚଳ ଜୋନ୍ ସ୍ତରୀୟ ଦୁଇ ଦିନିଆ ଶିକ୍ଷା ଶିବିର ଆଜି ରାଉରକେଲା ସ୍ଥିତ ସି ପି ଆଇ ଏମ୍ ସୁନ୍ଦରଗଡ଼ ଜିଲ୍ଲା କାର୍ଯ୍ୟାଳୟ ଏ କେ ଜି ଭବନ ଶକ୍ତିନଗର ଠାରେ ଆରମ୍ଭ ହୋଇଛି । ନବ୍ୟ ଉଦାରବାଦ ଓ ସାମ୍ରାଜ୍ୟବାଦ ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଛନ୍ତି ସି ପି ଆଇ ଏମ୍ ଓଡ଼ିଆ ର ବରିଷ୍ଠ ନେତା କମ୍ରେଡ୍ ଜନାର୍ଦ୍ଦନ ପତି । ଜୋନ୍ ସ୍ତରୀୟ ଶିକ୍ଷା ଶିବିର ରେ ଅଧକ୍ଷତା କରିଛନ୍ତି ପାର୍ଟି ସୁନ୍ଦରଗଡ଼ ଜିଲ୍ଲା ସଂପାଦକ ତଥା ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ପ୍ରମୋଦ ସାମଲ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପାର୍ଟିର ରାଜ୍ୟ ସଂପାଦକ ସୁରେଶ ପାଣିଗ୍ରାହୀ, ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ସଦସ୍ୟ ସନ୍ତୋଷ ଦାସ, ଅନ୍ୟତମ ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତି ଓ ରାଜ୍ୟ କମିଟି ସଦସ୍ୟ ତଥା ବଣାଇ ବିଧାୟକ କମ୍ରେଡ୍ ଲକ୍ଷ୍ମଣ ମୁଣ୍ଡା । ଏଥିରେ ପାର୍ଟି କର୍ମ ସୂଚୀ, ପାର୍ଟି ସଂଗଠନ ଓ ସାଂପ୍ରତିକ ପରିସ୍ଥିତିରେ ଆମର କର୍ତ୍ତବ୍ୟ ଶୀର୍ଷକ ବିଷୟବସ୍ତୁ ଉପରେ ନେତୃତ୍ୱ ଶିକ୍ଷା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ କମିଟି ସଦସ୍ୟା ସୁଶିଳା ମୁଣ୍ଡା,ଜିଲ୍ଲା ସଂପାଦକ ମଣ୍ଡଳୀ ସଦସ୍ୟ ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ରାଜ କିଶୋର ପ୍ରଧାନ, ପ୍ରଭାତ ପଣ୍ଡା,ଜିଲ୍ଲା କମିଟି ସଦସ୍ୟ ବସନ୍ତ ନାୟକ,ବି ପି ମହାପାତ୍ର,ଆନନ୍ଦ ମାସି ହରୋ, ଅନିରୁଦ୍ଧ ତ୍ରିପାଠୀ,ହୃଦୟାନନ୍ଦ ଯାଦବ,ତାଜମୁନ ନେହାର,ସୁଶିଳା ମୁଣ୍ଡା ,ସମୀର ନାୟକ, ଲାଲ୍ ବାହାଦୁର ମହାନ୍ତ,ବାଦଲ ବାରିକ, ଗୌରୀ ଶଙ୍କର ପାତ୍ର, ରଘୁନାଥ ହନ୍ତାଳ, ଧରଣୀଧର ମହାନ୍ତ, କିଶୋର ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ମାର୍ଚ୍ଚ ୧ ତାରିଖ ଦିନ ପାର୍ଟିର ସୁନ୍ଦରଗଡ଼ ଜିଲ୍ଲା ସ୍ତରୀୟ ଶିକ୍ଷା ଶିବିର ବଣାଇ ଠାରେ ଅନୁଷ୍ଠିତ ହେବ ।

## ସର୍ବଭାରତୀୟ ରାଇଜିଂ କପ୍ ଭଲିବଲ୍ ଟୁର୍ଣ୍ଣାମେଣ୍ଟ-୨୦୨୬' ଆରମ୍ଭ



**ରାଉରକେଲା(ଏନ୍.ଏମ୍.) :** ଚଳିତବର୍ଷ ରାଇଜିଂ କ୍ଲବ, ରାଉରକେଲା ପକ୍ଷରୁ ସର୍ବଭାରତୀୟ ରାଇଜିଂ କପ୍ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ । ଏସମ୍ପର୍କରେ ଏହି ଟୁର୍ଣ୍ଣାମେଣ୍ଟର ସଂଗଠନିକ ସମ୍ପାଦକ ଶିଶିର ସାହୁ ଓ ଅନ୍ୟ ସଦସ୍ୟମାନେ ସାମ୍ବାଦିକଙ୍କୁ ସୂଚନା ଦେଇ କହିଛନ୍ତି ଯେ ସେକ୍ଟର ୨୦ ରାଇଜିଂ ପଡିଆରେ ଅନୁଷ୍ଠିତ ହେବାକୁଥିବା '୮ମ ସର୍ବଭାରତୀୟ ରାଇଜିଂ କପ୍ ଭଲିବଲ୍ ଟୁର୍ଣ୍ଣାମେଣ୍ଟ-୨୦୨୬', ୨୮ ତାରିଖରେ ଉଦ୍ଘାଟିତ ହୋଇ ମାର୍ଚ୍ଚ ୧ ତାରିଖରେ ଉଦଯାପିତ ହେବ । ଏହି ଦୁଇ ଦିବସୀୟ ଲିଗ୍ ଭିତ୍ତିକ ଟୁର୍ଣ୍ଣାମେଣ୍ଟରେ ଓଡିଶା ସମେତ ହରିୟାନା, ଜବଲପୁର ରେଳବାଇ (ମଧ୍ୟପ୍ରଦେଶ), ନାଗପୁର (ମହାରାଷ୍ଟ୍ର), ଉତ୍ତର ପ୍ରଦେଶ, ଦିଲ୍ଲୀ ଆଦି ସ୍ଥାନରୁ ପ୍ରମୁଖ ଭଲି ଦଳ ଅଂଶଗ୍ରହଣ କରିବେ । ଉଦ୍ଘାଟନୀ ଉତ୍ସବ ପୂର୍ବରୁ ଏକ ସୁଦୃଶ୍ୟ ମଶାଲ ଶୋଭାଯାତ୍ରା ସ୍ଥାନୀୟ ସୋମନାଥ ମନ୍ଦିରରୁ ବାହାରି ଅଞ୍ଚଳ ପରିକ୍ରମା କରି ରାଇଜିଂ ପଡିଆରେ ପହଞ୍ଚିବ । ସେହିପରି ଚମ୍ପିୟାନ ଓ ରନର୍ସଅପ ଦଳ ତଥା ତୃତୀୟ ସ୍ଥାନ ହାସଲ କରିଥିବା ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରାଯିବ । ଏହି ଟୁର୍ଣ୍ଣାମେଣ୍ଟଟିକୁ ବହୁସଂଖ୍ୟାରେ କ୍ରୀଡାପ୍ରେମୀ ଉପଭୋଗ କରିବା ପାଇଁ ରାଇଜିଂ କ୍ଲବ ପକ୍ଷରୁ ନିବେଦନ କରାଯାଇଛି ।

## ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ଯୁବ ସଂସଦ ୨୦୨୬ ଅନୁଷ୍ଠିତ

**ଯାଜପୁର(ଏନ୍.ଏମ୍.) :** ଯୁବ ବ୍ୟାପାର ଓ କ୍ରୀଡା ବିଭାଗ ପକ୍ଷରୁ ସ୍ଥାନୀୟ ନରସିଂହ ଚୌଧୁରୀ ମହାବିଦ୍ୟାଳୟ ଅଡିଟୋରିୟମ ହଲରେ ଜିଲ୍ଲାସ୍ତରୀୟ ଯୁବ ପାର୍ଲ୍ୟାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଏବଂ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ଜରୁରୀକାଳୀନ ଶାସନର ପଚାଶ ବର୍ଷ ପୂର୍ତ୍ତି ଅବସରରେ ଗଣତନ୍ତ୍ରକୁ ଶିକ୍ଷା ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେମହାବିଦ୍ୟାଳୟ ର ଅଧକ୍ଷ ପ୍ରଫେସର ରଂଜନ କୁମାର ବେହେରା ସଭାପତିତ୍ୱ କରିଥିଲାବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ପ୍ରଦୀପ କୁମାର ଦାସ ଏବଂ ଯାଜପୁର ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ସୁଦୀପ୍ତ କୁମାର ବିଶ୍ୱାଳ ଯୋଗ ଦେଇ ଭବିଷ୍ୟତ ଭାରତର ଛାତ୍ରଛାତ୍ରୀଙ୍କ କର୍ତ୍ତବ୍ୟ ସମ୍ପର୍କରେ ମତ ରଖିଥିଲେ । କାର୍ଯ୍ୟକ୍ରମକୁ ଡ. ଶ୍ରଦ୍ଧାଞ୍ଜଳି ସାହୁ ପରିଚାଳନା କରିଥିବା ବେଳେ ସଚ୍ଚିକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ମନ୍ମଥ କୁମାର ସାହୁ, ଦେବିଶ୍ରୀ ରାୟ, ପଦ୍ମନାଭ ମହାନ୍ତି, ସୁଦୀପ୍ତ କୁମାର ବିଶ୍ୱାଳ, ପ୍ରଦୀପ କୁମାର ଦାସ, ବକ୍ତୃତା କାର୍ଯ୍ୟକ୍ରମର ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ । ୨୦୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଯୋଗଦେଇଥିବା ବେଳେ ୫ ଜଣ ଛାତ୍ରଛାତ୍ରୀ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ପାଇଁ ନିର୍ବାଚିତ ହୋଇଥିଲେ ।

## ୪୬ ଲକ୍ଷ ଟଙ୍କା ସହ ବନ୍ଧୁକ, ବିସ୍ଫୋରକ ଜବତ

**ମାଲକାନଗିରି (ଏନ୍.ଏମ୍.) :** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ଗରିଆବନ୍ଦ ଜିଲ୍ଲାର ମେନପୁର ଥାନା ଅଞ୍ଚଳର ବଡେଗୋବରା ନିକଟସ୍ଥ ସାମ୍ପସାରୀ ଜଙ୍ଗଲରେ ମାଓବାଦୀଙ୍କ ଦ୍ୱାରା ଡମ୍ପ କରି ରଖାଯାଇଥିବା ନଗଦ ଟଙ୍କା, ବନ୍ଧୁକ, ବିସ୍ଫୋରକକୁ ପୁଲିସ ଜବତ କରିଛି । ପ୍ରତିଦିନ ଭଳି ଜିଲ୍ଲା ପୁଲିସ ସମେତ ଡିଆରଜି,ଏସଟିଏଫ ମେନପୁର ଥାନା ଅଞ୍ଚଳରେ ସର୍ଚ୍ଚ ଅପରେସନ ପାଇଁ ବାହାରିଥିଲା । ତେବେ ଜଙ୍ଗଲରେ ମାଓବାଦୀ ଡମ୍ପ କରି ବହୁ ହତିଆର ଏବଂ ନଗଦ ଟଙ୍କା ଲୁଚାଇ ରଖିଥିବା ଆତ୍ମସମର୍ପଣ କରିଥିବା ନକ୍ସଲ ପୁଲିସକୁ ସୂଚନା ଦେଇଥିଲେ । ସୂଚନା ପାଇବା ପରେ ଅପରେସନ କରୁଥିବା ଯବାନ ସେହି ଅଞ୍ଚଳରେ ଖୋଜାଖୋଜି ଆରମ୍ଭ କରିଥିଲେ । ଜଙ୍ଗଲର ଗୋଟିଏ ସ୍ଥାନରେ ନକ୍ସଲ ଗାତ ଖୋଳି ବନ୍ଧୁକ,ବିସ୍ଫୋରକ ଏବଂ ନଗଦ ଟଙ୍କା ପୋତି ଥିଲେ । ତୁରନ୍ତ ଯବାନ ସେହି ସ୍ଥାନରୁ ବନ୍ଧୁକ, ୩୩ଟି ଜୀବନ୍ତ ଗୁଳି, ସ୍ପାଇକ୍ ରୋଡ, ୩୨ଟି ବିଜିଏଲ ରୋଲ, ଲ୍ୟାପ୍‌ଟପ୍, ୨ଟି ମୋବାଇଲ, ୧୧ ଏସଏଲଆର ରାଉଣ୍ଡ, ୪୧ ୩୦୩ ରାଉଣ୍ଡ,୨୬ଟି ବାରା ବୋର ଜୀବନ୍ତ ଗୁଳି ଇତ୍ୟାଦି ଜବତ କରିଥିଲେ । ଏଥିସହ ସେହି ଡମ୍ପରୁ ନଗଦ ୪୬ ଲକ୍ଷ ୩୧ହଜାର୫୦୦ଟଙ୍କା ଜବତ କରି ଥିଲେ । ଗତ ଦୁଇ ବର୍ଷ ହେଲେ ଗରିଆବନ୍ଦ ଏବଂ ଧନତରୀ ଅଞ୍ଚଳରେ ନକ୍ସଲ ଗତିବିଧି ବଢିଥିଲା । ତେଣୁ ଏହି ଅଂଚଳରେ ଲଗାତାର ଅପରେସନ କରାଯାଉଥିଲା । ଯାହାଫଳରେ ବହୁ ନକ୍ସଲ ଆତ୍ମସମର୍ପଣ କରିଥିଲେ ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ଆମର ସାମୂହିକ ଲକ୍ଷ୍ୟ ହେଉଛି ବିକଶିତ ...

ବିକଶିତ କରାଯିବ। ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ ଯେ ପୁଲିକାଟ ହ୍ରଦ ଏବଂ ପୋଢିଗାଇ ମଳାଇ ଆଖପାଖରେ ପରିବେଶ ପର୍ଯ୍ୟଟନ ପଦକ୍ଷେପଗୁଡ଼ିକ ପ୍ରାକୃତିକ ଇକୋସିଷ୍ଟମକୁ ସଂରକ୍ଷଣ କରିବା ସହିତ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହା ବ୍ୟତୀତ, ସେ ଉଲ୍ଲେଖ କରିଥିଲେ ଯେ ଉତ୍ପାଦନକୁ ବୃଦ୍ଧି କରିବା ପାଇଁ ଦେଶବ୍ୟାପୀ ପ୍ରାୟ ଦୁଇ ଶହ ଶିଳ୍ପ କ୍ଲଷ୍ଟର ଚିହ୍ନଟ ଏବଂ ସମର୍ଥନ କରାଯିବ। ତାମିଲନାଡୁ ଅନେକ ଶିଳ୍ପର ଘର ବୋଲି ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ଯୋଜନା ସ୍ଥାନୀୟ ଯୁବପିଢ଼ିଙ୍କୁ ଯଥେଷ୍ଟ ଲାଭ ଦେବ।

ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ ଯେ ପ୍ରତ୍ୟେକ ଭାରତୀୟ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ଗଠନ କରିବା ପାଇଁ ପ୍ରେରଣା ପାଇବେ ଏବଂ ତାମିଲନାଡୁ ଦେଶର ଭାଗ୍ୟ ଗଠନରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଅନ୍ତର୍ଭୁକ୍ତ ବିକାଶ ଏବଂ ରାଜ୍ୟର ପ୍ରଗତି ପାଇଁ କେନ୍ଦ୍ରର ପୂର୍ଣ୍ଣ ପ୍ରତିବଦ୍ଧତାକୁ ପୁନଃ ଦୃଢ଼ କରି, ସେ ଏହି ଦୃଢ଼ୋକ୍ତି ସହିତ ଶେଷ କଲେ, 'ଆମର ସାମୂହିକ ଲକ୍ଷ୍ୟ ହେଉଛି ବିକଶିତ ଭାରତ ପାଇଁ ଏକ ବିକଶିତ ତାମିଲନାଡୁ।

## ଠିକାଦାରଙ୍କ ଜିଦ୍ ଆଗରେ ନଇଁବେନି ...

ପାଇଁ ଯେଉଁ ଦାବି ହେଉଛି, ତାହା ବାସ୍ତବବାଦୀ ନୁହେଁ । ଭାରତର କୌଣସି ବି ରାଜ୍ୟରେ ଏଭଳି ନେଗେଟିଭ୍ କ୍ୟାପିଂ ବ୍ୟବସ୍ଥା ନାହିଁ । କାହାର ପ୍ରରୋଚନାରେ ପଡ଼ି ଠିକାଦାରମାନେ ଏଭଳି ଦାବି କରୁଛନ୍ତି ବୋଲି ମନ୍ତ୍ରୀ ପ୍ରଶ୍ନ କରିଛନ୍ତି । ଓଡ଼ିଆ ଠିକାଦାରଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ସବୁବେଳେ ଚିନ୍ତା କରୁଛନ୍ତି । ଆଗାମୀ ଦିନରେ ଓଡ଼ିଶାର ଠିକାଦାରମାନେ କିଭଳି ରାଜ୍ୟ ତଥା ରାଜ୍ୟ ବାହାରେ ବଡ଼ ବଡ଼ ପ୍ରକଳ୍ପ ହାତକୁ ନେଇପାରିବେ, ସେଥିପାଇଁ ସରକାର 'ଜଏଣ୍ଟ ଭେଞ୍ଚର' ବ୍ୟବସ୍ଥା ଲାଗୁ କରୁଛନ୍ତି । ଏହାସହ ପ୍ରତିବର୍ଷ 'ସିଡ୍ୟୁଲ୍ ଅଫ୍ ରେଟ୍‌ଦ' ପରିବର୍ତ୍ତନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି, ଯାହା ଆସନ୍ତା ମାର୍ଚ୍ଚ ମାସରୁ କାର୍ଯ୍ୟକାରୀ ହେବ । ଏହି ବ୍ୟବସ୍ଥା ଫଳରେ ବଜାର ଦର ଅନୁଯାୟୀ ଠିକାଦାରମାନେ କାମ କରିବାକୁ ସୁଯୋଗ ପାଇବେ ।

## ଇରାନ ଆକ୍ରମଣ ପାଇଁ ଟ୍ରମ୍ପଙ୍କୁ ...

ଆକ୍ରମଣ ଆରମ୍ଭ କରିଥିଲା, ଯାହା ମଧ୍ୟପ୍ରାଚ୍ୟକୁ ଏକ ନୂତନ ସଂଘର୍ଷ ଭିତରକୁ ଠେଲି ଦେଇଛି। ସାଉଦି ଆରବର ବୈଦେଶିକ ମନ୍ତ୍ରାଳୟ ଏକ ବିବୃତିରେ କହିଛି ଯେ, ସାଉଦି ଆରବ ଇରାନର ଏତାଦୃଶ କାପୁରୁଷୋଚିତ ଆକ୍ରମଣକୁ ଦୃଢ଼ ଶବ୍ଦରେ ନିନ୍ଦା କରୁଛି। ଏହି ଆକ୍ରମଣକୁ କୌଣସି ବାହାନା ଦେଖାଇ କିମ୍ବା କୌଣସି ପ୍ରକାରେ ଯଥାର୍ଥ କରାଯାଇପାରିବ ନାହିଁ। ଆରବ ନ୍ୟୁଜ୍ ଅନୁଯାୟୀ, ଇରାନ ଆକ୍ରମଣ ପରେ କ୍ରାଉନ୍ ପ୍ରିନ୍ସ ୟୁଏଇ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ ଅଲ୍-ନାହ୍ୟାନ୍, ବାହାରିନର ରାଜା ହମାଦ୍ ବିନ୍ ଇସା ଅଲ୍-ଖଲିଫା, କତରର ଅମୀର ଶେଖ୍ ତମିମ୍ ବିନ୍ ହମାଦ୍ ଅଲ୍-ଥାନି, କୁଏତର ଅମୀର ଶେଖ୍ ମିଶାଲ୍ ଅଲ୍-ଅହମ୍ମଦ ଅଲ୍-ଜବର ଅଲ୍-ସବାହ ଏବଂ ଜୋର୍ଡାନର ରାଜା ଅବଦୁଲ୍ଲା ଦ୍ୱିତୀୟଙ୍କ ସହ କଥା ହୋଇଥିଲେ।

## ଏନସିଆରଟି ପାଠ୍ୟପୁସ୍ତକ ...

ନିର୍ଦ୍ଦେଶ ପାଳନ କରାଯିବ।' ସୁପ୍ରିମକୋର୍ଟ ଏନସିଆରଟି ପାଠ୍ୟପୁସ୍ତକ ବିବାଦର ସ୍ୱତଃସ୍ଫୁର୍ତ ବିଚାର କରି ଗୁରୁବାର ଏହି ମାମଲାର ଶୁଣାଣି କରିଛନ୍ତି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜେ. ବାଗଚୀ ଏବଂ ବିଚାରପତି ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏନସିଆରଟି ନିର୍ଦ୍ଦେଶକ ଏବଂ ଶିକ୍ଷା ସଚିବଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୧ରେ ଅନୁଷ୍ଠିତ ହେବ। ଏହା ଉଲ୍ଲେଖନୀୟ ଯେ ମୁଖ୍ୟ ବିଚାରପତିଙ୍କ ଅସନ୍ତୋଷ ପରେ, ଏନସିଆରଟି ପୁସ୍ତକ ପ୍ରତ୍ୟାହାର କରିନେଇଛି। ପରିଷଦ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ମଧ୍ୟ କରିଛି। ତଥାପି, ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ଦୃଢ଼ ମତ ରଖିଛନ୍ତି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଏହା ନ୍ୟାୟପାଳିକାର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିବା ପାଇଁ ଏକ ଜାଣିଶୁଣି ପଦକ୍ଷେପ। ନ୍ୟାୟପାଳିକାର ମୁଖ୍ୟ ଭାବରେ, ମୁଁ ସନ୍ତୁଷ୍ଟ ନହେବା ପର୍ଯ୍ୟନ୍ତ ଶୁଣାଣି ଜାରି ରହିବ।ଏନସିଆରଟି ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି ଶୁଣାଣି ସମୟରେ,ଏନସିଆରଟି ର ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, 'ପ୍ରଥମେ, ଆମେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରୁଛୁ। ସ୍କୁଲ ଶିକ୍ଷା ସଚିବ ଏଠାରେ ଅଛନ୍ତି।' ଏଥିରେ ଉଔଓ କହିଥିଲେ, 'ସେମାନଙ୍କ ନୋଟିସରେ କ୍ଷମା ପ୍ରାର୍ଥନାର ଗୋଟିଏ ଶବ୍ଦ ମଧ୍ୟ ନାହିଁ। କେହି ଜଣେ ମୋତେ ପଠାଇଛନ୍ତି। ଏହି ନିର୍ଦ୍ଦେଶକ ଏହାକୁ ଯେପରି ବୃଦ୍ଧି କରିବାକୁ ଚେଷ୍ଟା କରିଛନ୍ତି। ମୁଁ ମହାସଚିବଙ୍କୁ ପଚାରିଲି ଯେ ପ୍ରକୃତରେ ଏପରି ପ୍ରକାଶନ ଘଟିଛି କି ? ଯଦିଓ ଏହା ଏକ ଅତ୍ୟନ୍ତ ଦାୟିତ୍ୱବାନ ଖବରକାଗଜ ଦ୍ୱାରା ପ୍ରକାଶିତ ହୋଇଥିଲା, ଏହା ପଛରେ ଏକ ଗଭୀର ଷଡ଼ଯନ୍ତ୍ର ରହିଛି।'

## ନିର୍ଦ୍ଦୋଷରେ ଖଲାସ ହେଲେ ...

ଗାନ୍ଧୀ ଜେଲ ଗଲେ କି ? କଂଗ୍ରେସ କେଉଁ ମୁହଁରେ କହୁଛି। ଇଡି ମାମଲା ଶେଷ ହୋଇଯାଇଛି। ଆମେ ଆଗାମୀ ସପ୍ତାହରେ ଆପ୍ଲିକେଶନ ଦେବୁ । ସେ ପୁଣି କହିଛନ୍ତି, କୋର୍ଟ ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି । ଆମ ପରିବାର ବହୁତ ସହିଛନ୍ତି । ଏହା କେବଳ ଏକ ମାମଲା ନୁହେଁ, ପୂରା ସିଷ୍ଟମକୁଚ୍ୟାଲେଞ୍ଜ କରିବାର କଥା । ଜଣେ ମୁଖ୍ୟମନ୍ତ୍ରୀଙ୍କୁ ଜେଲରେ ପୂରାଇ ଦେଲ । ଆଗକୁ ଯେଉଁଠି ଯେଉଁଠି ବିଜେପି ସରକାର ଆସିବନି ସେଠିକାର ମୁଖ୍ୟମନ୍ତ୍ରୀଙ୍କୁ ଏମାନେ ଜେଲରେ ପୂରାଇ ଦେବେ । ଆଜିର ଏହି ଏକଛତ୍ରବାଦଙ୍କୁ ମୁଣ୍ଡ ନୁଆଁଇବାକୁ ପଡିବ । ମନୀଷ ସିସୋଦିଆ ବିଜେପିକୁ ପଚାରିଛନ୍ତି, ପୂର୍ବରୁ ଭାଜପା ନେତା କହୁଥିଲେ ସବୁ ପ୍ରମାଣ ରହିଛି । ଏବେ କୁହନ୍ତୁ, ସେ ପ୍ରମାଣ ସବୁ ଗଲା କୁଆଡ଼େ ?

# ଚୌଦ୍ୱାର କଲେଜରେ ରଙ୍ଗର ପସରା

## ଷ୍ଟୋରୀ ଇମେଜ ପକ୍ଷରୁ ଲାଗିଲେ ଏ ରଙ୍ଗ ଛାଡ଼ିବନି

**ଚୌଦ୍ୱାର(ଏନ୍.ଏମ୍.) :** ଉତ୍କଳୀୟ ପରମ୍ପରା ମହନୀୟ। ଉତ୍କଳୀୟ ସଂସ୍କୃତିରେ ହୋଲି ପର୍ବ ପାଇଁ ସ୍ୱତନ୍ତ୍ରତା ରହିଛି। ରଙ୍ଗ ଉତ୍ସବର ମଜା ନିଆରା। ଏହି ରଙ୍ଗ ଉତ୍ସବକୁ ଅଧିକ ଆକର୍ଷଣ କରିବା ପାଇଁ ଚୌଦ୍ୱାର କଲେଜର ନିଆରା ପ୍ରୟାସ ଅବିର ଡାଲା। ଓଡ଼ିଆ ବିଭାଗର ଷ୍ଟୋରୀ ଇମେଜ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି ହସଖୁସି ଆଉ ରଙ୍ଗ ବୋଲି ପରକୁ ଆପଣା କରିବାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବିର ଡାଲା। ଚଳିତ ବର୍ଷ ଅବିରଡାଲାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରହିଥିଲା ବନ୍ଧୁ ଲାଗିଲେ ଏ ରଙ୍ଗ ଛାଡ଼ିବନି। ଏ ରଙ୍ଗ କେବଳ ଦେହରେ ଲାଗେନା ଚଟକିନା ଲାଗିଯାଏ ମନରେ, ହୃଦୟରେ ଆଉ ଅନ୍ତରର ଦିଗବଳୟରେ। ଚୌଦ୍ୱାର ମହାବିଦ୍ୟାଳୟ ପରିସରରେ ପ୍ରାଧ୍ୟାପକ ଡକ୍ଟର ପ୍ରଫୁଲ୍ଲ କୁମାର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଏହି ରଙ୍ଗ ଉତ୍ସବ କାର୍ଯ୍ୟକ୍ରମରେ ଗୀତିକାର ଦେବୀଦତ୍ତ ମହାନ୍ତି, ଅରୁଣ ମନ୍ତ୍ରୀ, ଅଶୋକ ପଣ୍ଡା, ଗଣେଶ୍ୱର ସ୍ୱାଇଁ, ବିଶିଷ୍ଟ ପ୍ରଯୋଜକ ତଥା ଯାଦୁଗର ବାପୁ ଲେଙ୍କା ପ୍ରମୁଖ ଯୋଗଦେଇ ହୋଲିର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରେମର ବନ୍ଧନରେ ଏମାନବ ଜାତିକୁ ବାନ୍ଧି ରଖିବାର କୌଶଳ ବିଷୟରେ ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମରେ ବାପୁ ଲେଙ୍କା ଯାଦୁର ଝଲକରେ ଉପସ୍ଥିତ ଅତିଥି ଓ ଛାତ୍ରଛାତ୍ରୀଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଏହି ଅବସରରେ ଉପସ୍ଥିତ ଅତିଥି ଓ ଛାତ୍ରଛାତ୍ରୀମାନଙ୍କ ସଂଗୀତର ମଧୁର ମୂର୍ଚ୍ଛନା ଓ ଯୁଗଳବନ୍ଦୀରେ ଅଞ୍ଚଳ ସଂଗୀତମୟ ହୋଇ ଉଠିଥିଲା। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିମାନଙ୍କ ଗହଣରେ ପ୍ରଯୋଜକ ଦିଲ୍ଲୀପ ସାହୁ, ନାଟ୍ୟ ନିର୍ଦ୍ଦେଶକ ସୁକାନ୍ତ ରାଉତ, କବି ପ୍ରଫେସର ନିଖିଳେଶ ମହାନ୍ତି, ଅଧ୍ୟାପିକା ପୁଷ୍ପଲତା ରଥ, ଦୀପକ ଦାସ, କଣ୍ଠ ଶିଳ୍ପୀ ଘନଶ୍ୟାମ ତ୍ରିପାଠୀ, କବି ବୈଦନାଥ ଖିଲାର, ଉତ୍କଳ ସାହିତ୍ୟ ସଂସଦ ସମ୍ପାଦକ ରାଜୀବ ଷଡ଼ଙ୍ଗୀ, ଅଧ୍ୟାପିକା ସଂଘମିତ୍ରା ଦାସ, ସାହିତ୍ୟିକ ରମାନାଥ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୋଭାବର୍ଦ୍ଧନ କରିଥିଲେ। ଏହି ଅବସରରେ ସମସ୍ତେ ସମସ୍ତଙ୍କୁ ଅବିର ଲଗାଇ ପ୍ରେମର ପ୍ରତିବିମ୍ବ ସୃଷ୍ଟି କରିଥିଲେ ଅତିଥି ଓ ଛାତ୍ରଛାତ୍ରୀ। ଚୌଦ୍ୱାର ଅଞ୍ଚଳରେ ଯୁବସାହିତ୍ୟିକମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମ ଜରିଆରେ କଳା, ସଂସ୍କୃତି ଓ ସାହିତ୍ୟର ସମୃଦ୍ଧି ପାଇଁ ଦୀର୍ଘ ୨୦ ଧରି ନିରନ୍ତର ପ୍ରୟାସ ଜାରି ରଖିଛି ବୋଲି ଅଧ୍ୟାପକ ଦୀପକ ବେହେରା ପ୍ରକାଶ କରିଛନ୍ତି।



# ଓଡ଼ିଶା ରାଜ୍ୟ ଆମ୍ବ୍ରା କର୍ମଚାରୀ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

**କଟକ(ଏନ୍.ଏମ୍.) :** ଓଡ଼ିଶା ରାଜ୍ୟ ଆମ୍ବ୍ରା କର୍ମଚାରୀ ସଂଘର ନବନିର୍ବାଚିତ କାର୍ଯ୍ୟକାରିଣୀ ସଦସ୍ୟ ଓ ସଦସ୍ୟା ମାନଙ୍କର ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନୂଆବଜାର ସ୍ଥିତ ମହାବୀର ମନ୍ଦିର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘର ନୂତନ ପଦାଧିକାରୀମାନେ ସଂଗଠନର ହିତରେ କାମ କରିବା, ସଦସ୍ୟ ମାନଙ୍କର ସମସ୍ୟା ଉପସ୍ଥାପନ କରି ସମାଧାନ ପାଇଁ ଉଦ୍ୟମ ନେବା ଏବଂ କୃଷି ସେବା କ୍ଷେତ୍ରରେ ନିଷ୍ଠାର ସହିତ କାର୍ଯ୍ୟ କରିବାର ଶପଥ ନେଇଥିଲେ। ସମାରୋହରେ ସଂଘର ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀନିବାସ ରାଉତରାୟ , ପୂର୍ବତନ ସଭାପତି ସୌମ୍ୟ ରଞ୍ଜନ ସାହୁ, ପୂର୍ବତନ ସାଧାରଣ ସମ୍ପାଦକ ଦେବାଶିଷ ସାହୁ, ପୂର୍ବତନ ଉପସଭାପତି ଲକ୍ଷ୍ମୀକାନ୍ତ ସ୍ୱାଇଁ




ଓ ଜିଲ୍ଲା ପ୍ରତିନିଧିମାନେ ଉପସ୍ଥିତ ରହି ନୂତନ ଟିମ୍‌କୁ ଶୁଭେଚ୍ଛା ଜଣାଇଥିଲେ। ଆଗାମୀ ଦିନରେ ସଂଘକୁ ଆହୁରି ସକ୍ରିୟ ଓ ସଂଗଠିତ ଭାବେ ଆଗେଇ ନେବା ପାଇଁ ଏହି କାର୍ଯ୍ୟକାରିଣୀ ଦୃଢ଼ ପଦକ୍ଷେପ ନେବେ ବୋଲି ଆଶା ପ୍ରକାଶ କରାଯାଇଛି। ଏହି ଶପଥ ଗ୍ରହଣ ସମାରୋହରେ ସଂଘର ନୂତନ କାର୍ଯ୍ୟକାରିଣୀ ତାଙ୍କର କାର୍ଯ୍ୟଭାର ଆନୁଷ୍ଠାନିକ ଭାବେ ଗ୍ରହଣ କରିଛନ୍ତି। ସର୍ବ ପ୍ରଥମେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ରାଉତରାୟ ନବ ନିର୍ବାଚିତ ସଦସ୍ୟ ଓ ସଦସ୍ୟା ମାନଙ୍କୁ ସ୍ୱାଗତ ଜଣାଇ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ତାପରେ ସମସ୍ତ ସଦସ୍ୟ ଓ ସଦସ୍ୟା ନିଜର ପରିଚୟ ପ୍ରଦାନ କରିବା ସହିତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଶପଥ ପାଠ କରିଥିଲେ। ରଜନୀକାନ୍ତ ସାହୁଙ୍କୁ ସଭାପତି, ଗୋପୀନାଥ ଦାସଙ୍କୁ ସାଧାରଣ ସମ୍ପାଦକ, ପ୍ରତୀକ୍ଷା ରଂଜନ ରାୟଙ୍କୁ ଯୁଗ୍ମ ସମ୍ପାଦକ (ସଂସ୍କୃତି ଓ ପ୍ରକାଶନ), ତାପସ କୁମାର ବେହେରାଙ୍କୁ ଯୁଗ୍ମ ସମ୍ପାଦକ (ମଧ୍ୟମାଞ୍ଚଳ), ପ୍ରଶାନ୍ତ କୁମାର ନାୟକଙ୍କୁ ଯୁଗ୍ମ ସମ୍ପାଦକ (ଦକ୍ଷିଣାଞ୍ଚଳ), ହରେଷ କୁମାର ସାହୁଙ୍କୁ ଯୁଗ୍ମ ସମ୍ପାଦକ (ଉତ୍ତରାଞ୍ଚଳ), ପି. ଟୁନା ସୁବୁଦ୍ଧିଙ୍କୁ କୋଷାଧକ୍ଷ, ଜନ୍ମେଜୟ ଧଳ, ରଂଜିତା ବୋହିଦାର, ଆଶିଷ କୁମାର ବରାଳ, ଲିଙ୍ଗରାଜ ମହାପାତ୍ର ଉପଦେଷ୍ଟା ସଦସ୍ୟ ଓ ସଦସ୍ୟା ପଦବୀରେ ଶପଥ ଗ୍ରହଣ କରିଥିଲେ। ଏହା ପରେ ପୂର୍ବତନ ସଭାପତି ସଂଗଠନର ଅତୀତର କାର୍ଯ୍ୟ ଏବଂ ବର୍ତ୍ତମାନର ସଭାପତି ଅଗାମି ଦିନର କାର୍ଯ୍ୟକ୍ରମ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଗଲା।ଶେଷରେ ସଂସ୍କୃତି ଓ ପ୍ରକାଶନର ଯୁଗ୍ମ ସମ୍ପାଦକ ପ୍ରତୀକ୍ଷା ରଞ୍ଜନ ରାୟ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଯୌଥ ପରିବାର ସୁରକ୍ଷା ନେଇ ଆଲୋଚନା

**କେନ୍ଦ୍ରାପଡ଼ା(ଏନ୍.ଏମ୍.):** କେନ୍ଦ୍ରାପଡା ଜିଲ୍ଲା ଗୁପ୍ତ କ୍ଷେତ୍ର ସଖୀବଟ ପରିସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ, ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବକ୍ତାମାନେ ସମାଜ ଆଜି ବିଗିଡି ଯାଇଛି ବୋଲି କହିଥିଲେ। ସ୍ୱାର୍ଥ ଅର୍ଥର ବଶବର୍ତ୍ତୀ ହୋଇ, ମଣିଷ ବୈକୁଣ୍ଠ ସମ୍ମାନ ସ୍ନେହ ଶ୍ରଦ୍ଧାରେ ବନ୍ଧା ଯୌଥ ପରିବାରକୁ ଭାଙ୍ଗି ଦେଇଛି। ତେବେ ସକାରାତ୍ମକ ମନୋଭାବ ପୋଷଣ କରି, ପ୍ରତ୍ୟେକ ମଣିଷ ସୁସଂସ୍କାର ବରଣ କରିନେଲେ ପୁଣି ଥରେ ଯୌଥ ପରିବାର ଗଢି ଉଠିବ ଓ ବସୁଧୈବ କୁଟୁମ୍ବକମ୍ ତଥା ରାମରାଜ୍ୟ ସ୍ୱପ୍ନ ସାର୍ଥକ ହୋଇ ପାରିବ ବୋଲି ମତ ପ୍ରକାଶ ପାଇଥିଲା। 'ଏକତା -୨୦୨୬ ରେ ଯୌଥ ପରିବାରର ସୁରକ୍ଷା ଉଦ୍ଦେଶ୍ୟରେ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ମାନେ ବକ୍ତବ୍ୟ ରଖିଥିଲେ। ମଞ୍ଚରେ ବଳଦେବଙ୍କ ବଡ଼ପଣ୍ଡା କେଶବ ଚନ୍ଦ୍ର ପତ୍ରି, ରମେଶ ଚନ୍ଦ୍ର ମହାନ୍ତି, ବିନୋଦ ମହାନ୍ତି, ନାଟ୍ୟକାର ଅଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟର ସଭାପତି ଦମନ କୁମାର ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ଏହିସଭାରେ ତରୁଣ ତବଲା ବାଦକ ନିହାରଙ୍କୁ ଏକଲବ୍ୟ ସମ୍ମାନ, ଗୌରାଙ୍ଗ ନାୟକଙ୍କୁ ପଲ୍ଲୀଶ୍ରୀ ପ୍ରତିଭା ସମ୍ମାନ ଓ ୮ ଗୋଟି ଯୌଥ ପରିବାରକୁ ସମ୍ବର୍ଦ୍ଧନା କରାଯାଇଥିଲା। ଶିକ୍ଷକ ପ୍ରମୋଦ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଟ୍ରଷ୍ଟର ସଂସ୍କୃତି ଅଧିକାରୀ ସଞ୍ଜୀବ କୁମାର ତରାଇ ମଞ୍ଚ ପରିଚାଳନା କରିଥିବା ବେଳେ ଉପଦେଷ୍ଟା ବିଷ୍ଣୁ ଚରଣ ମହାପାତ୍ର, କୋଷାଧକ୍ଷ ବିଭୁ ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସ୍ୱଚ୍ଛତା ପାଇଁ ଚକ୍ରଧର ବିଶ୍ୱାଳ ଓ ସ୍ୱେଚ୍ଛାସେବୀ ହିମାଂଶୁ ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ପରିଶେଷରେ ସମ୍ପାଦକ ରାଜେଶ କୁମାର ବାରିକ ଧନ୍ୟବାଦ ଦେଇଥିଲେ।

## ହୋର୍ଡିଂ ପରିଚାଳନା ନେଇ ବିଏମ୍‌ସିର ବୈଠକ




**ଭୁବନେଶ୍ୱର(ଏନ୍.ଏମ୍.) :** ପ୍ରତ୍ୟେକ ହୋର୍ଡିଂର ହେବ ତୃତୀୟ ପକ୍ଷ ଇନସ୍ୟୁରାନ୍ସ। ସୁସଂହତ ହେବ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ହୋର୍ଡିଂ ବ୍ୟବସ୍ଥା। କମିଶନର ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ କମିଶନର ରତ୍ନାକର ସାହୁ ଓ ରାଜସ୍ୱ ଉପାୟୁକ୍ତ ଅଜୟ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଅନୁବନ୍ଧିତ ବିଜ୍ଞାପନ ସଂସ୍ଥାର ପ୍ରତିନିଧିମାନଙ୍କୁ ନେଇ ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମସ୍ତ ଅନୁବନ୍ଧିତ ସଂସ୍ଥାଙ୍କୁ ଚିଠି ମାଧ୍ୟମରେ ହୋର୍ଡିଂଗୁଡିକର ସ୍ଥାୟୀତ୍ୱ ପ୍ରମାଣପତ୍ର ଦେବା ପାଇଁ ଆଲୋଚନା ହୋଇଯାଇଛି। ସମସ୍ତ ହୋର୍ଡିଂ ଷ୍ଟ୍ରକଚର କିପରି ପରିଚାଳନା, ଦେଖାଶୁଣା ଓ ସୁରକ୍ଷା କିପରି ହେଉଛି, ତାହାର ପ୍ରାମାଣିକ ବିବରଣୀ ଦେବାକୁ ମଧ୍ୟ କୁହାଯାଇଛି। ଏହି ଅବସରରେ ସମସ୍ତେ ନିଜ ନିଜର ହୋର୍ଡିଂଗୁଡିକୁ ସମୀକ୍ଷା କରି ଏହାର ସ୍ଥିତି କିପରି ଅଛି, ତାହା ଜଣାଇବାକୁ ବିଏମ୍‌ସି ପକ୍ଷରୁ କୁହାଯାଇଛି। ମରାଯାଇଥିବା ହୋର୍ଡିଂଗୁଡିକରେ ନିଜ ସଂସ୍ଥାର ନାମ ଲେଖିବାକୁ ମଧ୍ୟ କୁହାଯାଇଛି। ପ୍ରତ୍ୟେକ ଏଜେନ୍ସି ସବୁ ହୋର୍ଡିଂର ଥାର୍ଡ ପାର୍ଟି ଇନସ୍ୟୁରାନ୍ସ କରିବାକୁ କୁହାଯାଇଛି। ଜନ ସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଯଦି କୌଣସି ହୋର୍ଡିଂରେ ଫ୍ଲେକ୍ସ ଇତ୍ୟାଦି ଛିଡିକରି ଉଡେ, ତେବେ ସେଗୁଡିକୁ ସଂଗେ ସଂଗେ କାଟି ଦେବା ପାଇଁ କୁହାଯାଇଛି। ତେବେ ଆବଶ୍ୟକୀୟ ସ୍ଥଳେ, ସୁରକ୍ଷା ଦୃଷ୍ଟିରୁ ହୋର୍ଡିଂଗୁଡିକୁ ହଟାଇ ଦେବାପାଇଁ ଏଜେନ୍ସିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଶ୍ରୀ ଶ୍ୟାମ ଫାଲ୍‌ଗୁନି ଏକାଦଶୀରେ ବିଶାଳ ନିଶାନ ଯାତ୍ରା

**କଣ୍ଟାବାଞ୍ଜି(ଏନ୍.ଏମ୍.) :** କଣ୍ଟାବାଞ୍ଜି ଶ୍ରୀ ଶ୍ୟାମ ଧାମରେ ଖାଟୁର ବାବା ଶ୍ୟାମଙ୍କ ଫାଲ୍ଗୁନି ଏକାଦଶୀ ମହୋତ୍ସବ ଅତ୍ୟନ୍ତ ହର୍ଷୋଲ୍ଲାସ ଓ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ରୀ ରାମ ମନ୍ଦିରରୁ ଶ୍ରୀ ଖାଟୁ ଶ୍ୟାମ ମନ୍ଦିର ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ବାବାଙ୍କ ଚରଣରେ ଶତାଧିକ ଭକ୍ତଙ୍କ ଦ୍ୱାରା ନିଶାନ ଅର୍ପିତ କରାଯାଇଥିଲା। କଣ୍ଟାବାଞ୍ଜି, ଲାଠୋର, ରାଜା ଖରିଆର, ଖରିଆର ରୋଡ,ବାଗବାହରା,ପାଟଣାଗଡ଼, ଟିଟିଲାଗଡ଼, ସିନ୍ଧିକେଲା, ବଙ୍ଗୋମୁଣ୍ଡା, ବେଲପଡ଼ା, ସିନାପାଳି, ବୋର୍ଡା ଓ ନିକଟସ୍ଥ ଅନେକ ଗ୍ରାମ ର ଭକ୍ତମାନେ



ବହୁ ସଂଖ୍ୟାରେ ଯୋଗଦେଇ ବାବା ଶ୍ୟାମଙ୍କୁ ନିଶାନ ଅର୍ପଣ କରିଥିଲେ। ଫାଲ୍ଗୁନ ଏକାଦଶୀ ପୂର୍ବ ସନ୍ଧ୍ୟାରେ ବାବାଙ୍କ ଦର୍ଶନ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଆଠ ଛତ୍ରର ଏକ ଅନନ୍ୟ ସମୂହ ସେଟ୍ କଣ୍ଟାବାଞ୍ଜି ନରେଶଙ୍କୁ ସନ୍ତୋଷ ଦେବୀ କୁନୁରାମ ଅଗ୍ରୱାଲ ପରିବାରଙ୍କ ପକ୍ଷରୁ ସମର୍ପିତ କରାଯାଇଥିଲା। ବିଳମ୍ବିତ ସନ୍ଧ୍ୟାରେ ପ୍ରସିଦ୍ଧ ଭଜନ ଗାୟକ କେଶବ-କୌଶିକ (କଣ୍ଟାବାଞ୍ଜି), ଗୀତିକା ଦାସ (ବିଲାସପୁର) ଓ ରାଧିକା ଶର୍ମା (ରାଜନାନ୍ଦଗାଁ) ନିଜ ମଧୁର ଭଜନରେ ଭକ୍ତମାନଙ୍କୁ ଭାବବିଭୋର କରିଥିଲେ। ମନ୍ଦିର ପ୍ରାଙ୍ଗଣରେ ବିଶାଳ ଭଣ୍ଡାରା ଓ ମହାପ୍ରସାଦ ବଣ୍ଟନ ଆୟୋଜିତ ହୋଇଥିଲା। ଏହି ମହୋତ୍ସବ ଶ୍ରୀ ଶ୍ୟାମ ମନ୍ଦିର ଟ୍ରଷ୍ଟ ଓ ଶ୍ୟାମ ମନ୍ଦିର ଯୁବ ସଂଘର ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ଟ୍ରଷ୍ଟ ଅଧକ୍ଷ ଦୀପକ ଅଗ୍ରୱାଲ ଏହା ସୂଚନା ଦେଇଥିଲେ।

# ୨୦୨୭ ଜନଗଣନା ପାଇଁ ଜିଲ୍ଲାସ୍ତରରେ ୨ଦିନିଆ ତାଲିମ ଶିବିର

## ଏପ୍ରିଲ ୧୬ରୁ ମେ ୧୫ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଜନଗଣନା

**ପାରଳାଖେମୁଣ୍ଡି (ଏନ୍.ଏମ୍.) :** ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦୁଇ ଦିନିଆ ଜନଗଣନା ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୁନୀନ୍ଦ୍ର ହୋନନାଗା ,ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ରାଜ୍ୟ ମାଷ୍ଟର ଟ୍ରେନର ସନ୍ତୋଷ କୁମାର ଅଗାରୀ, ଯୋଜନା ଉପନିର୍ଦ୍ଦେଶକ ପ୍ରକାଶ ରାଉତ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ୨୦୨୭ ଜନଗଣନା ପାଇଁ ଜିଲ୍ଲାର ବରିଷ୍ଠ ଅଧିକାରୀ ମାନଙ୍କୁ ମାଷ୍ଟର ଟ୍ରେନର ଭାବେ, ସମସ୍ତ ତହସିଦାର ,ଅତିରିକ୍ତ ତହସିଲଦାର, ଜିଲ୍ଲା ଶିକ୍ଷା ଅଧିକାରୀ ଓ



ନିର୍ବାହୀ ଅଧିକାରୀ ମାନଙ୍କୁତାଲିମ ଦିଆଯାଇଛି। ଉକ୍ତ ଶିବିରରେ ଜିଲ୍ଲାପାଳ ସୂଚନା ଦେଇ କହିଥିଲେ ଯେ ଭାରତୀୟ ସାମ୍ବିଧାନ ଅନୁଯାୟୀ ପ୍ରତ୍ୟେକ ୧୦ ବର୍ଷରେ ଦେଶରେ ଜନଗଣନା କରାଯାଇଥାଏ। ଶେଷ ଥର ପାଇଁ ଏହା ୨୦୧୧ ମସିହାରେ ଅନୁଷ୍ଠିତ ହୋଇଥିଲା। ମହାମାରୀ କୋଭିଡ ପାଇଁ ୨୦୨୧ ମସିହାରେ ଜନଗଣନା ହୋଇ ପାରିନଥିଲା ଯାହାକି ୨୦୨୭ ମସିହାରେ ହେବାକୁ ଯାଉଛି। ଜନଗଣନା ମୁଖ୍ୟତଃ ୨ଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟରେ ଜନଗଣନା ହେବା ପୂର୍ବରୁ ଏହାର ପ୍ରଥମ ଉପକ୍ରମ ଭାବେ ଏକ ବର୍ଷ ପୂର୍ବରୁ ଗୃହ ଜନଗଣନା କାର୍ଯ୍ୟ ହେବ ଯାହାକି ଚଳିତ ବର୍ଷ ୧୬ ଏପ୍ରିଲ ରୁ ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ହେବ । ଏହି କ୍ରମରେ ଗୃହ ତାଲିକା ଜନଗଣନା ହେବ। ଜଣେ ସଚେତନ ନାଗରିକ ହିସାବରେ ନିଜର ସମସ୍ତ ତଥ୍ୟ ସଠିକ ଓ ସ୍ୱଚ୍ଛ ଭାବେ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଜନଗଣନା ସୁବିଧା ପୋର୍ଟାଲରେ ଚଳିତ ବର୍ଷ ଏପ୍ରିଲ ୧ତାରିଖ ରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏହା ପରଠାରୁ ନିଯୋଜିତ ହୋଇଥିବା ଅଧିକାରୀଙ୍କ ଦ୍ୱାରା ମୋବାଇଲ ଆପ ଜରିଆରେ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କରାଯିବ। ଗୃହ ତାଲିକା ବ୍ଲକର ଅପହଞ୍ଚ ଓ ଦୁର୍ଗମ ଅଂଚଳ ପ୍ରତି ଅଧିକ ଧ୍ୟାନ ଦିଆଯିବ। ଏହାର ସୁପରିଚାଳନ ପାଇଁ ଜାତୀୟ ସ୍ତରୀୟ ପ୍ରଶିକ୍ଷକ, ମାଷ୍ଟର ପ୍ରଶିକ୍ଷକ, କ୍ଷେତ୍ର ପ୍ରଶିକ୍ଷକ, ଗଣନାକାରି ଓ ସୁପରଭାଇଜର ନିଯୋଜିତ କରାଯିବା ବ୍ୟବସ୍ଥା ରହିଛି। ଜିଲ୍ଲାର ବରିଷ୍ଠ ଅଧିକାରୀ ମାନଙ୍କୁ ମାଷ୍ଟର ଟ୍ରେନର ଭାବେ, ତହସିଲ ଓ ସହରାଞ୍ଚଳ ସ୍ତରୀୟ ଅଧିକାରୀ ମାନଙ୍କୁ କ୍ଷେତ୍ରୀୟ ଟ୍ରେନର ଭାବେ ନିୟୋଜିତ କରାଯିବ ବୋଲି କହିଥିଲେ। ଏଥର ଦେଶରେ ପ୍ରଥମ କରି ଡିଜିଟାଲ ମାଧ୍ୟମରେ ଜନଗଣନା ହେଉଥିବାରୁ ବୈଷୟିକ ଜ୍ଞାନ କୌଶଳକୁ ବିଶେଷ ଗୁରୁତ୍ୱ ଦିଆଯାଇଛି।ଏହି ଗଣନା କେବଳ ବ୍ୟକ୍ତିବିଶେଷଙ୍କ ଗଣନା ନୁହେଁ ବରଂ ପ୍ରତ୍ୟେକ ପରିବାରର ଆର୍ଥିକ, ସାମାଜିକ ଅବସ୍ଥାର ସମ୍ପୂର୍ଣ୍ଣ ବିବରଣୀ ଲିପିବଦ୍ଧ ରହିବା ଆବଶ୍ୟକ। ସମସ୍ତେ ଯେପରି ନିଜର ସଠିକ ତଥ୍ୟ ପ୍ରଦାନ କରିବେ ସେଥିପାଇଁ ଜନସାଧାରଣଙ୍କୁ ସଚେତନତା କରିବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷଣ ଶିବିରରେ ତହସିଲଦାର, ଅତିରିକ୍ତ ତହସିଲଦାର, ପୌରପାଳିକା ଓ ବିଜ୍ଞାପିତ ଅଂଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜନଗଣନା କାର୍ଯ୍ୟରେ ସଂଶ୍ଲିଷ୍ଟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।




# ଟି-୨୦ କ୍ରିକେଟ ୱାର୍ଲଡ କପ୍

# ଜିମ୍ବାୱେକୁ ୭୨ ରନ୍‌ରେ ପରାସ୍ତ କଲା ଭାରତ

ଚେନ୍ନାଇ (ଏଜେନ୍ସି) : ଚଳିତ ଟି-୨୦ ବିଶ୍ୱକପ ରେ ପ୍ରଥମଥର ପାଇଁ ଅର୍ଦ୍ଧଶତକ କରିଛନ୍ତି ଟିମ ଇଣ୍ଡିଆନର ଓପନର ଅଭିଷକ ଶର୍ମା। ଜିମ୍ବାୱେ ବିପକ୍ଷ ସୁପର ୮ ମୁକାବିଲାରେ ଗର୍ଜିଛି ଭାରତୀୟ ବ୍ୟାଟରଙ୍କ ବ୍ୟାଟ୍। ଟସ୍ ହାରି ଚେନ୍ନାଇରେ ପ୍ରଥମେ ବ୍ୟାଟିଂ କରୁଥିବା ଭାରତ ପାଇଁ ଅଭିଷେକ ଶର୍ମା ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି। ସେହିପରି ଶେଷ ଭାଗରେ ତିଳକ ବର୍ମା ଓ ହାର୍ଦ୍ଦିକ ପାଣ୍ଡ୍ୟା ନିଜର ବିସ୍ଫୋରକ ରୂପ ଦେଖାଇଛନ୍ତି। ଏଥିଯୋଗୁ ଭାରତ ଟି-୨୦ ବିଶ୍ୱକପରେ ନିଜର ପୁରୁଣା ରେକର୍ଡ ଭାଙ୍ଗିଛି। ତଳିତ ଶେଷ ଯାଏ ୧୬ ବଲରେ ୪୪ ଓ ପାଣ୍ଡ୍ୟା ୨୩ ବଲରେ ୫୦ ରନର ଅପରାଜିତ ଇନିଂସ ଖେଳିଛନ୍ତି। ଭାରତ ମଧ୍ୟ ନିଜ ଟି-୨୦ ବିଶ୍ୱକପ ଇତିହାସରେ ସର୍ବାଧିକ ରନ କରିବାକୁ ସକ୍ଷମ ହୋଇଛି। ପୂର୍ବରୁ ଭାରତ ୨୦୦୭ରେ ଇଂଲଣ୍ଡ ବିପକ୍ଷ ଟି-୨୦ ବିଶ୍ୱକପର ଡର୍ବାନ ମ୍ୟାଚ୍‌ରେ ୨୧୮ ରନ କରିଥିଲା। କିନ୍ତୁ ଆଜି ଏହାକୁ ଦଳ ଅତିକ୍ରମ କରି ଯାଇଛି। ସେହିପରି ଚଳିତ ବିଶ୍ୱକପରେ ଭାରତ ପ୍ରଥମ ଥର ୨୦୦ରୁ ଅଧିକ ରନ କରିପାରିଛି। ଚଳିତ ବିଶ୍ୱକପରେ ମଧ୍ୟ ଏହା ସର୍ବୋଚ୍ଚ ଦଳଗତ ସ୍କୋର। ଏହାପୂର୍ବରୁ ୱେଷ୍ଟଇଣ୍ଡିଜଏହି ଜିମ୍ବାୱେ ବିପକ୍ଷରେ ୨୫୪ ରନର ଇନିଂସ ଖେଳିଥିଲା। ଜିମ୍ବାୱେ ବିପକ୍ଷରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୫୬ ରନ କରିଛି। ଏବେ ଜିମ୍ବାୱେକୁ କର ବା ମର ମ୍ୟାଚ୍‌କୁ ଜିତିବା ପାଇଁ ୨୫୭ ରନ ଟାର୍ଗେଟ ମିଳିଛି। ଭାରତୀୟ ବ୍ୟାଟରଙ୍କ ବ୍ୟାଟରୁ ଦେଖିବାକୁ ମିଳିଛି ୧୬ଟି ଛକା। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍ ହାରିବା ପରେ ଆଜି ଦୁଇଟି ପରିବର୍ତ୍ତନ ସହ ମୈଦାନାକୁ ଓହ୍ଲାଇଛି ଟିମ ଇଣ୍ଡିଆ। ଦଳ ପାଇଁ ଆଜି ଇନିଂସ ଆରମ୍ଭ



କରିଥିଲେ ସଞ୍ଜୁ ସାମସନ ଓ ଅଭିଷେକ ଶର୍ମା। ସାମସନ ଛକା ମାରି ଖାତା ଖୋଲିଥିବା ବେଳେ ଅଭିଷେକ ଶର୍ମା ବେଶ ସତର୍କତାର ସହ ବ୍ୟାଟିଂ କରିଥିଲେ। ବଡ଼ବଡ଼ ଶଟ ଖେଳିବାକୁ ଯାଇ ଦଳୀୟ ସ୍କୋର ୪୮ ଥିବା ବେଳେ ପ୍ରଥମ ବ୍ୟାଟର ଭାବେ ଆଉଟ ହୋଇଥିଲେ ସାମସନ। ସେ ୧୫ ବଲରେ ୨୪ ରନ କରି ବ୍ଲେସିଂ ମୁଜରବାନିଙ୍କ ବଲରେ ଆଉଟ ହୋଇଥିଲେ। ଏହାପରେ ଆସିଥିବା ଈଶାନ କିଶନ ମଧ୍ୟ ନିଜର ଦମ ଦେଖାଇଥିଲେ। ଅଭିଷେକଙ୍କୁ ସାଥୀ କରି ସେ ପାୱାର ପ୍ଲେ ଅର୍ଥାତ ପ୍ରଥମ ୬ ଓଭରରେ ଦଳ ପାଇଁ ୮୦ ରନ ଯୋଡ଼ିଥିଲେ। ଏଥିସହ ଦ୍ୱିତୀୟ ୱିକେଟ ପାଇଁ ୪୨ ବଲରେ ୭୨ ରନ ଯୋଡ଼ିଥିଲେ। ଅଭିଷେକ ଶର୍ମା ମଧ୍ୟ ୧୦.୧ ଓଭରରେ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ୨୬ ବଲରେ ବଲରେ ସେ ଚଳିତ ବିଶ୍ୱକପରେ ନିଜର ପ୍ରଥମ ଅର୍ଦ୍ଧଶତକ ହାସଲ କରିବା ପରେ ଗିୟର ବଦଳାଇଥିଲେ। ଈଶାନ ମଧ୍ୟ ୧୧ତମ ଓଭର ବୋଲିଂ କରୁଥିବା ସିକନ୍ଦର ରଜାଙ୍କୁ ଗୋଟିଏ ଛକା ଓ ଚୌକା ମାରିଥିଲେ। କିନ୍ତୁ ପରବର୍ତ୍ତୀ ବଲରେ ସେ ଆଉଟ ହୋଇଯାଇଥିଲେ। କିଶନ ଆଜି ୨୪ ବଲରେ ୩୮ ରନର ଇନିଂସ ଖେଳିଛନ୍ତି। ୪ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ଆଜି ଅଲଗା ଲୟରେ ଥିଲେ। ସେ ଚୌକା ମାରି ଖାତା ଖୋଲିବା ସହ କ୍ରମାଗତ ବଡ଼ ଶଟ ଖେଳିଥିଲେ। ଏସବୁ ଭିତରେ ଅଭିଷେକ ଶର୍ମା ୧୩ତମ ଓଭରରେ ଆଉଟ ହୋଇ ଯାଇଥିଲେ। ୩୦ ବଲରେ ୫୫ ରନର ଇନିଂସ ଖେଳିଥିବା ଅଭିଷେକ ଶର୍ମାଙ୍କୁ ଆଉଟ କରିଛନ୍ତି ଟି ମାପୋସା। ଆଉ ଗୋଟିଏ ଓଭର ପରେ ଅଧିନାୟକ ସୂର୍ଯ୍ୟ କୁମାର ମଧ୍ୟ ବଡ଼ ଶଟ ଖେଳିବାକୁ ଯାଇ ଆଉଟ ହୋଇଥିଲେ। ସେ ଆଜି ୧୩ ବଲରେ ୩୩ ରନର ଇନିଂସ ଖେଳିଛନ୍ତି। ସେ ଆଉଟ ହେବା ପରେ ସ୍ଥିତି ସମ୍ଭାଳିଥିଲେ ହାର୍ଦ୍ଦିକ ପାଣ୍ଡ୍ୟା ଓ ତିଳକ ବର୍ମା। ଉଭୟ ଦମଦାର ବ୍ୟାଟିଂ କରି ଦଳୀୟ ସ୍କୋରକୁ ୧୬.୪ ଓଭରରେ ୨୦୦ରେ ପହଞ୍ଚାଇଥିଲେ। ପରବର୍ତ୍ତୀ ୨ ବଲ ଡଟ ହେବାରୁ ଭାରତ ୧୭ ଓଭର ସୁଦ୍ଧା ୩ ୱିକେଟ ହରାଇ ୨୦୦ ରନ ହିଁ କରିଥିଲା। ୧୮ତମ ଓଭର ନେଇ ଆସିଥିବା ମୁଜରବାନିଙ୍କ ପ୍ରଥମ ବଲରେ ପାଣ୍ଡ୍ୟା ଛକା ମାରିଥିଲେ। ତଳିକ ମଧ୍ୟ ତୃତୀୟ ବଲରେ ଚୌକା ଲଗାଇଥିଲେ। ଶେଷ ବଲରେ ସେ ପୁଣି ଗୋଟିଏ ଛକା ମାରିବାରୁ ଏହି ଓଭରରେ ଭାରତକୁ ମୋଟ ୧୯ ରନ ମିଳିଥିଲା। ୧୯ତମ ଓଭରରେ ରିଚାର୍ଡ ନାଗାରାଭା ୨ଟି ଛକା ଓ ଗୋଟିଏ ଚୌକା ସହ ମୋଟ ୨୧ ରନ ଦେଇଥିଲେ। ୧୯ ଓଭର ଶେଷ ସୁଦ୍ଧା ଭାରତ ସ୍କୋର ୨୪୧/୪ରେ ପହଞ୍ଚି ଯାଇଥିଲା। ଶେଷ ଓଭର ନେଇ ଆସିଥିଲେ ବ୍ରାଡ ଇଭାନ୍ସ। ତାଙ୍କର ପ୍ରଥମ ବଲରେ ତିଳକ ବର୍ମା ଡଟ ହୋଇଥିବା ବେଳେ ଦ୍ୱିତୀୟ ବଲରେ ୧ ରନ ନେଇଥିଲେ। ତୃତୀୟ ବଲ ସାମ୍ନା କରିବାକୁ ଆସିଥିଲେ ପାଣ୍ଡ୍ୟା। ହେଲେ ସେ ମଧ୍ୟ ତୃତୀୟ ବଲ ଡଟ ହୋଇଥିଲେ। ୪ର୍ଥ ବଲରୁ ମିଳିଥିଲା ୨ ରନ। ୫ ବଲରେ ପାଣ୍ଡ୍ୟା ମାରିଥିଲେ ଛକା। ଏଥିସହ ଭାରତ ସ୍କୋର ୨୫୦ ଛୁଇଁଥିଲା। ଶେଷ ବଲରେ ସେ ଛକା ମାରି ନିଜର ଅର୍ଦ୍ଧଶତକ ମଧ୍ୟ ପୂରଣ କରିଥିଲେ। ପାଣ୍ଡ୍ୟା ୨୩ ବଲରେ ନିଜର ଅର୍ଦ୍ଧଶତକ ହାସଲ କରିଛନ୍ତି। ଆଜି ପାଣ୍ଡ୍ୟା ୪ଟି ଛକା ଓ ୨ଟି ଚୌକା ମାରିଛନ୍ତି। ସେହିପରି ତିଳକ ବର୍ମା ୧୬ ବଲରେ ଅପରାଜିତ ୪୪ ରନର ଇନିଂସ ଖେଳିଛନ୍ତି। ଏହି ଇନିଂସରେ ୩ଟି ଚୌକା ଓ ୪ଟି ଛକା ମାରିଛନ୍ତି।

# ରିଙ୍କୁ ସିଂହଙ୍କ ବାପାଙ୍କ ପରଲୋକ



ଗ୍ରେଟର ନୋଏଡ଼ା (ଏଜେନ୍ସି) : କ୍ରିକେଟର ରିଙ୍କୁ ସିଂହଙ୍କ ବାପା ଖାନଚନ୍ଦ ସିଂହଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ସେ ଲିଭର କ୍ୟାନସରରେ ପୀଡ଼ିତ ଥିଲେ। ଗତ ସପ୍ତାହରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନ୍ନତି ଦେଖିବାକୁ ମିଳିଥିଲା। ତେଣୁ ତାଙ୍କୁ ଗ୍ରେଟର ନୋଏଡାର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ଚିକିତ୍ସାଧୀନ ଥିବା ବେଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଚଳିତ ଟିଟ୍ୱେଣ୍ଟି ବିଶ୍ୱକପ୍ ରେ ଭାରତୀୟ ଟିମ୍‌ରେ ସ୍ଥାନ ପାଇଛନ୍ତି ରିଙ୍କୁ ସିଂହ। ଜିମ୍ବାୱେ ବିପକ୍ଷ ମ୍ୟାଚ୍ ପୂର୍ବରୁ ସେ ତାଙ୍କ ବାପାଙ୍କୁ ଦେଖିବାକୁ ଆସିଥିଲେ। ବାପାଙ୍କୁ ଦେଖି ଫେରି ଯାଇଥିଲେ ରିଙ୍କୁ। ଗତକାଲି ଜିମ୍ବାୱେ ବିପକ୍ଷ ମ୍ୟାଚ୍ ଖେଳା ଯାଇଥିବା ବେଳେ ରିଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇ ନଥିଲେ। ତାଙ୍କ ବଦଳରେ ସଞ୍ଜୁ ସାମସନଙ୍କୁ ଖେଳା ଯାଇଥିଲେ। ତେବେ ବିକଳ୍ପ ଫିଲ୍‌ଡର ଭାବେ ସେ ଏହି ମ୍ୟାଚ୍‌ରେ ଭାଗ ନେଇଥିଲେ। ଖାନଚନ୍ଦ ସିଂହଙ୍କ ମୃତ୍ୟୁ ଖବର ପାଇବା ପରେ ସାଥୀ ଖେଳାଳିଙ୍କ ସହିତ ଅନେକ ପୂର୍ବତନ ଖେଳାଳି ଦୁଃଖ ପ୍ରକାଶ କରିବା ସହିତ ରିଙ୍କୁ ସିଂହ ଓ ତାଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ସୂଚନାଯୋଗ୍ୟ, ସୁପର ୮ ର ପ୍ରମଥ ମ୍ୟାଚ୍ ଦକ୍ଷିଣ ଆଫ୍ରିକାଠାରୁ ପରାସ୍ତ ହୋଇଥିବା ଭାରତୀୟ ଦଳ ଗତକାଲି ଦ୍ୱିତୀୟ ମ୍ୟାଚ୍‌ରେ ଜିମ୍ବାୱେକୁ ୭୨ ରନ୍‌ରେ ହରାଇଛି। ସୁପର ୮ର ତୃତୀୟ ମ୍ୟାଚ୍‌ରେ ଭାରତ ଭେଟିବ ୱେଷ୍ଟଇଣ୍ଡିଜ୍‌କୁ। ଏହି ମ୍ୟାଚ୍ ଆସନ୍ତା ରବିବାର କୋଲକାତାରେ ଖେଳା ଯିବ। ଏଥିରେ ଯିଏ ବିଜୟୀ ହେବ, ସେ ଫାଇନାଲକୁ ଯିବ। ଗୋଟିଏ ପଟେ ଭାରତ ଜିମ୍ବାୱେକୁ ହରାଇଥିବା ବେଳେ ଅନ୍ୟପଟରେ ୱେଷ୍ଟଇଣ୍ଡିଜ୍‌କୁ ୯ ୱିକେଟ୍‌ରେ ପରାସ୍ତ କରିଥିଲା ଦକ୍ଷିଣ ଆଫ୍ରିକା।

# ମାନ୍ୟତା ଖସୁଛି । ଚିନ୍ତା ବଢ଼ାଇଛି ଭାରତୀୟ ହକି ଦଳର ପ୍ରଦର୍ଶନ

ନୂଆଦିଲ୍ଲୀ (ଏଜେନ୍ସି) : ଦୁଇ ଥର ଅଲିମ୍ପିକ୍ସ ପଦକ ବିଜେତା ଗୋଲକିପର ପିଆର ଶ୍ରୀଜେଶଙ୍କ ସନ୍ନ୍ୟାସ ପରେ ଭାରତୀୟ ଗୋଲପୋଷ୍ଟ ଯେମିତି ହୁଗୁଳା ହୋଇ ପଡ଼ିଛି । ସୂରଜ କାର୍କେରା, ପୱନ ଏବଂ ଅନ୍ୟମାନେ ସେମିତି ଅଭିଜ୍ଞ ହୋଇ ନାହାନ୍ତି । ନିୟମିତ ଅଧିନାୟକ ଡ୍ରାଗ୍ ଫ୍ଲିକର ହର୍ମନପ୍ରୀତ ସିଂ ଭଲ ଫର୍ମରେ ନାହାନ୍ତି । ଯୁବ ଖେଳାଳିଙ୍କୁ ସୁଯୋଗ ମିଳୁଛି, କିନ୍ତୁ ତଥାପି ଦଳ ଭଲ ପ୍ରଦର୍ଶନ କରିପାରୁନି । ଆସନ୍ତା ସେପ୍ଟେମ୍ବର ମାସରେ ଏସିଆଡ୍ । ଏସିଆଡ୍‌ରେ ଭାରତ ସ୍ୱର୍ଣ୍ଣ ଜିତି ପାରିଲେ ସିଧାସଳଖ ଅଲିମ୍ପିକ୍ସ ଟିକେଟ୍ ମିଳିପାରିବ । ମାତ୍ର ତା' ପୂର୍ବରୁ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ରେ ଭାରତୀୟ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଚିନ୍ତାର କାରଣ ପାଲଟିଛି । ପ୍ରଦର୍ଶନ ଅନୁସାରେ ଭାରତୀୟ ଦଳ ଏଫ୍‌ଆଇଏଚ୍ ମାନ୍ୟତା ତାଲିକାରେ ଖସିବାରେ ଲାଗିଛି । ଏବେ ଭାରତ ଅଷ୍ଟମ ସ୍ଥାନରେ ରହିଛି । ଏମିତି ପ୍ରଦର୍ଶନ ଜାରି ରହିଲେ ଦଳ ପାକିସ୍ତାନ (୧୪ତମ) ଭଳି ଶ୍ରେଷ୍ଠ ୧୦ରୁ ବାଦ ପଡ଼ିଯିବ । ପ୍ରୋ ଲିଗ୍ ?ରେ ଏପର୍ଯ୍ୟନ୍ତ ଭାରତ ୮ଟି ମ୍ୟାଚ୍ ଖେଳି ସାରିଛି । ସେଥିରୁ ମାତ୍ର ଗୋଟିଏ ଜିତିବାରେ ସଫଳ ହୋଇଛି । ଅର୍ଥାତ ଦଳ ପାଇଁ ବିଜୟ ପଦ୍ମ ଯେମିତି ଘୁଞ୍ଚି ଘୁଞ୍ଚି ଯାଉଛି । ରାଉରକେଲାରେ ଭାରତ ପ୍ରୋ ଲିଗର ୪ଟି ଘରୋଇ ମ୍ୟାଚ ଆର୍ଜେଣ୍ଟିନା (୮-୦, ୪-୨ ଗୋଲ) ଓ ବେଲଜିୟମ (୩-୧, ୪-୨ ଗୋଲ) ସହ ଖେଳି ପରାଜିତ ହୋଇଥିଲା । ଏହାପରେ ହୋବାର୍ଟ ଗସ୍ତ କରିଥିଲା । ସେଠାରେ ସ୍ପେନଠୁ ୨-୦ ଓ ୧-୧ (୪- ୩) ଗୋଲରେ ଏବଂ ଅଷ୍ଟ୍ରେଲିଆଠୁ ୨-୨



(୫-୪) ପରାଜିତ ହୋଇଥିଲା । ଦ୍ୱିତୀୟ ଚରଣରେ ଅଷ୍ଟ୍ରେଲିଆକୁ ୧-୧ (୩-୧) ଗୋଲରେ ପରାଜିତ କରିଥିଲା । କ୍ରମାନ୍ୱୟରେ ୭ଟି ମ୍ୟାଚରେ ହାରିବା ପରେ ଦଳର ଏହା ପ୍ରଥମ ବିଜୟ ଥିଲା। ରାଉରକେଲାରେ ହର୍ମନପ୍ରୀତ ଅଧିନାୟକତ୍ୱ ସମ୍ଭାଳିଥିଲେ। କିନ୍ତୁ ସେ ବ୍ୟକ୍ତିଗତ କାରଣରୁ ହୋବାର୍ଟ ଗସ୍ତ କରିନଥିଲେ । ତେଣୁ ହାର୍ଦ୍ଦିକ ସିଂଙ୍କୁ ଦଳର ନେତୃତ୍ୱ ଦିଆଯାଇଥିଲା । ପ୍ରୋ ଲିଗ ପଏଣ୍ଟ ଟେବୁଲରେ ଭାରତ ଶେଷ ସ୍ଥାନରେ ଥିବା ପାକିସ୍ତାନ ଉପରେ ଅଷ୍ଟମ ସ୍ଥାନରେ ରହିଛି । ପାକିସ୍ତାନ ୮ଟି ମ୍ୟାଚ ଖେଳି ପଏଣ୍ଟ ଖାତା ଖୋଲି ପାରି ନାହିଁ । ଭାରତ ୪ ପଏଣ୍ଟ ପାଇଛି । କ୍ରମାନ୍ୱୟରେ ୨ ଥର ଅଲିମ୍ପିକ୍ସରେ ଭାରତ ବ୍ରୋଞ୍ଜ ପଦକ ଜିତିଛି । କିନ୍ତୁ ଏମିତି ସମୟ ଆସିଛି ଦଳକୁ ପଡୋଶୀ ପାକିସ୍ତାନ ସହ ତୁଳନା କରିବାକୁ ପଡୁଛି । ଭାରତ ଅବଶିଷ୍ଟ ପ୍ରୋ ଲିଗ୍ ମ୍ୟାଚ ଆସନ୍ତା ଜୁନ ମାସରେ ଖେଳିବ । ପରବର୍ତ୍ତୀ ପ୍ରୋ ଲିଗ ପାଇଁ ଦଳ ପାଖରେ ଯଥେଷ୍ଟ ସମୟ ରହିଛି । ଦଳରେ ଅଧିକ ପରୀକ୍ଷା ନିରୀକ୍ଷା ନକରି ଏକ ଦୃଢ଼ ଦଳ ଏସିଆଡ୍ ପାଇଁ ଗଠନ କରିବାକୁ ହେବ । ଏସିଆଡ୍ ?ରେ ଦଳ ଯେମିତି ସ୍ୱର୍ଣ୍ଣ ଜିତି ସିଧାସଳଖ ଅଲିମ୍ପିକ୍ସ ଟିକେଟ୍ ହାସଲ କରିବ ତା ଉପରେ ଟିମ୍ ମ୍ୟାନେଜମେଣ୍ଟକୁ ଧ୍ୟାନ ଦେବାକୁ ହେବ । ବିଶେଷ କରି ଦଳର ଗୋଲକିପର ଏବଂ ଡ୍ରାଗ ଫ୍ଲିକରଙ୍କ ଉପରେ ଅଧିକ ଫୋକସ କରିବାକୁ ହେବ । ଶ୍ରୀଜେଶଙ୍କ ଭଳି ଗୋଲକିପର ଏବଂ ହର୍ମନପ୍ରୀତଙ୍କ ଭଳି ଡ୍ରାଗ ଫ୍ଲିକର ଦଳକୁ ଆବଶ୍ୟକ ରହିଛି । ତେଣୁ ସମୟ ଥାଉ ଥାଉ ଏସବୁ ଦିଗ ଉପରେ ଯଦି ଫୋକସ କରାନଯିବ, ଆଗକୁ ସମସ୍ୟା ଅଧିକ ଜଟିଳ ହୋଇ ପଡ଼ିବ । ପୂର୍ବାପେକ୍ଷା ଭାରତୀୟ ଦଳରେ ଓଡ଼ିଶା ଖେଳିଙ୍କ ପ୍ରତିନିଧିତ୍ୱ ବଢ଼ିବାରେ ଲାଗିଛି । ଡିଫେଣ୍ଡର ଅମିତ ରୋହିଦାସଙ୍କ ସହ ଫରୱାର୍ଡ ଶିଳାନନ୍ଦ ଲାକ୍ରା ଓ ଡିଫେଣ୍ଡର ଅମନଦୀପ ଲାକ୍ରା ହୋବାର୍ଟ ଗସ୍ତରେ ଯାଇଥିଲେ । ସେମିତି ରାଉରକେଲାରେ ଡିଫେଣ୍ଡର ନୀଲମ ସଞ୍ଜୀପ ଖେସ ଓ ମିଡଫିଲ୍‌ଡର ରୋଶନ କୁଜୁରଙ୍କୁ ସୁଯୋଗ ମିଳିଥିଲା । ଶିଳାନନ୍ଦ କିନ୍ତୁ ପ୍ରତ୍ୟେକ ମ୍ୟାଚ୍ରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇଚାଲିଛନ୍ତି ।

**ପବିତ୍ର ଦୋଳ ଏବଂ ହୋଲି ପର୍ବ ଅବସରରେ ସମସ୍ତଙ୍କ ସୁଖ କାମନା କରୁଛୁ ।**

**- ନିଷ୍କର୍ଷ ପରିବାର**

# ଚକମିଲେ ଶିଳାନନ୍ଦ, ଅଟକିଲା ପରାଜୟ ଧାରା

## ଅଷ୍ଟ୍ରେଲିଆକୁ ହରାଇ ହୋବର୍ଟ ପର୍ଯ୍ୟାୟ ଶେଷ କଲା ଭାରତ



ହୋବର୍ଟ(ଏଜେନ୍ସି): ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପୁରୁଷ ହକି ପ୍ରତିଯୋଗିତାରେ ଭାରତୀୟ ଦଳର ପରାଜୟ ଧାରାରେ ବ୍ରେକ୍ ଲାଗିଛି । ରାଉରକେଲା ପର୍ଯ୍ୟାୟରେ ଲଗାତାର ଚାରିଟି ମ୍ୟାଚ୍ ହାରିବା ପରେ ଅଷ୍ଟ୍ରେଲିଆର ହୋବର୍ଟ ପର୍ଯ୍ୟାୟରେ ଲଜ୍ଜାଜନକ ପ୍ରଦର୍ଶନ କରି ଆସୁଥିବା ଭାରତୀୟ ହକି ଦଳ ଶେଷରେ ବିଜୟର ପ୍ରତୀକ୍ଷିତ ସ୍ୱାଦ ଚାଖିଛି । ବୁଧବାର ଘରୋଇ ଅଷ୍ଟ୍ରେଲିଆକୁ ସୁଟ୍‌ଆଉଟ୍‌ରେ ୩-୧ (୧-୧) ଗୋଲ୍‌ରେ ପରାସ୍ତ କରି ବୋନସ୍ ପଏଣ୍ଟ୍ ସହ ଗସ୍ତ ଶେଷ କରିଛି । ଏହି ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ୧-୧ ଗୋଲ୍‌ରେ ଅମୀମାଂସିତ ରହିଥିଲା । ହେଲେ ସୁଟ୍‌ଆଉଟ୍‌ରେ ଭାରତ ବାଜି ମାରି ନେଇଥିଲା । ଯୁବ ଗୋଲ୍ ରକ୍ଷକ ମୋହିତ ଶଶିକୁମାର ଭାରତର ଏହି ସ୍ମରଣୀୟ ବିଜୟରେ ନିର୍ଣ୍ଣାୟକ ଭୂମିକା ତୁଲାଇଥିଲେ। ଓଡ଼ିଆ ତାରକା ଶିଳାନନ୍ଦ ଲାକ୍ରା ନିର୍ଦ୍ଧାରିତ ସମୟରେ ବହୁମୂଲ୍ୟ ଗୋଲ୍ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିବା ପରେ ସୁଟ୍‌ଆଉଟ୍‌ରେ ଗୋଲ୍ କରି ଭାରତୀୟ ବିଜୟର ଅନ୍ୟତମ ନାୟକ ସାଜିଥିଲେ। ଏହି ରୋମାଞ୍ଚକ ବିଜୟ ପରେ ଯୁବ ଖେଳାଳି ସମୃଦ୍ଧ ଭାରତୀୟ ହକି ଦଳ ମଧ୍ୟ ତା'ର ଆତ୍ମବିଶ୍ୱାସ କିଛିଟା ଫେରି ପାଇଛି। ଭାରତୀୟ ହକି ଦଳ ଏବେ ଏହି ୯ଦଳୀୟ ପ୍ରତିଯୋଗିତାରେ ୮ ମ୍ୟାଚ୍‌ରୁ ମାତ୍ର ୪ ପଏଣ୍ଟ୍ ପାଇ ଅଷ୍ଟମ ସ୍ଥାନରେ ରହିଛି। ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ରୋଟରଡାମ୍‌ଠାରେ ନେଦରଲାଣ୍ଡ୍‌ସ ଓ ଜର୍ମାନୀକୁ ଭେଟିବ। ଏହି ପର୍ଯ୍ୟାୟ ଜୁନ୍ ୨୧ରୁ ଆରମ୍ଭ ହେବ। ମ୍ୟାଚ୍‌ର ପ୍ରଥମ ତିନି କ୍ୱାର୍ଟର୍‌ରେ ଉଭୟ ଦଳ କେହି କାହାରିକୁ ଗୋଲ୍ ଦେଇ ପାରି ନଥିଲେ। ଚତୁର୍ଥ କ୍ୱାର୍ଟରର ଚତୁର୍ଥ ମିନିଟ୍‌ରେ ଜେରେମି ହେୱାର୍ଡ ଏକ ପେନାଲ୍‌ଟି କର୍ଣ୍ଣରକୁ ଗୋଲ୍‌ରେ ରୂପାନ୍ତର କରି କଙ୍ଗାରୁ ଦଳକୁ ଆଗୁଆ କରିଥିଲେ। ଶିଳାନନ୍ଦ ୫୧ ମିନିଟ୍‌ରେ ଏକ ଚମକ୍ରାର ଗୋଲ୍ ଦେଇ ସ୍ଥିତି ୧-୧ କରି ନେଇଥିଲେ। ଶେଷ ପର୍ଯ୍ୟନ୍ତ ଏହି ସ୍କୋର୍ ଲାଇନ୍ ଅପରିବର୍ତ୍ତିତ ରହିଥିଲା।

# ଇଟାଲି ମହିଳା କ୍ରିକେଟ୍ ଦଳରେ ଯୌନ ନିର୍ଯାତନା ଅଭିଯୋଗ

ନୂଆଦିଲ୍ଲୀ (ଏଜେନ୍ସି) : ପ୍ରଥମ ଥର ପାଇଁ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଖେଳି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଇଟାଲି କ୍ରିକେଟ୍ ଏବେ ଆଉ ଏକ କାରଣ ପାଇଁ ଚର୍ଚ୍ଚାରେ ରହିଛି । ଇଟାଲି କ୍ରିକେଟ୍‌ରେ ଏକ ଯୌନ ନିର୍ଯାତନା ଅଭିଯୋଗ ଆସିବା ପରେ ଇଟାଲି କ୍ରିକେଟ୍ ବୋର୍ଡ (ଫେଡେରାଜିଓନ୍ କ୍ରିକେଟ୍ ଇଟାଲିଆ ବା ଏଫସିଆରଆଇ) ତାହାକୁ ଗୁରୁତ୍ୱର ସହ ନେଇ ତଦନ୍ତ ନିର୍ଦ୍ଦେଶ ଦେଇଛି । ସୂଚନା ଅନୁସାରେ ଇଟାଲି ମହିଳା ଦଳର ସଂଯୋଜକ ତଥା ଶ୍ରୀଲଙ୍କା ବଂଶୋଦ୍ଭବ ପ୍ରଭାତ ଏନକାଲିଗୋଡାଙ୍କ ବିରୋଧରେ ଏହି ଅଭିଯୋଗ ଆସିଛି । ଗତ ବର୍ଷ ମାର୍ଚ୍ଚ ମାସରେ ସେ ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱରେ ଥିବା ବେଳେ ଜଣେ ମହିଳା କ୍ରିକେଟରଙ୍କୁ ଆପତ୍ତିଜନକଭାବେ ସ୍ପର୍ଶ କରିଥିବା ଅଭିଯୋଗ ଆସିବା ପରେ ତାଙ୍କୁ ନିଲମ୍ବିତ କରିଦିଆଯାଇଛି ।

ମହିଳା ଖେଳାଳିଙ୍କ ଆଣ୍ଠୁରେ ଥିବା ଆଘାତର ଯାଞ୍ଚ ବାହାନାରେ ଏନକାଲିଗୋଡା ଅସଦାଚରଣ କରିଥିବା ରୋମ୍ ପୁଲିସରେ ଅଭିଯୋଗ ହୋଇଥିଲା। ଏହା ପରେ ପୁଲିସ ତାଙ୍କୁ ଜେରା କରିଥିଲା। ତେବେ ଏହି ଅଭିଯୋଗକୁ ତାଙ୍କ ଓକିଲ ଖାରଜ କରିଦେଇଛନ୍ତି ଓ କହିଛନ୍ତି ଯେ ତାଙ୍କୁ ଫସାଇବାକୁ ଏପରି ଅଭିଯୋଗ ଅଣାଯାଇଛି। ସେପଟେ ଏଫସିଆରଆଇ ପକ୍ଷରୁ କୁହାଯାଇଛି ଯେ ପୁଲିସର ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଚଳିତ ପୁରୁଷ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ସମୟରେ ବି ସେ ଇଟାଲି ଦଳ ସହିତ ଭାରତ ଆସିଥିଲେ, କିନ୍ତୁ ତାଙ୍କୁ କୌଣସି ଔପଚାରିକ ଦାୟିତ୍ୱ ଦିଆଯାଇନଥିଲା ।




NTV NISHKARSHA

ନିଷ୍କର୍ଷ NISHKARSHA

ପ୍ରତିଦିନ ଆପଣଙ୍କୁ ତାଜା ଖବର ଦେବା ପାଇଁ
ନିଷ୍କର୍ଷ ମିଡିଆ ଅଙ୍ଗୀକାରବଦ୍ଧ
ତେଣୁ ଆପଣ ନିଷ୍କର୍ଷ ସାପ୍ତାହିକଖବରକାଗଜ, ନିଷ୍କର୍ଷ ପୋର୍ଟାଲ, ୟୁଟ୍ୟୁବ ଚାନେଲ ସହ ୨୪ଘଣ୍ଟିଆ ଚାନେଲ ଏନଟିଭି ଦେଖନ୍ତୁ
ସର୍ଚ୍ଚ କରନ୍ତୁ
nishkarsha.com

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA). Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ : ତପନ କୁମାର ସାହୁ